

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com



ପ୍ରକାଶ ପାଇଛି ପୂଜା ସଂଖ୍ୟା

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧



ବାଲେଶ୍ୱର ■ ଗୁରୁବାର ୧୭ ନଭେମ୍ବର ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 17 NOVEMBER 2022
Vol.No. 33 ■ No. 298 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2019


## ମିଶନ ମୁନ୍‌ରେ ଇତିହାସ ରଚିଲା ନାସା

# ପ୍ରେରଣ କଲା ଆର୍ଟେମିସ ୱାନ ମହାକାଶଯାନ

ନୂଆଦିଲ୍ଲୀ, ୧୬/୧୧ : ଆମେରିକା ସ୍ପେସ ଏଜେନ୍ସି ନାସାର ଚନ୍ଦ୍ର ମିଶନ 'ଆର୍ଟିମିସ-ୱାନ' ସଫଳତାର ସହ ଲଞ୍ଚ ହୋଇଛି । ରକେଟଟି ଫ୍ଲୋରିଡ଼ାର କେନେଡି ସ୍ପେସ ସେଣ୍ଟରରୁ ଭାରତୀୟ ସମୟ ଅନୁସାରେ ୧୨.୧୭ ମିନିଟରେ ଲଂଚ ହୋଇଛି । ଦୁନିଆର ସବୁଠୁ ବଡ଼ ରକେଟ୍ ଲଂଚ କରିବାରେ ଏହା ନାସାର ତୃତୀୟ ପ୍ରୟାସ । ଆମେରିକା ଅନ୍ତରୀକ୍ଷ ଏଜେନ୍ସି ୫୦ ବର୍ଷ ପରେ ଏହି ମିଶନ କରିଛି । ନାସାର ମଙ୍ଗଳ ମିଶନ ପରେ ଏହି ଆର୍ଟିମିସ-ୱାନ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ମିଶନ । ତେବେ ଏହାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଭବିଷ୍ୟତରେ ମନୁଷ୍ୟଙ୍କୁ ଚନ୍ଦ୍ର ଓ ଚନ୍ଦ୍ର କକ୍ଷକୁ ପଠାଇବା ।



ନାସା ଏହି ରକେଟ ମାଧ୍ୟମରେ ଚନ୍ଦ୍ରକୁ ଓରିଓନ ସ୍ପେସସିପ ପଠାଇଛି । ଏହି ସ୍ପେସସିପ ଚନ୍ଦ୍ରରେ ୪୨ ଦିନ ଯାତ୍ରା ପରେ ଫେରିବାର ସୂଚନା ରହିଛି । ଏହି ଆର୍ଟିମିସ ରକେଟର ଗତି ୨୧ ଲକ୍ଷ କିଲୋମିଟର ରହିଛି । ନାସାର ସୂଚନା ଅନୁସାରେ, ଆସନ୍ତା ସୋମବାର ଓରିଓନ୍ ସ୍ପେସସିପ୍ ଚନ୍ଦ୍ରର ପାଖରେ ୯୬.୫ କିଲୋମିଟର ଦେଇ ଏହା ଗତି କରିବ । କିଛି ସପ୍ତାହ ମହାକାଶରେ ନିରୀକ୍ଷଣ କରିବା ସହ ଏହା ୧୧ ଡିସେମ୍ବରରେ ପ୍ରଶାନ୍ତ ମହାସାଗରରେ ପଡ଼ିବ । ଏବଂ ଫେରିବା ସମୟରେ ଏହାର ଗତି ଘଂଟା ପ୍ରତି ୪୦ ହଜାର କିଲୋମିଟର ରହିବ । ଯଦି ଏହି ମିଶନ ପରୀକ୍ଷଣ ସଫଳ ହୁଏ ତେବେ ୨୦୨୫ ସୁଦ୍ଧା ଅନ୍ତରୀକ୍ଷ ଯାତ୍ରୀଙ୍କୁ ଚନ୍ଦ୍ରକୁ ପଠାଯିବ । ଆର୍ଟିମିସ-ୱାନ ମିଶନ ପରେ ନାସା ବୈଜ୍ଞାନିକ ଚନ୍ଦ୍ରରେ ପହଞ୍ଚିବାକୁ ଅନ୍ୟ ଆବଶ୍ୟକ ଦିଗ ପ୍ରତି ଧ୍ୟାନ ଦେବେ ଯାହା ଫଳରେ ଯିଏ କେହିବି ଚନ୍ଦ୍ରକୁ ଯାଇ ମଙ୍ଗଳରେ ଯାତ୍ରା କରିପାରିବେ । ଏହି ଲଞ୍ଚ ପୂର୍ବରୁ ୨୯ ଅଗଷ୍ଟ ଓ ସେପ୍ଟେମ୍ବର ୩ ତାରିଖରେ ଏହାକୁ ଲଞ୍ଚକରିବାକୁ ନାସା ଚେଷ୍ଟା କରିଥିଲା । ହେଲେ କୌଣସି ତ୍ରୁଟି ଓ ପାଗ ପରିବର୍ତ୍ତନ ଯୋଗୁଁ ଲଂଚର ସମୟ ପରିବର୍ତ୍ତନ କରାଯାଇଥିଲା ।

## ପୌରାଧ୍ୟକ୍ଷାଙ୍କ ରୌଦ୍ରରୂପ : ଅଧିକାରୀଙ୍କୁ ଗାଳି ଦେଲେ, ଫାଇଲ୍ ଫିଙ୍ଗିଲେ

ଭୁବନେଶ୍ୱର, ୧୬/୧୧ (ନି.ପ୍ର): ଭାଇରାଲ୍ ହେଉଥିବା ଏହି ଭିଡିଓକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା । ମୋବାଇଲ୍ ଟାୱାର ପାଇଁ ପୌର ନିର୍ବାହୀ ଅଧିକାରୀଙ୍କ ଅନୁମତି ନେଇ ଉତକ୍ଷିପ୍ତ ହୋଇ ଉଠିଥିଲେ ବ୍ୟାସନଗର ପୌରାଧ୍ୟକ୍ଷା ସଙ୍ଗୀତା ପିଙ୍ଗୁଆ । ରାଗ ତାଙ୍କର ପଞ୍ଚମକୁ ଉଠିଯାଇଥିଲା । ଗାଳି ଦେବା ସହ ନିର୍ବାହୀ ଅଧିକାରୀ ଅଶୋକ ରାଉତଙ୍କ ଉପରକୁ ଫାଇଲ୍ ଫିଙ୍ଗିଥିଲେ । ତୁରନ୍ତ ଏନଓସି ବାତିଲ୍ କରିବାକୁ ନିର୍ଦ୍ଦେଶ ଦେଇଥିଲେ ପୌରାଧ୍ୟକ୍ଷା । ବ୍ୟାସନଗର ପୌରପାଳିକା କାର୍ଯ୍ୟାଳୟରେ ଆଲୋଚନା ଚାଲିଥିବା ବେଳେ ପୌରାଧ୍ୟକ୍ଷାଙ୍କ ଏପରି ରୂପ ଦେଖି ସମସ୍ତେ ନିରବ ହୋଇ ଯାଇଥିଲେ । ପୌରଧ୍ୟକ୍ଷାଙ୍କ ଅଶାଳୀନ ବ୍ୟବହାର ଓ ଫାଇଲ ଫୋପାଡିବା ଚିତ୍ର ସୋସିଆଲ୍ ମିଡିଆରେ ଭାଇରାଲ ହେବା



ପରେ ସାମନାକୁ ଆସିଥିଲା ପୂରା ଘଟଣା । ନିର୍ବାହୀ ଅଧିକାରୀ ଅଶୋକ ରାଉତ ଅଭିଯୋଗ କରିଛନ୍ତି, ତାଙ୍କ ଛାତି ଉପରକୁ ଲକ୍ଷ୍ୟ କରି ଫାଇଲ ଫିଙ୍ଗିଥିଲେ ପୌରାଧ୍ୟକ୍ଷା । ଅନେକ ଥର ତାଙ୍କ ସହ ଏପରି ଦୁର୍ବ୍ୟବହାର କରିଥାନ୍ତି ସଙ୍ଗୀତା ପିଙ୍ଗୁଆ । କିନ୍ତୁ ପୌରାଧ୍ୟକ୍ଷା କହିଛନ୍ତି, ମୋବାଇଲ୍ ଟାୱାରକୁ ଅନେକ ଲୋକ ବିରୋଧ କରୁଥିବାରୁ ଅନୁମତି ଦିଆଯାଇଥିବା ଜାଣି ସେ କ୍ଷୁବ୍ଧ ହୋଇଥିଲେ । ସେ ଫାଇଲ୍ ଫିଙ୍ଗିନାହାନ୍ତି, ଏନଓସିକୁ ବାତିଲ କରିବା ପାଇଁ ଫାଇଲ୍ ଫେରାଇ ଦେଇଥିଲେ । ନିର୍ବାହୀ ଅଧିକାରୀଙ୍କ କହିବା କଥା ୮ନମ୍ବର ୱାର୍ଡରେ ▶▶ପୃଷ୍ଠା ୭

## ତପସ୍ୱିନୀ କଲୋନୀରୁ ବାହାରିଲା କାମୁଡ଼ା କୁକୁର

ଭୁବନେଶ୍ୱର, ୧୬/୧୧ (ନି.ପ୍ର): କଲୋନୀ ଛାଡିଲା କାମୁଡା କୁକୁର । ଭୁବନେଶ୍ୱରର ଇନଫୋସିଟି ଅଞ୍ଚଳରେ କୁନି ପିଲା ଅର୍ଜୁନଙ୍କୁ କାମୁଡ଼ି ଆହତ କରିଥିବା କୁକୁରକୁ ଆଜି କଲୋନୀ ବାହାରକୁ ନିଆଯାଇଛି । କୁକୁରକୁ ରଖିଥିବା ଶ୍ରାବଣୀ ପଟ୍ଟନାୟକଙ୍କ ସମ୍ପର୍କୀୟ ଆସି, କୁକୁରକୁ ଅନ୍ୟତ୍ର ନେଇ ଯାଇଛନ୍ତି । କୁକୁରକୁ କଲୋନୀ ବାହାରକୁ ନେଇ ଯିବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରୁଥିଲେ । ତେବେ ଆଜି କୁକୁରକୁ ସ୍ଥାନାନ୍ତର କରିବା ପୂର୍ବରୁ ତପସ୍ୱିନୀ କଲୋନୀରେ ପହଂଚିଥିଲେ ପୁଲିସଓ ବିଏମସି ଟିମ । କୁକୁରକୁ କଲୋନୀରେ ନ ରଖିବା ପାଇଁ ପୂର୍ବରୁ ନୋଟିସ୍ କରିଥିଲା ପୁଲିସ ।

## ୨୦୨୩ ଡିସେମ୍ବର ସୁଦ୍ଧା ପଦ୍ମପୁରକୁ ଜିଲ୍ଲା ମାନ୍ୟତା

ଭୁବନେଶ୍ୱର, ୧୬/୧୧ (ନି.ପ୍ର): ୨୦୨୩ ଡିସେମ୍ବର ସୁଦ୍ଧା ପଦ୍ମପୁରକୁ ମିଳିବ ଜିଲ୍ଲା ମାନ୍ୟତା। ଜିଲ୍ଲା ମାନ୍ୟତା ପ୍ରଦାନ ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶୃତି ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହ କ୍ରିୟାନୁଷ୍ଠାନ କମିଟି ବୈଠକ ପରେ ପ୍ରତିଶୃତି । ତେବେ ଆଚରଣ ବିଧି ଲାଗୁ ହୋଇଥିବାରୁ ବର୍ତ୍ତମାନ ଘୋଷଣା ହୋଇପାରୁନି ବୋଲି କମିଟି ପକ୍ଷରୁ କୁହାଯାଇଛି। କ୍ରିୟାନୁଷ୍ଠାନ କମିଟି ସଦସ୍ୟର ଆବାହକ ଉମେଶ ସାହୁ କହିଛନ୍ତି ଯେ ଆଲୋଚନା ସଫଳ ହୋଇଛି। ଡିସେମ୍ବର ୨୦୨୩ ସୁଦ୍ଧା ପଦ୍ମପୁର ଜିଲ୍ଲା ଗଠନ କରିବା ପାଇଁ ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।ଆଗାମୀ ପଦ୍ମପୁର ଉପ ନିର୍ବାଚନରେ ବିଜେଡିର ଇସ୍ତାହାରରେ ଏହାକୁ ପ୍ରକାଶ କରାଯିବ। ଅପରପକ୍ଷରେ ଏହି



ପ୍ରସଙ୍ଗରେ ପ୍ରତିକ୍ରିୟା ଦେଇ ବରିଷ୍ଠ କଂଗ୍ରେସ ବିଧାୟକ ନରସିଂହ ମିଶ୍ର କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ନିର୍ବାଚନ ଆଚରଣ ବିଧିର ଉଲ୍ଲଙ୍ଘନ। ସେ ବିଜେଡି ସଭାପତି ହେଲେ ବି ରାଜ୍ୟର ମୁଖ୍ୟମନ୍ତ୍ରୀ । ଜିଲ୍ଲା ମାନ୍ୟତା ପାଇଁ ପ୍ରତିଶ୍ରୁତି ଦେବା ନିର୍ବାଚନ ଆଚରଣ ବିଧିର ଉଲ୍ଲଙ୍ଘନ। ମୁଖ୍ୟମନ୍ତ୍ରୀ କେବଳ ପ୍ରତିଶ୍ରୁତି ଦିଅନ୍ତି, ତାଙ୍କ ପ୍ରତିଶ୍ରୁତି ପାଣିର ଗାର ବୋଲି ସେ କହିଛନ୍ତି। ସୂଚନାଯୋଗ୍ୟ ଯେ ପଦ୍ମପୁର ଉପଖଣ୍ଡକୁ ଜିଲ୍ଲା ମାନ୍ୟତା ଦାବି ନେଇ ▶▶ପୃଷ୍ଠା ୭

## ଡକାୟତି ପାଇଁ ଚାଲିଥିଲା ଯୋଜନା; ୪ ଜଣଙ୍କୁ ବାନ୍ଧିଲା ପୋଲିସ

ଭୁବନେଶ୍ୱର, ୧୬/୧୧ (ନି.ପ୍ର): ଡକାୟତି ପାଇଁ ଚାଲିଥିବା ଯୋଜନା ପୁଲିସର ହସ୍ତକ୍ଷେପ ପରେ ପଣ୍ଡ ହୋଇଛି । କମିସନରେଟ ପୁଲିସ ୪ ଜଣ ଡକାୟତଙ୍କୁ ମଧ୍ୟରାତ୍ରିରେ ଗିରଫ କରିଛି । ପୁଲିସ ଅଭିଯୁକ୍ତମାନଙ୍କ ଠାରୁ ମାରଣାସ୍ତ୍ର ଜବତ କରିଛି। ସୂଚନା ଅନୁସାରେ ଖଣ୍ଡଗିରି ଥାନା ଅନ୍ତର୍ଗତ ଆଇଗଣିଆ ମସାଣି ପଡ଼ିଆରେ ୪ ଜଣ ଅଭିଯୁକ୍ତ ଡକାୟତି ପାଇଁ ଯୋଜନା କରୁଥିଲେ। ଏ ନେଇ ପୁଲିସକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ପୁଲିସ ପାଟ୍ରୋଲିଂ ସମୟରେ ଘଟଣାସ୍ଥଳରେ ଅତର୍କିତ ଭାବେ ଚଢ଼ଉ କରିଥିଲା। ଅଭିଯୁକ୍ତମାନେ ଚମ୍ପଟ ମାରିବାକୁ ଉଦ୍ୟମ କରିଥିଲେ। କିନ୍ତୁ ପୁଲିସ ସେମାନଙ୍କୁ କାବୁ କରିବାରେ ସଫଳ ହୋଇଥିଲା। ପୁଲିସ କହିଛି ଯେ, ଆଇଗଣିଆ ମସାଣି ପଡିଆରେ ଡକାୟତି ଯୋଜନା କରୁଥିବା ବେଳେ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା।

## ନାବାଳିକା ଦୁଷ୍କର୍ମ ମାମଲା : ୨୦ ବର୍ଷ ଜେଲ ସହ ୩୦ ହଜାର ଜରିମାନା

ଭୁବନେଶ୍ୱର, ୧୬/୧୧ (ନି.ପ୍ର): ନାବାଳିକା ଦୁଷ୍କର୍ମ ମାମଲାର ଶୁଣାଣି କରି ଦଣ୍ଡାଦେଶ ଶୁଣାଇଛନ୍ତି ବ୍ରହ୍ମପୁର ଫାଷ୍ଟଟ୍ରାକ୍ ପୋକ୍ସ କୋର୍ଟ । ଜଜ୍ ଗଣେଶ୍ୱର ପତି ଜଣେ ୫୩ବର୍ଷୀୟ ଅଭିଯୁକ୍ତକୁ ୨୦ବର୍ଷ ଜେଲଦଣ୍ଡ ସହ ୩୦ହଜାର ଟଙ୍କା ଜୋରିମାନାରେ ଦଣ୍ଡିତ କରିଛନ୍ତି । ଜୋରିମାନା ଅନାଦେୟ ହେଲେ ଅଧିକା ୩ମାସ ଜେଲ ଦଣ୍ଡାଦେଶ ଶୁଣାଇଛନ୍ତି । ଏହା ସହ ଦୁଷ୍କର୍ମ ମାମଲାର ପିଡୀତାଙ୍କୁ ୫ଲକ୍ଷ ଟଙ୍କା ପ୍ରଦାନ ପାଇଁ ଗଞ୍ଜାମ ଜିଲ୍ଲା ଆଇନ ସେବା ପ୍ରାଧିକରଣଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ବିଚାରପତି । ୨୦୧୯ ମସିହା ସେପ୍ଟେମ୍ବର ୧୩ ତାରିଖ ଦିନ ଖଲିକୋଟ ଥାନା ଅଞ୍ଚଳରେ ନିଜ ଘର ସମ୍ମୁଖରେ ଖେଳୁଥିବା ଏକ ୧୦ବର୍ଷୀୟ ନାବାଳିକାକୁ ବିଭିନ୍ନ ପ୍ରଲୋଭନ ଦେଖାଇ ଅଭିଯୁକ୍ତ ପ୍ରହଲାଦ ବେହେରା ଦୁଷ୍କର୍ମ କରିଥିଲା ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନାର ଶୁଭାରମ୍ଭ : ବର୍ଷକୁ ୫୦ ହଜାର ଛାତ୍ରଛାତ୍ରୀ ପାଇବେ ପୁରସ୍କାର

ଭୁବନେଶ୍ୱର, ୧୬/୧୧ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର ୫ -ଟି ରୂପାନ୍ତରିତ ସ୍କୁଲ ତଥା ଅନ୍ୟ ସ୍କୁଲ ମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନାର ଶୁଭାରମ୍ଭ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଶିକ୍ଷାର ଉତ୍କର୍ଷ ଲାଭ କରୁଥିବା ସ୍କୁଲ ଛାତ୍ରଛାତ୍ରୀ, ଶିକ୍ଷାନୁଷ୍ଠାନ ଓ ପ୍ରଧାନ ଶିକ୍ଷକ, ଶିକ୍ଷକଶିକ୍ଷୟିତ୍ରୀ,ସରପଂଚ ସ୍କୁଲ ପରିଚାଳନା କମିଟି ତଥା ପୁରାତନ ଛାତ୍ରମାନ ଙ୍କୁ ସେମାନଙ୍କ ଅବଦାନ ପାଇଁ ବର୍ଷକୁ ୧୦୦ କୋଟି ଟଙ୍କାର ପୁରସ୍କାର ଘୋଷଣା କରିଛନ୍ତି। ବ୍ଲକ୍, ଜିଲ୍ଲା ଓ ରାଜ୍ୟସ୍ତରରେ ଏହି ପୁରସ୍କାର ପ୍ରଦାନ କରାଯିବ। ୫୦ ହଜାର ଛାତ୍ରଛାତ୍ରୀ, ୧୫୦୦ ପ୍ରଧାନ ଶିକ୍ଷକ ଓ ଶିକ୍ଷକ-ଶିକ୍ଷୟିତ୍ରୀ, ସ୍କୁଲ ପରିଚାଳନା କମିଟି ସରପଂଚ ପୁରାତନ ଛାତ୍ରମାନଙ୍କୁ ଏହି ପୁରସ୍କାର ପ୍ରଦାନ କରାଯିବ। ବୁଧବାର ସ୍ଥାନୀୟ ୟୁନିଟ-୯ ସ୍ଥିତ ସରକାରୀ ହାଇସ୍କୁଲରେ ରାଜ୍ୟସ୍ତରୀୟ ଶିଶୁ ଦିବସ ଉତ୍ସବର



ଉଦ୍‌ଯାପନୀ ସମାରୋହରେ ଯୋଗ ଦେଇ ମୁଖ୍ୟମନ୍ତ୍ରୀ ଏହି ପୁରସ୍କାର ଘୋଷଣା କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଓ ମାଧ୍ୟମିକ ଶିକ୍ଷା ପରିଷଦ ପାଇଁ ଡିଜି ଲକର ବ୍ୟବସ୍ଥାର ଶୁଭାରମ୍ଭ ମଧ୍ୟ କରିଛନ୍ତି। ଏହି ଭର୍ଚୁଆଲ ଲକରରେ ଛାତ୍ରଛାତ୍ରୀଙ୍କ ସାର୍ଟିଫିକେଟ, ମାର୍କସିଟ ଓ ଅନ୍ୟାନ୍ୟ ଡକ୍ୟୁମେଂଟ ସୁରକ୍ଷିତ ରହିପାରିବା ସହିତ ସୁବିଧାରେ ଉପଲବ୍ଧ ମଧ୍ୟ ହେବ। ଏଥିରେ ଚୋରି ବା ହଜି ଯିବାର କୌଣସି ସମ୍ଭାବନା ରହିବ ନାହିଁ । ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ ୩ଟି ଗୁରୁତ୍ୱପୂର୍ଣ୍ଣ ବିଷୟରେ ପରାମର୍ଶ ଦେଇଥିଲେ। ପ୍ରଥମଟି ହେଉଛି – ସମୟର ଆହ୍ୱାନ। ସେ କହିଥିଲେ ଯେ ଛାତ୍ରଛାତ୍ରୀ ମାନଙ୍କ ପାଇଁ ସମୟ ହେଉଛି ଗୁରୁତ୍ୱପୂର୍ଣ୍ଣ । ଠିକ୍ ସମୟରେ ଠିକ୍ କାମ କଲେ, ପିଲାମାନେ ଆଗରେ ରହିପାରିବେ ବୋଲି ମତବ୍ୟକ୍ତ କରି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇ କହିଥିଲେ ଯେ ବର୍ତ୍ତମାନ ହେଉଛି ପିଲାମାନଙ୍କର ଜ୍ଞାନ ଅର୍ଜନ ▶▶ପୃଷ୍ଠା ୭

## ସୁପ୍ରିମକୋର୍ଟଙ୍କ ତାଗିଦର ପଡ଼ିଲାନି ପ୍ରଭାବ : ଜିଦ୍‌ରେ ଅଟଳ ଓକିଲ ସଂଘ

ନୂଆଦିଲ୍ଲୀ, ୧୬/୧୧ : ସୁପ୍ରିମକୋର୍ଟର ଚେତାବନୀର ପଡ଼ିଲାନି ପ୍ରଭାବ। ହାଇକୋର୍ଟ ବେଞ୍ଚ ଦାବିରେ ସମ୍ବଲପୁରରେ ଆନ୍ଦୋଳନ ଜାରି ରହିଛି।ସାମୂହିକ ଲାଇସେନ୍ସ ଫେରାଇବା ପାଇଁ ପାଲଟା ଚେତାବନୀ ଦେଇଛନ୍ତି ବାର ଆସୋସିଏସନର ସଦସ୍ୟ । ଆନ୍ଦୋଳନ ପ୍ରତ୍ୟାହାର ନକଲେ ଓକିଲଙ୍କ ଲାଇସେନ୍ସ ସସପେଣ୍ଡ ନେଇ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ ପରେ ବି ପୂର୍ବ ଭଳି ଆନ୍ଦୋଳନ



କରିଛି ସମ୍ବଲପୁର ଓକିଲ ସଂଘ । ସମ୍ବଲପୁରଠାରେ ହାଇକୋର୍ଟର ବେଞ୍ଚ ଦାବିରେ ସକାଳୁ ସକାଳୁ ପିକେଟିଂ ଆରମ୍ଭ କରିଦେଇଥିଲେ ଆଇନଜୀବୀ । ଏମିତି କି କୋର୍ଟକୁ ଆସୁଥିବା ବିଚାରପତିମାନଙ୍କୁ ଅଦାଲତ ନଯିବାକୁ ଅନୁରୋଧ କରିଥିଲେ ଆନ୍ଦୋଳନ କରୁଥିବା ଓକିଲ । ବିଚାରପତି କିଛି ସମୟ ଅପେକ୍ଷା କରିବା ପରେ ଫେରିଯିବାକୁ ବାଧ୍ୟ ହୋଇଥିଲେ । ତେବେ ସୁପ୍ରିମକୋର୍ଟ ଦେଇଥିବା ନିର୍ଦ୍ଦେଶକୁ ଅଣଦେଖା କରି ପ୍ରତିବାଦ କରିଥିଲେ ସମ୍ବଲପୁର ବାର'ର ଓକିଲ । ଓକିଲମାନଙ୍କର ଯୁକ୍ତି ହେଲା ବର୍ଷ ବର୍ଷ ଧରି ହାଇକୋର୍ଟ ବେଞ୍ଚ ନେଇ ଆନ୍ଦୋଳନ ଚାଲିଛି, ଆନ୍ଦୋଳନ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ଏହା ଅଟକିବ ନାହିଁ ବୋଲି ଓକିଲ ସଂଘର ସଦସ୍ୟମାନେ କହିଛନ୍ତି ।

## ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଉଲ୍ଲେଖନୀୟ ଭୂମିକା ରହିଛି

ଭୁବନେଶ୍ୱର, ୧୬/୧୧ (ନି.ପ୍ର): ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଉଲ୍ଲେଖନୀୟ ଭୂମିକା ରହିଆସିଛି। ଆମ ପାଇଁ ସ୍ୱାଧୀନତା ଆଣିଦେଇଥିବା ସ୍ୱାଧୀନତା ସଂଗ୍ରାମୀ, ଦେଶପ୍ରମୀ ଓ ବରପୁତ୍ରମାନେ ଅନେକ ଗଣମାଧ୍ୟମରେ ଥିଲେ ବା ସ୍ୱାଧୀନତା ପାଇଁ ଗଣମାଧ୍ୟମର ସହାୟତା ନେଉଥିଲେ। ଗଣମାଧ୍ୟମ ପ୍ରତିନିଧିମାନଙ୍କର ସକ୍ରିୟ ସହଯୋଗ ଓ ସଚେତନତା ସୃଷ୍ଟି ଫଳରେ ଦୁଇ ବର୍ଷ ମଧ୍ୟରେ କୋଭିଡ୍ ସଂକ୍ରମଣକୁ ନିୟନ୍ତ୍ରଣ କରାଯାଇପାରିଲା । କୋଭିଡ୍ ସମୟରେ ଗଣମାଧ୍ୟମର କାର୍ଯ୍ୟ ଅତ୍ୟନ୍ତ ପ୍ରଶଂସନୀୟ ରହିଥିଲା। ନିର୍ମାଣ କ୍ଷେତ୍ରଠାରୁ ଆରମ୍ଭ କରି ଜନସଚେତନତା,ସୂଚନା ପ୍ରଦାନ ଓ ସମ୍ବାଦ ପରିବେଷଣ ଆଦି ପ୍ରତ୍ୟେକ କ୍ଷେତ୍ରରେ ରାଷ୍ଟ୍ର ଗଠନରେ ଗଣମାଧ୍ୟମର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ବୋଲି ରାଜ୍ୟ ସୂଚନା ଓ ଲୋକସମ୍ପର୍କ ବିଭାଗ ତରଫରୁ ବିଭାଗର ସମ୍ମିଳନୀ କକ୍ଷରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ସୂଚନା ଓ ଲୋକ ସଂପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ପ୍ରକାଶକରିଛନ୍ତି । କାର୍ଯ୍ୟକ୍ରମରେ ଖବର ପରିବେଷଣ ବା ପ୍ରକାଶନ ବେଳେ ପ୍ରକାଶନର ଉଦ୍ଦେଶ୍ୟକୁ ତର୍ଜମା କରିବା ସହ ଯେଉଁ ଖବର ପ୍ରକାଶନ କଲେ ତାହା ଦ୍ୱାରା ରାଜ୍ୟ ତଥା ଦେଶ ଲାଭାନ୍ୱିତ ହେବ ଏବଂ ଦେଶ ଗଠନରେ ସହାୟକ ହେବ, ସେଥିପ୍ରତି ଅଧିକ ଗୁରୁତ୍ୱ ଦେବାକୁ ପ୍ରମୁଖ ଶାସନ ସଚିବ ଶ୍ରୀ ସିଂ ଗୁରୁତ୍ୱ ଦେଇଥିଲେ । ଏହି କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ରାଜ୍ୟ ପର୍ଯ୍ୟଟନ ଉନ୍ନୟନ ନିଗମର ଅଧ୍ୟକ୍ଷ ଡ. ଲେନିନ୍ ମହାନ୍ତି ଯୋଗଦେଇ କହିଲେ ଯେ, ଗଣମାଧ୍ୟମ ସବୁବେଳେ ସରକାର ଓ ଜନସାଧାରଣଙ୍କ ମଧ୍ୟରେ ସେତୁ ପରି କାର୍ଯ୍ୟ କରିଆସିଛି । ଆମ ରାଜ୍ୟର ମକା, ମାଣ୍ଡିଆ, କୃଷି ଜାତ ଅନ୍ୟାନ୍ୟ ଦ୍ରବ୍ୟ ଉତ୍ପାଦନରେ ଆମ ଲୋକଙ୍କର ଅର୍ଥନୈତିକ ବିକାଶର ସ୍ୱାର୍ଥ ନିହିତ ରହିଛି, ଯାହାକୁ ବିଶ୍ୱ ଦରବାରରେ ଉପସ୍ଥାପନ କରିବାରେ ଗଣମାଧ୍ୟମ ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି । ଆମର ଦକ୍ଷ ମାନବ ସମ୍ବଳକୁ ଉପଯୋଗ ପାଇଁ ଗଣମାଧ୍ୟମ ସୁଯୋଗ ସୃଷ୍ଟିକରୁ ବୋଲି ଡ. ମହାନ୍ତି ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଉତ୍କଳ ପ୍ରସଙ୍ଗ ଏବଂ ଓଡିଶା ରିଭ୍ୟୁର ସଂପାଦିକା ଶ୍ରୀମତୀ କସ୍ତୁରୀ ମହାପାତ୍ର ଯୋଗଦେଇ ସରକାରଙ୍କ ଜନାଭିମୁଖୀ କାର୍ଯ୍ୟକ୍ରମ ଲୋକମାନଙ୍କ ପାଖରେ ପହଁଚାଇବା, ସମାଜସେବା ଆଦି କ୍ଷେତ୍ରର ସାମ୍ବାଦିକମାନଙ୍କର ଯୋଗଦାନ ରାଷ୍ଟ୍ର ନିର୍ମାଣରେ ଅନ୍ୟତମ ଅବଦାନ ବୋଲି କହିଥିଲେ। ସୂଚନା ଓ ଲୋକ ସଂପର୍କ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ▶▶ପୃଷ୍ଠା ୭

## ବରଗଡ ଜିଲ୍ଲାକୁ କେତେ ଟଙ୍କା ଇନ୍‌ପୁଟ୍ ସବସିଡି ଦିଆଯିବ, ମୁଖ୍ୟମନ୍ତ୍ରୀ ତଥ୍ୟ ରଖନ୍ତୁ : ବିଜେପି

ଭୁବନେଶ୍ୱର, ୧୬/୧୧ (ନି.ପ୍ର): ବରଗଡ ଜିଲ୍ଲାରେ ମରୁଡି ହୋଇଥିବା ନେଇ ଥିବା ଚିଠି ଉପରେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟୀକରଣ ଦିଅନ୍ତୁ ଓ ବରଗଡ଼ ଜିଲ୍ଲା ପାଇଁ ଇନପୁଟ୍ ସବସିଡି କେତେ ଦିଆଯିବ, ସେହି ସବିଶେଷ ତଥ୍ୟର ଉତର ମୁଖ୍ୟମନ୍ତ୍ରୀ ରଖନ୍ତୁ ବୋଲି ଆଜି ରାଜ୍ୟ ବିଜେପି କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀ ଜରିଆରେ ଦାବି କରିଛନ୍ତି ରାଜ୍ୟ ବିଜେପି ସାଧାରଣ ସମ୍ପାଦକ ପୃଥ୍ୱୀରାଜ ହରିଚନ୍ଦନ। ଅକ୍ଟୋବର ୧୧, ୨୦୨୧ରେ ଏସଆରସି ରାଜ୍ୟର ସବୁ ଜିଲ୍ଲାପାଳଙ୍କୁ ମରୁଡି ସ୍ଥିତି ନେଇ ଚିଠି ଲେଖିବା ସହ ସବିଶେଷ ରିପୋର୍ଟ ଦେବା ପାଇଁ ଚିଠିରେ ଉଲ୍ଲେଖ କରିଥିଲେ। ଯେତେବେଳେ ବିଧାନସଭାରେ ମରୁଡି ପ୍ରସଙ୍ଗ ଉଠିଲା ସେତେବେଳେ କୌଣସି ଜିଲ୍ଲାରେ ମରୁଡି ନ ଥିବା କଥା ସରକାରଙ୍କ ପକ୍ଷରୁ କୁହାଗଲା। ମୁଖ୍ୟମନ୍ତ୍ରୀ ଓଡ଼ିଶାବାସୀଙ୍କୁ କେବଳ ମିଛ କହୁଛନ୍ତି। ବିଶେଷ ଭାବରେ ପଦ୍ମପୁରବାସୀ ଓ ବରଗଡବାସୀଙ୍କୁ ଭଣ୍ଡାଉଛନ୍ତି। ଭୋଟ ବ୍ୟାଙ୍କ୍ ପାଇଁ ଚାଷୀ ମାନଙ୍କୁ ସହାୟତା ଦେବାର ମିଛ ପ୍ରହେଳିକା ସୃଷ୍ଟି କରୁଛନ୍ତି। ମୁଖ୍ୟମନ୍ତ୍ରୀ ରାଜ୍ୟବାସୀଙ୍କୁ କୁହନ୍ତୁ ବରଗଡ ଜିଲ୍ଲା ଓ ପଦ୍ମପୁରର ଚାଷୀଙ୍କୁ ଇନପୁଟ ସବସିଡିରେ କେତେ ଟଙ୍କା ଦେବେ ? ମୁଖ୍ୟମନ୍ତ୍ରୀ ଏହାର ସ୍ପଷ୍ଟୀକରଣ ରଖନ୍ତୁ। ୧୧ ଡିସେମ୍ବର ୨୦୧୭ରେ ସେତେବେଳର ବିଜେପି ବିଧାୟକ ପ୍ରଦୀପ ପୁରୋହିତ ବିଧାନସଭାରେ ତତ୍କାଳୀନ ରାଜସ୍ୱ ମନ୍ତ୍ରୀଙ୍କୁ ଦାଶ କମିଶନର ସୁପାରିଶ ଅନୁଯାୟୀ ପଦ୍ମପୁର ସବଡିଭିଜନକୁ ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ପ୍ରଦାନ କରିବା ନେଇ ପ୍ରଶ୍ନ କରିଥିଲେ। ଯାହାର ଉତରରେ ତତ୍କାଳୀନ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି କହିଥିଲେ ଯେ, ପଦ୍ମପୁର ସବଡିଭିଜନକୁ ସ୍ୱତନ୍ତ୍ର ଜିଲ୍ଲା ମାନ୍ୟତା ଦେବା ପାଇଁ ରାଜ୍ୟ ସରକାରଙ୍କ ପାଖରେ କୌଣସି ପ୍ରସ୍ତାବ ନାହିଁ। ୨୫ ଡିସେମ୍ବର ୨୦୧୮ରେ ଶ୍ରୀ ପୁରୋହିତ ପୁଣି ଥରେ ପଦ୍ମପୁରକୁ ଜିଲ୍ଲା ମାନ୍ୟତା ଦେବା ପାଇଁ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ଅନୁରୋଧ କରିଥିଲେ । କିନ୍ତୁ ମୁଖ୍ୟମନ୍ତ୍ରୀ ଏ ଦିଗରେ ଚିଠିର ଉତର ଦେଇନଥିଲେ କିମ୍ବା କୌଣସି ପଦକ୍ଷେପ ନେଇନଥିଲେ। ଆଶ୍ଚର୍ଯ୍ୟଜନକ ଭାବରେ ପଦ୍ମପୁର ଉପନିର୍ବାଚନକୁ ଆଖି ଆଗରେ ରଖି ନଭେମ୍ବର ▶▶ପୃଷ୍ଠା ୭

# ବଲାଙ୍ଗିର ଜିଲ୍ଲାସ୍ତରୀୟ ଧାନ କ୍ରୟ କମିଟି ବୈଠକ

## ନଭେମ୍ବର ୨୫ ତାରିଖରୁ ଜିଲ୍ଲାରେ ଖରିଫ ଧାନ କ୍ରୟ ଆରମ୍ଭ ହେବ

ବଲାଙ୍ଗିର ,୧୬/୧୧ (ନି.ପ୍ର): ବଲାଙ୍ଗିର ଜିଲ୍ଲାରେ ଖରିଫ ୨୦୨୨-୨୩ ବର୍ଷ ପାଇଁ ଜିଲ୍ଲା ସ୍ତରୀୟ ଧାନ କ୍ରୟ କମିଟି ବୈଠକ ଆଜି ପୂର୍ବାହ୍ନରେ ସ୍ଥାନୀୟ ଡି.ଆର ଡି.ଏ . ସମ୍ମିଳନୀ କକ୍ଷ ଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଚଂଚଳ ରାଣାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କଣ୍ଟାବାଞ୍ଜି ବିଧାୟକ ସନ୍ତୋଷ ସିଂ ସାଲୁଜା, ଲୋଇସିଂହା ବିଧାୟକ ଡ଼. ମୁକେଶ ମହାଲିଙ୍ଗ, ଜିଲ୍ଲା ପରିଷଦ ଅଧ୍ୟକ୍ଷା ଦେବକୀ ସାହୁ, ବଲାଙ୍ଗିର ସାଂସଦଙ୍କ ପ୍ରତିନିଧି ମାଧବ କୁମାର ସାଏ, ଜଳ ସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ତଥା ଟିଟିଲାଗଡ ବିଧାୟିକାଙ୍କ ପ୍ରତିନିଧି ଚନ୍ଦ୍ରବଦନ ପୁରୋହିତ, ବଲାଙ୍ଗିର ବିଧାୟକଙ୍କ ପ୍ରତିନିଧି ସରୋଜ କୁମାର ରଥ, ଟିଟିଲାଗଡ ଉପ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ପାଟଣାଗଡ ଉପ ଜିଲ୍ଲାପାଳ ଡ଼. ବିଜୟାନନ୍ଦ ସେଠୀ, ବଲାଙ୍ଗିର ଜିଲ୍ଲା କୃଷକ ମହାସଂଘର ସଭାପତି ଜତି ପ୍ରଧାନ, ସମ୍ପାଦକ ସୌମେନ୍ଦ୍ର କୁମାର ପରିଚ୍ଛାଙ୍କ ସମେତ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ, କୃଷି, ସମବାୟ, ଜଳସେଚନ, ନିୟନ୍ତ୍ରିତ ବଜାର କମିଟି, ଭାରତୀୟ ଖାଦ୍ୟ ନିଗମର ଅଧିକାରୀ ଓ ମିଲର୍ସ ପ୍ରତିନିଧି ମାନେ ଯୋଗଦେଇଥିଲେ । ବୈଠକ ପ୍ରାରମ୍ଭରେ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱାଗତ ଜଣାଇବା ସହ ବଲାଙ୍ଗିର ଜିଲ୍ଲାରେ ଚଳିତ ଖରିଫ ଧାନ କ୍ରୟ ଯେପରି ସୁଚାରୁରୂପେ ସମ୍ପାଦିତ ହେବ, ଚାଷୀ ମାନେ ସେମାନଙ୍କର ଉତ୍ପାଦିତ ଧାନ ମଣ୍ଡି ଗୁଡିକରେ ଯେପରି ସୁରୁଖୁରୁରେ ବିକ୍ରୟ କରିପାରିବେ ସେଥିପ୍ରତି ବିଭାଗୀୟ ଅଧିକାରୀ ତଥା ଧାନ କ୍ରୟ କାର୍ଯ୍ୟରେ ନିୟୋଜିତ କର୍ମଚାରୀ ମାନେ ଯତ୍ନବାନ ହେବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀ ମୀର ରାଜା ଅଲ୍ଲୀ ଆଲୋଚ୍ୟ ବିଷୟ ଉପସ୍ଥାପନ କରିବା ସହ ଚଳିତ ଖରିଫରେ ବଲାଙ୍ଗିର ଜିଲ୍ଲାରେ ବିଭିନ୍ନ ପ୍ରାଥମିକ କୃଷି ସମବାୟ ସମିତି (ପେକ୍ସ) ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଧାନ କ୍ରୟ ସମ୍ପର୍କରେ ଗ୍ରହଣ କରାଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ସୂଚନା ପ୍ରଦାନ କରିଥିଲେ । ବୈଠକର ନିଷ୍ପତି ପ୍ରକାରେ ବଲାଙ୍ଗିର ଜିଲ୍ଲାରେ ଚଳିତ ନଭେମ୍ବର ମାସ ୨୫ ତାରିଖରୁ ୧୫୮ ଗୋଟି ପ୍ରାଥମିକ କୃଷି ସମବାୟ ସମିତି (ପେକ୍ସ ) ଓ ୧୬ ଗୋଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଜରିଆରେ ଧାନ କ୍ରୟ କରାଯିବ। ଚଳିତ ଖରିଫ ବିପଣନ ବର୍ଷ ସକାଶେ ସାଧାରଣ ଏଫ .ଏ .କ୍ୟୁ .ଧାନ ର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ ପ୍ରତି ୨୦୪୦ ଟଙ୍କା ଧାର୍ଯ୍ୟ କରାଯାଇଥିବା ବେଳେ ଗ୍ରେଡ ଏ.ଏଫ.ଏ.କ୍ୟୁ. ଧାନର ସର୍ବନିମ୍ନ ସହାୟକ ମୂଲ୍ୟ କ୍ୱିଂଟାଲ ପ୍ରତି ୨୦୬୦ ଟଙ୍କା ଧାର୍ଯ୍ୟ କରାଯାଇଛି । ପ୍ରାଥମିକ କୃଷି ସମବାୟ ସମିତି (ପେକ୍ସ )ଗୁଡିକରେ ଚାଷୀ ମାନଙ୍କ ଠାରୁ ଧାନ କ୍ରୟ ସମୟରେ ଉତମ ସମନ୍ୱୟ ରକ୍ଷା କରିବା ତଥା ସେମାନଙ୍କ ସୁବିଧା ସୁଯୋଗ ସମ୍ପର୍କରେ ତଦାରଖ କରିବାକୁ ବିଭାଗୀୟ ଅଧିକାରୀ ମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଧାନ ସଂଗ୍ରହ ନିମନ୍ତେ ଆବଶ୍ୟକ ଉପକରଣ, ଯନ୍ତ୍ରପାତି ଯଥା ଓଜନ ମେସିନ, ଆଦ୍ରତା ମାପ ମେସିନ, ମିନି ଗ୍ରେଡର, ତାରପୋଲିନ ଇତ୍ୟାଦିକୁ କାର୍ଯ୍ୟକ୍ଷମ କରି ମଣ୍ଡି ଆରମ୍ଭ ହେବା ଯଥେଷ୍ଟ ପୂର୍ବରୁ ଉପଲବ୍ଧ କରାଇବା ଏବଂ ଧାନ ସଂଗ୍ରହ ନିମନ୍ତେ ଆବଶ୍ୟକ ଆନୁସାଙ୍ଗିକ ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ବିଭାଗୀୟ ଅଧିକାରୀ ଓ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଧାନ ସଂଗ୍ରହ ପ୍ରକ୍ରିୟାକୁ ପାରଦର୍ଶୀତା କରିବା ନିମନ୍ତେ ସମସ୍ତ ମଣ୍ଡି ଗୁଡିକରେ ସିସିଟିଭି ବ୍ୟବସ୍ଥାକୁ ସୁନିଶ୍ଚିତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ଚଳିତ ଖରିଫ ବର୍ଷ ପାଇଁ ଜିଲ୍ଲାରେ ୭୪୪୫୦ ଜଣ ଚାଷୀ ପେକ୍ସ ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ଧାନ ବିକ୍ରୟ କରିବା ପାଇଁ ପଞ୍ଜୀକରଣ କରିଛନ୍ତି । ଚାଷୀ ମାନଙ୍କୁ ଧାନ ସଂଗ୍ରହ ପ୍ରକ୍ରିୟା, ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ଏବଂ ଧାନ କ୍ରୟ ସମ୍ପର୍କିତ ସୂଚନା ସମ୍ପର୍କରେ ବ୍ୟାପକ ସଚେତନ କରିବାକୁ ନିୟନ୍ତ୍ରିତ ବଜାର କମିଟିର ସମ୍ପାଦକ ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ । ବୈଠକରେ ଧାନ ସଂଗ୍ରହ ସମୟରେ ହେଉଥିବା ବିଭିନ୍ନ ଅସୁବିଧା ଏବଂ ଚାଷୀ ମାନଙ୍କ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା ହୋଇଥିଲା ।

## କଳାହାଣ୍ଡି ଜିଲ୍ଲାରେ ବାଲ୍ୟ ବିବାହ ନିରୋଧ ରଥ ଶୁଭାରମ୍ଭ

ଭବାନୀପାଟଣା,୧୬/୧୧ (ନି.ପ୍ର): ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ସମ୍ମୁଖରେ 'ବାଲ୍ୟ ବିବାହ' ରୋକିବା ସମ୍ବନ୍ଧୀୟ ଏକ ସଚେତନମୂଳକ ରଥର ଶୁଭାରମ୍ଭ ହୋଇଯାଇଛି । ଏହି ଉତ୍ସବରେ ଅତିରିକ୍ତ ଜିଲ୍ଲପାଳ ସୁଶାନ୍ତ କୁମାର ପଟେଲ୍ ଯୋଗଦାନ କରି ପତାକା ପ୍ରଦର୍ଶନପୂର୍ବକ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ ।

ଅତିରିକ୍ତ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ, କାର୍ଯ୍ୟକ୍ରମ ଅଧିକାରୀ, କଳାହାଣ୍ଡି, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ, ସମନ୍ୱିତ ଶିଶୁ ବିକାଶ ଯୋଜନା ଅଧିକାରୀ, ଭବାନୀପାଟଣା ସହରାଂଚଳ ଜିଲ୍ଲା ପ୍ରକଳ୍ପ ସଂଯୋଜକ, ମିଶନ ଶକ୍ତି କଳାହାଣ୍ଡି ଜିଲ୍ଲା ମିଶନ ଶକ୍ତି ସଂଯୋଜିକା, କଳାହାଣ୍ଡି ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ ସଭ୍ୟା, ବ୍ଲକ୍ ପ୍ରକଳ୍ପ ସଂଯୋଜିକା , ଭବାନୀପାଟଣା, ସହରାଂଚଳ, ମହିଳା ପରିଦର୍ଶିକା ସେକ୍ଟର ୧,୨,୩ ଏବଂ ଅଙ୍ଗନୱାଡ଼ି କର୍ମୀ ତଥା ବ୍ଲକ୍ ମହାସଂଘର ସଭାନେତ୍ରୀ, ସମ୍ପାଦିକା, କୋଷାଧ୍ୟକ୍ଷଙ୍କ ସହିତ ସ୍ୱୟଂ ସହାୟକ ଦଳର ସଭ୍ୟା ମାନେ ବହୁ ସଂଖ୍ୟାରେ ଯୋଗଦାନ କରି ଉତ୍ସବକୁ ସାଫଲ୍ୟ ମଣ୍ଡିତ କରିବାରେ ସହାୟକ ହୋଇଥିଲେ। ଏହା ପରେ ବାଲ୍ୟ ବିବାହ ରୋକିବା ନିମନ୍ତେ ବିଭିନ୍ନ ସଚେତନ ମୂଳକ '' ପ୍ଲା କାର୍ଡ '' ଧରି ସ୍ଲୋଗାନ ଦେଇଥିଲେ । ପରେ ପରେ ରଥଟି ବିଭିନ୍ନ ଗ୍ରାମ ଗସ୍ତ କରି ସଚେତନମୂଳକ ବାର୍ତା ପ୍ରଦାନ କରିବା ଉଦ୍ଦେଶ୍ୟରେ ବାହାରିଥିଲା ।

## ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଆୟୋଜିତ

ବଲାଙ୍ଗିର ,୧୬/୧୧ (ନି.ପ୍ର): ବଲାଙ୍ଗିର ସ୍ଥିତ ନୂତନ ସରକାରୀ ବସଷ୍ଟାଣ୍ଡର ପ୍ରାଇଭେଟ ବସ୍ ମାଲିକ ସଂଘର ସମ୍ମିଳନୀ କକ୍ଷରେ କୋଶଲ ପ୍ରାଥମିକ ଚିକିତ୍ସା ତାଲିମ ସେଂଟର ତରଫରୁ ପ୍ରାଥମିକ ଚିକିତ୍ସା ତାଲିମ ଶିବିର ଆୟୋଜିତ ହୋଇଯାଇଛି । ବସ ମାଲିକ ସଂଘର ସଭାପତି ହେମନ୍ତ କୁମାର ପଣ୍ଡା ଉଦ୍ଘାଟନୀ ସଭାରେ ମୁଖ୍ୟଅତିଥି ଭାବରେ ଯୋଗଦାନ କରି ଜୀବନରେ ପ୍ରାଥମିକ ଚିକିତ୍ସାର ଅବଧାରଣା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ମତବ୍ୟକ୍ତ କରିଥିଲେ । ସେଂଟଜନ ଆମ୍ବୁଲେନସର ପ୍ରାଥମିକ ଚିକିତ୍ସା ଅଧାପକ ରବିଚନ୍ଦ୍ର ପଶାୟତ ଓ ଫାଷ୍ଟ ଏଡର ରାମ ନାରାୟଣ ଦାଶ ଶିବିରରେ ଯୋଗଦେଇଥିବା ୩୦ ଜଣ ଡ୍ରାଇଭର ତଥା କଣ୍ଡକଟର ମାନଙ୍କୁ ପ୍ରାଥମିକ ଚିକିତ୍ସାର ଉପଯୋଗିତା, ଡିଆରଏସଏବିସି, ସିପିଆର, ବ୍ୟାଣ୍ଡେଜ, ରିକିଭରି ପୋଜିସନ, ଆଶୁରୋଗୀ ସ୍ଥାନାନ୍ତରଣ ଭଳି ବିଭିନ୍ନ ପ୍ରସଙ୍ଗକୁ ପ୍ରଦର୍ଶନ ମାଧ୍ୟମରେ ତାଲିମ ଦେଇଥିଲେ କୋଶଲ ପ୍ରାଥମିକ ଚିକିତ୍ସା ତାଲିମ ସେଂଟରର ଅଧିକାରୀ ଡା. ସୁଶାନ୍ତ ଚାନ୍ଦ ପରୀକ୍ଷକ ଭାବରେ ଯୋଗଦେଇ ତାଲିମ ଗ୍ରହିତା ମାନଙ୍କର ଲିଖିତ ଏବଂ ପ୍ରାକ୍ ?ଟିକାଲ ପରୀକ୍ଷା କରାଇଥିଲେ । ପ୍ରକାଶଥାଉକି, ବସ ମାଲିକ ସଂଘ ଜିଲ୍ଲା ପ୍ରଶାସନକୁ ଅନୁରୋଧ କରିଥିବାରୁ ବଲାଙ୍ଗୀର ଜିଲ୍ଲାପାଳ ଚଂଚଳ ରାଣାଙ୍କ ଅନୁମୋଦନକ୍ରମେ ରାଜ୍ୟ ସେଂଟଜନ ଆମ୍ବୁଲେନସ ଏସୋସିଏସନ ଏହି ଶିବିରରେ ଡ୍ରାଇଭର ତଥା କଣ୍ଡକଟର ମାନଙ୍କୁ ନିଃଶୁଳ୍କ ଭାବରେ ତାଲିମ ପ୍ରଦାନ କରାଇଥିଲେ । ଆଗାମୀ ଦିନରେ ସେଂଟଜନ ଆମ୍ବୁଲେନସ, ଭୁବନେଶ୍ୱରଙ୍କ ମାର୍ଗଦର୍ଶନରେ ଡ୍ରାଇଭର, କଣ୍ଡକଟର, କଲେଜ ଛାତ୍ରଛାତ୍ରୀ, ମହିଳା ସଂଗଠନ, ଯୁବ ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରାଥମିକ ଚିକିତ୍ସା ତାଲିମ ପ୍ରଦାନ କରିବାକୁ ଯୋଜନା କରାଯାଇଛି ।

## ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ରଥର ଶୁଭାରମ୍ଭ

ବଲାଙ୍ଗିର ,୧୬/୧୧ (ନି.ପ୍ର): ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ଆଇନରେ ଥିବା ସୁବିଧା ସୁଯୋଗ ଏବଂ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜିଲ୍ଲା ପ୍ରଶାସନ ଓ ଜିଲ୍ଲା ଶ୍ରମ ବିଭାଗ ପକ୍ଷରୁ ଆଜି ପୂର୍ବାହ୍ନରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଏକ ଆନ୍ତରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ରଥ ର ଶୁଭାରମ୍ଭ ହୋଇଛି । ଜିଲ୍ଲାପାଳ ଚଂଚଳ ରାଣା ଓ ଆରକ୍ଷୀ ଅଧିକ୍ଷକ ନୀତିନ କୁଶଳକର ଉପସ୍ଥିତ ରହି ଏହି ସଚେତନତା ରଥ କୁ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଆନ୍ତରାଜ୍ୟ ପ୍ରବାସୀ ଶ୍ରମିକ ମାନଙ୍କୁ ସେମାନଙ୍କ ପାଇଁ ଥିବା ସୁବିଧା ସୁଯୋଗ ଏବଂ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଏହି ରଥ ଜିଲ୍ଲା ର ଦାଦନ ପ୍ରବଣ ଅଂଚଳ ଗୁଡିକରେ ପରିକ୍ରମା କରିବା ସହ ସଚେତନତା ସୃଷ୍ଟି କରିବ ବୋଲି ଜିଲ୍ଲାପାଳ ଏହି ଅବସରରେ ପ୍ରକାଶ କରିଥିଲେ । ବଲାଙ୍ଗିର ଜିଲ୍ଲା ପୋଲିସ ତରଫରୁ ମଧ୍ୟ ଏ ସମ୍ପର୍କରେ ଏକ ଅଭିଯାନ ଜରିଆରେ ଲୋକମାନଙ୍କୁ ସଚେତନ କରାଯାଇଛି ବୋଲି ସେ ପ୍ରକାଶ କରିଥିଲେ । ପ୍ରବାସୀ ଶ୍ରମିକଙ୍କୁ ସେମାନଙ୍କ ଅଧିକାର ବିଷୟରେ ଅବଗତ କରାଇବା ସହ ନିର୍ମାଣ ଶ୍ରମିକ ବୋର୍ଡ ତରଫରୁ ସେମାନଙ୍କ ପାଇଁ ଥିବା ସହାୟତା ନିମନ୍ତେ ପୋର୍ଟାଲ ର ସୁବିଧା ତଥା ସେମାନଙ୍କ ପାଇଁ ଥିବା ଆଇନର ବ୍ୟବସ୍ଥା ସମ୍ପର୍କରେ ସଚେତନତା ସହ ଶ୍ରମ ଠିକାଦାର ମାନଙ୍କୁ ମଧ୍ୟ ଆଇନ ସମ୍ପର୍କରେ ସଚେତନ କରାଯିବା ଏହାର ଲକ୍ଷ୍ୟ ବୋଲି ସେ ପ୍ରକାଶ କରିଥିଲେ । ଏତଦବ୍ୟତୀତ ସେମାନଙ୍କ ନିମନ୍ତେ ଥିବା ବିଭିନ୍ନ ସରକାରୀ ସୁବିଧା ସୁଯୋଗ ସମ୍ପର୍କରେ ଏହି ସଚେତନତା ରଥ ମାଧ୍ୟମରେ ସଚେତନ କରାଯିବ ବୋଲି ଜିଲ୍ଲାପାଳ ପ୍ରକାଶ କରିଥିଲେ । ଜିଲ୍ଲା ପୋଲିସ ପକ୍ଷରୁ ଜିଲ୍ଲାର ୩୦ ଗୋଟି ପଂଚାୟତରେ ମିଶନ ଉଦ୍ଧାର ଅଭିଯାନ ଜରିଆରେ ସଚେତନ କରାଯାଇଛି ଓ ସେମାନଙ୍କ ଥଇଥାନ ନିମନ୍ତେ ସରକାରଙ୍କ ବିଭିନ୍ନ ଯୋଜନା ରେ ସାମିଲ କରାଯିବା ସମ୍ପର୍କରେ ମଧ୍ୟ ସଚେତନ କରାଯାଉଛି ବୋଲି ଆରକ୍ଷୀ ଅଧିକ୍ଷକ ଏହି ଅବସରରେ ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମ ରେ ଜିଲ୍ଲା ଶ୍ରମ ଅଧିକାରୀ ସୁକାନ୍ତ କୁମାର ସେଠୀଙ୍କ ସମେତ ଶ୍ରମ ବିଭାଗର ଅଧିକାରୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଜୟଦେବ ପାଣିଗ୍ରାହୀ ପ୍ରମୁଖ ଉପସ୍ଥିତ ଥିଲେ ।

## ଓଡ଼ିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା ପକ୍ଷରୁ ସ୍ମାରକପତ୍ର ପ୍ରଦାନ

ଜୟପୁର ,୧୬/୧୧ (ନି.ପ୍ର): ଓଡ଼ିଶା ଅମଲା ସଂଘ ସମ୍ପାଦକ କୋରାପୁଟ ଜିଲ୍ଲା ଶାଖା ଶଶୀଭୂଷଣ ଦାଶଙ୍କ ଆହ୍ୱାନ କ୍ରମେ କୋରାପୁଟ ଜିଲ୍ଲାର ବିଭିନ୍ନ ବିଭାଗରେ କାର୍ଯ୍ୟରତ ଶତାଧିକ ଅମଲା ଭାଇ ଓ ଭଉଣୀ ମାନେ କୋରାପୁଟ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ଉପସ୍ଥିତ ରହି ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଜିଲ୍ଲାପାଳ କୋରାପୁଟରେ ଅନୁପସ୍ଥିତ ଥିବା ଯୋଗୁଁ ସହକାରୀ ଜିଲ୍ଲାପାଳ କୋରାପୁଟଙ୍କୁ ସ୍ମାରକପତ୍ର ପ୍ରଦାନ କରିଥିବା ନେଇ ସମ୍ପାଦକ ଶଶୀଭୂଷଣ ଦାଶ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ଆଜି ଦିନ ୧ଟା୩୦ ମିନିଟ୍ ସମୟରେ ସମସ୍ତ ଅମଲା ଭାଇ ଓ ଭଉଣୀ ମାନେ କୋରାପୁଟ ସାଂସ୍କୃତିକ ଭବନ ଠାରୁ ଏକ ବିଶାଳ ଶୋଭାଯାତ୍ରାରେ ବାହାରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ପ୍ରବେଶ କରିଥିଲେ । ପୋଲିସର କଡ଼ା ସୁରକ୍ଷା ମଧ୍ୟରେ ମାତ୍ର ୩ ଜଣ ଶଶୀଭୂଷଣ ଦାଶ ସମ୍ପାଦକ ଓଡିଶା ଅମଲା ସଂଘ କୋରାପୁଟ ଜିଲ୍ଲା ଶାଖା, ସଞ୍ଜୟ କୁମାର ପଣ୍ଡା କୋଷାଧ୍ୟକ୍ଷ କୋରାପୁଟ ଜିଲ୍ଲା ଅମଲା ସଂଘ, ବୃନ୍ଦାବନ ପଣ୍ଡା ଉପ ସଭାପତି ଓଡ଼ିଶା ଅମଲା ସଂଘ ଜୟପୁର ଉପଖଣ୍ଡ ପୋଲିସଙ୍କ ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠକୁ ଯାଇଥିଲେ । ଜିଲ୍ଲାପାଳ ଅନୁପସ୍ଥିତ ଥିବା ଯୋଗୁଁ ସହକାରୀ ଜିଲ୍ଲାପାଳ କୋରାପୁଟଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିବା ନେଇ ସୂଚନା ମିଳିଛି ।

## ଚାଷିଙ୍କୁ ସହାୟତା ରାଶି ପ୍ରଦାନ ତଥା ୧୧ ଦଫା ଦାବି ନେଇ ଜିଲାପାଳଙ୍କୁ ପତ୍ର

ବଲାଙ୍ଗିର ,୧୬/୧୧ (ନି.ପ୍ର): ଗତବର୍ଷ ମରୁଡ଼ିର ମାଡରେ ଚାଷୀମାନେ ତଳିତଳାନ୍ତ ହୋଇଥିଲା ବେଳେ ସରକାରୀ ସହାୟତା ରାଶି ପ୍ରଦାନ ଓ ଅନ୍ୟାନ୍ୟ ୧୧ ଦଫା ଦାବି ନେଇ ଗତକାଲି ପଶ୍ଚିମ ଓଡିଶା ସେବା ସଂଘ ପକ୍ଷରୁ ବଲାଙ୍ଗିର ଜିଲ୍ଲାପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଥିଲା । ଏହି ଦାବି ମଧ୍ୟରେ ବଲାଙ୍ଗିର ଜିଲ୍ଲାକୁ ମରୁଡି ଘୋଷଣା, ଗରିବଙ୍କୁ ବିଜୁ ପକ୍କା ଘର ପ୍ରଦାନ, ଚାଷୀଙ୍କୁ ୫୦୦୦ ଟଙ୍କା କୃଷକ ଭତା ପ୍ରଦାନ, ଦିନ ମଜୁରିଆଙ୍କୁ ଲେବର କାର୍ଡ ପ୍ରଦାନ, ପ୍ରତି ଘରକୁ ପିଇବା ପାଣି ଯୋଗାଣ, ଚାଷୀଙ୍କୁ ଜମି ସଜଡା ପାଇଁ ୫୦ ହଜାର ଟଙ୍କା ପ୍ରଦାନ କରାଯାଉ, କରୋନା ମୃତ ପରିବାରକୁ ୫ ଲକ୍ଷ ସହାୟତା ରାଶି ପ୍ରଦାନ, ପ୍ରତି ଗ୍ରାମରେ ପୋଖରୀ ଖୋଳାଯାଉ, ଦେଓଗାଁ ଚିନିକଳ ପୁନଃ ଉଦ୍ଧାର, ଧାନର କଟନୀ ଛଟନୀ ବନ୍ଦ କରି ଧାନମଣ୍ଡି ଖୋଲାଯାଉ, ସହର ମଧ୍ୟରେ ଥିବା ଗରିବ ଖଟିଖିଆଙ୍କୁ ଉଚ୍ଛେଦ ବନ୍ଦ ପାଇଁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏହି ଦାବିପତ୍ର ପ୍ରଦାନ କରାଯାଇଛି । ସଂଘର ସଭାପତି ରାକେଶ ବଗର୍ତୀ, ନକୁଳ ସାହୁ, କପିଳ କୁମ୍ଭାର, ଦୈତାରୀ ସାହୁ ଅଜିତ ରଣା ପ୍ରମୁଖ ପ୍ରଦାନ କରିଛନ୍ତି । ଅତିରିକ୍ତ ଜିଲାପାଳ ଲମ୍ବୋଧର ଧରୁଆଙ୍କୁ ଜିଲାପାଳ ଅନୁପସ୍ଥିତିରେ ଏହି ଦାବିପତ୍ର ପ୍ରଦାନ କରାଯାଇଥିଲା ।

## ମଣି ବରିହା ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଂଟ ଉଦ୍‌ଘାଟିତ

ବଲାଙ୍ଗିର ,୧୬/୧୧ (ନି.ପ୍ର): ଜନ କଲ୍ୟାଣ ଯୁବକ ସଂଘ ଫୁଟବଲ ଏସୋସିଏସନ କାଲସାଏପାଲି ତରଫରୁ ସ୍ୱର୍ଗତ ମଣି ବରିହା ଫୁଟବଲ କୋଚ ଙ୍କ ନା ରେ ମଣି ବରିହା ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଂଟ ପ୍ରଥମ ବର୍ଷ ଖୁଜେନପାଲି ଖେଳ ପଡିଆରେ ପ୍ରଥମ ଦିନର ଖେଳ ଅନୁଷ୍ଠିତ ହୋଇଯାଇଛି । ମଣି ବରିହା ସ୍ମାରକୀ ଫୁଟବଲ ଟୁର୍ଣ୍ଣାମେଂଟ ପ୍ରଥମ ବର୍ଷ ଜନ କଲ୍ୟାଣ ଯୁବକ ସଂଘ ଫୁଟବଲ ଏସୋସିଏସନ କାଲସାଏପାଲି ଆନୁକୁଲ୍ୟରେ ଅନୁଷ୍ଠିତ ହୋଇଛି । ଏହି ପାଂଚ ଦିନ ଧରି ଖୁଜେନପାଲି ଖେଳ ପଡିଆ ଠାରେ ଅନୁଷ୍ଠିତ ହେବ । ଆଜି ପ୍ରଥମ ଦିନରେ ତିନୋଟି ମ୍ୟାଚ ହୋଇଥିଲା । ପ୍ରଥମ ଦିନ ପ୍ରଥମ ମ୍ୟାଚ ପ୍ରଗ୍ରେସିଭ କ୍ଲବ କୁ କୁଦେଇ ପାଲି କୁ ୧-୦ ଗୋଲ ରେ ପରାସ୍ତ କରିଥିଲା । ଦ୍ୱିତୀୟ ମ୍ୟାଚ ଖୁଜେନପାଲି କୁ କଅଁଗା ଟ୍ରାଏବ୍ରେକର ରେ ୨-୦ ରେ ପରାସ୍ତ କରିଥିଲା । ତୃତୀୟ ମ୍ୟାଚ କୁଦେଇ ପାଲିକୁ କଅଗାଁ ୧-୦ ପରାସ୍ତ କରି ସେମି ଫାଇନାଲକୁ ଗଲେ । ଅତିଥି ଭାବରେ ସୂର୍ଯ୍ୟକାନ୍ତ ସାହୁ ସମିତି ସଭ୍ୟ ଖୁଜେନପାଲି ଗ୍ରା.ପ, ପୂର୍ବତନ ସରପଂଚ ସତ୍ୟବାନ ସାହୁ, ଯୁବ ସମାଜସେବୀ ବିନୋଦ କାଲସାଏ, ମନୋଜ ତ୍ରିପାଠୀ, କରୁଣାକର ମହାପାତ୍ର, ଲାଲମଣି କାଲସାଏ, ୱାଡ ମେମ୍ବର ସଂଜୁ ଷାଣ୍ଡ, ଅନୁପ ସାଏ ଓ ସ୍ୱର୍ଗତ ମଣି ବରିହାଙ୍କ ସ୍ତ୍ରୀ, ପୁଅ, ଝିଅ ସପରିବାର ଯୋଗ ଦେଇଥିଲେ । ମ୍ୟାଚ କୁ ସଞ୍ଜିବ ମହାରଣା, ନରସିଂ ସ୍ୱାମି ନାଇଡୁ, ସୁଧାଂଶୁ ସେଠ, ବୈକୁଣ୍ଠ ଜେନା, ଅବଦୁଲ ମୁଜିବ, ଖଲିଉର ରହେମାନ ଖେଳ ପରିଚାଳନା କରିଥିଲେ । ଶ୍ରୀକର କାଲସାଏ, ଭୁପେନ୍ଦ୍ର ସିଂ, ଗୋପିନାଥ କାଲସାଏ, ଦେବାଶିଷ କାଲସାଏ, ବୁନୁ ତାଣ୍ଡି, ଶ୍ରୀକାନ୍ତ କାଲସାଏ, ଚନ୍ଦ୍ର ରାଜ କାଲସାଏ, ରାହାସ କାଲସାଏ ଓ ଜନ କଲ୍ୟାଣ ଯୁବ ସଂଘ ର ସଦସ୍ୟମାନେ ସହଯୋଗ କରିଥିଲେ ।

## ଭତା ଭେଳିକି, ବୃଦ୍ଧବୃଦ୍ଧା ହନ୍ତସନ୍ତ : ଯୋଜନା ବାଟବଣା

ଘସିପୁରା ,୧୬/୧୧ (ନି.ପ୍ର): ୩ ବର୍ଷ ହେଲା ଜଣେ ବୃଦ୍ଧ ଭତା ପାଇଁ ଦରଖାସ୍ତ କରି ଭତା ନପାଇ ହନ୍ତସନ୍ତ ହେଉଥିବାର ଅଭିଯୋଗ ହୋଇଛି । ଏଥି ସହିତ ସରକାରଙ୍କ ଭତା ଯୋଜନା ବାଟବଣା ହୋଇଥିବା ଓ ଏହା ଏକ ଭେଳିକି ବୋଲି ଅଭିଯୋଗ ଆଣିଛନ୍ତି ବୃଦ୍ଧ ଜଣକ । କେନ୍ଦୁଝର ଜିଲା ଘସିପୁରା ବ୍ଲକ ଅନ୍ତର୍ଗତ ରାମଚନ୍ଦ୍ରପୁର ପଂଚାୟତ ନୂଆଗାଁର ମହେଶ୍ୱର ମଳିକ (୬୫) ଦୀର୍ଘ ଦୁଇ ବର୍ଷ ହେଲା ଭତା ପାଇଁ ଦରଖାସ୍ତ କରି ଆସୁଥିବାବେଳ ଏଯାଏ ଭତା ପାଇପାରିନଥିବା ପ୍ରକାଶ କରିଛନ୍ତି । ଭତା ପାଇଁ ବହୁବାର ପଂଚାୟତକୁ ଯାଇଥିଲେ ସୁଧା ତାଙ୍କୁ ଭତା ମିଳି ପାରୁନାହିଁ, କେତେବେଳେ ଦରଖାସ୍ତ ବ୍ଲକକୁ ଯାଇଛି ବୋଲି କହି ବିଦାକରି ଦେଉଛନ୍ତି ତ କେତେବେଳେ ପଂଚାୟତରୁ ଦରଖାସ୍ତ ଆସିନାହିଁ ବୋଲି ବ୍ଲକରେ କହୁଛନ୍ତି । ଏନେଇ ବିଚରା ମହେଶ୍ୱର ଭତାପାଇଁ ପଂଚାୟତରୁ ବ୍ଲକ ଓ ବ୍ଲକରୁ ପଂଚାୟତକୁ ବାରମ୍ବାର ଧାଇଁଥିବା କହିଛନ୍ତି, ହେଲେ ସରକାରଙ୍କ କାନରେ ଏ ଗରିବର ଡାକ ବାଜିନ ଥିବା ଜଣାପଡ଼ିଛି । ସରକାରୀ ସହାୟତା ଏଠି ସବୁ ବାଟମାରଣା ହେଉଛି ଏବଂ ସରକାର ଏହି ଭତା ଯୋଜନା ବୃଦ୍ଧ ବୃଦ୍ଧାଙ୍କ ପାଇଁ କ୍ୱେଳ ଭେଳିକି ବୋଲି ଦୁଃଖର ସହ ମହେଶ୍ୱର ପ୍ରକାଶ କରିଛନ୍ତି । ପ୍ରଶାସନିକ ବାବୁ ଓ ଦାୟୀତ୍ୱରେ ଥିବା ଅଧିକାରୀ ମାନେ ଜାଣି ଶୁଣି ଭତା ଦେଉ ନ ଥିବା ସେ ଅଭିଯୋଗ କରିଛନ୍ତି । ଏଠି ସାଧାରଣରେ ପ୍ରଶ୍ନ ଉଠୁଛି, ଯଦି ଅନଲାଇନରେ ଭତା ପଠା ଯାଉଛି ତେବେ ହିତାଧୀକାରୀ ଭତା ପାଉନାହାନ୍ତି କାହିଁକି । ଯୋଜନା ପ୍ରକୃତରେ କାହା ପାଇଁ, ପ୍ରଶାସନର ଅବହେଳା ହେଉ ଅବା ରାଜନୀତିର ପାତର ଅନ୍ତର ନୀତିରେ ଏହିଭଳି ସରକାରଙ୍କ ଭତା ଯୋଜନାରୁ ବାଦ ପଡୁଛନ୍ତି ଅନେକ ବାସ୍ତବ ହିତାଧୀକାରୀ । ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଏହି ସମସ୍ୟା ସମାଧାନ କରି ବୃଦ୍ଧ ବୃଦ୍ଧାଙ୍କୁ ଭତା ସହାୟତା କରିବା ପାଇଁ ସାଧାରଣରେ ଦାବୀ ହୋଇଛି ।

## ସ୍ୱର୍ଗତା ମଧୁସ୍ମିତାଙ୍କ ସ୍ମରଣ ସଭା ଓ ବାର୍ଷିକ ଉତ୍ସବ

ମାଲକାନଗିରି ,୧୬/୧୧ (ନି.ପ୍ର): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅନ୍ତର୍ଗତ ତାର୍ଲାକୋଟା ସରକାରୀ ଉଚ୍ଚ ବିଦ୍ୟାଳୟ ଠାରେ ଶିଶୁ ବତ୍ସଳା ଶିକ୍ଷୟିତ୍ରୀ ସ୍ୱର୍ଗତା ମଧୁସ୍ମିତାଙ୍କ ସ୍ମରଣ ସଭା ଓ ବିଦ୍ୟାଳୟର ବାର୍ଷିକ ଉତ୍ସବ ଆଜି ପାଳନ ହୋଇଯାଇଅଛି । ଏହି କାର୍ଯ୍ୟକ୍ରମ ବିଦ୍ୟାଳୟର ପ୍ରଧାନଶିକ୍ଷୟତ୍ରୀ ତପସ୍ୱିନୀ କୋହର ଙ୍କ ସଭାପତିତ୍ୱ କରିଥିଲାବେଳେ , ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୋଜନା ବୋର୍ଡର ସଭ୍ୟ ଓ ବରିଷ୍ଠ କବି ପ୍ରଫେସର ଡ. ପ୍ରସନ୍ନ କୁମାର ପାଟ୍ଟଶାଣୀ, ବିଶିଷ୍ଟ ଅତିଥି ଭାବେ ପୂର୍ବତନ ଅର୍ଥ ମନ୍ତ୍ରୀ ତଥା ସୁସାହିତ୍ୟିକ ପଞ୍ଚାନନ କାନୁନଗ , ମୁଖ୍ୟବକ୍ତା ଭାବେ ସାହିତ୍ୟ ଏକାଡେମୀ ରାଜ୍ୟ ସଦସ୍ୟ ଓ ଉତ୍ପୁନାର ସାଧାରଣ ସମ୍ପାଦକ ଡ. ବାହାଦୁର ପାଟ୍ଟଶାଣୀ ପ୍ରମୁଖ ଯୋଗଦେଇ ଓଡ଼ିଶା ଇତିହାସରେ ଏହା ପ୍ରଥମ ଲିପିବଦ୍ଧ ହେଲା ଓ ଜଣେ ମହିଳା ଶିକ୍ଷୟିତ୍ରୀଙ୍କ ପ୍ରତିମୂର୍ତ୍ତି ସରକାରଙ୍କ ଶିକ୍ଷକ ଓ ମହିଳାମାନଙ୍କ ପ୍ରତି ଥିବା ସମ୍ମାନ ବୋଧ ଏକ ଦୃଷ୍ଟାନ୍ତ ହୋଇ ରହିଗଲା, ସମ୍ମାନିତ ଅତିଥି ଭାବେ ସାହିତ୍ୟିକ ପଦ୍ମନାଭ ତ୍ରିପାଠୀ, କୋରାପୁଟ ଜିଲ୍ଲାର ଅତିରିକ୍ତ ଜିଲ୍ଲାପାଳ ଆଲୋକ କୁମାର ଅନୁଗୁଲିଆ , କୋରାପୁଟ ସ୍ଥିତ ଆଦିବାସୀ ଗବେଷଣା କେନ୍ଦ୍ରର ଗବେଷକ ରାଜେନ୍ଦ୍ର ପ୍ରସାଦ ପାଢ଼ୀ, ଢେଙ୍କାନାଳ ସ୍ଥିତ ସତ୍ୟମ୍ ଶିବମ ସୁନ୍ଦରମ ଡିଗ୍ରୀ ମହାବିଦ୍ୟାଳୟର ଡ. ତାରାପ୍ରସାଦ ଶତପଥୀ, ବିଜୁ ପଟ୍ଟନାୟକ କଲେଜ କୁନ୍ଦୁରାର ଅଧ୍ୟକ୍ଷା ଗୀତା କରଣ, ଖୋର୍ଦ୍ଧା ସ୍ଥିତ ଜଗନ୍ନାଥ ସେବା ପ୍ରତିଷ୍ଠାନ ର ସଭାପତି ଚକ୍ରଧର ତ୍ରିପାଠୀ,ଖୋର୍ଦ୍ଧା ସ୍ଥିତ ନିଶିଗନ୍ଧା ଭାଷା ପ୍ରତିଷ୍ଠନର ବଳରାମ ଦଳାଇ, ସ୍ୱାବଲମ୍ବନ ପ୍ରେସ ନିର୍ଦ୍ଦେଶକ ସନ୍ତୋଷ କୁମାର ବାରିକ, ମଧୁସ୍ମିତା ସ୍ମୃତି କମିଟିର ଆବାହକ ବିଜୟ ଉପାଧ୍ୟାୟ, କୋରୁକୋଣ୍ଡା ବ୍ଲକର ପୂର୍ବତନ ଅଧକ୍ଷ ତଥା ମଧୁସ୍ମିତା ସ୍ମୃତି କମିଟିର ସଭାପତି ମଣି ଶଙ୍କର ମଜୁମଦାର , ଓଡ଼ିଆ ଯୁବ ଲେଖକ ସମ୍ପାଦକ ବିଦେଶୀ ନାୟକ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସୋମନାଥ ବାର୍ସେ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତା ମଧୁସ୍ମିତାଙ୍କ ସ୍ମୃତି ଚାରଣ କରିଥିଲେ । ଏହା ଏକ ଐତିହାସିକ ପଦକ୍ଷେପ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଉକ୍ତ ଉତ୍ସବରେ ମଧୁସ୍ମିତାଙ୍କ ଉଦ୍ଦେଶ୍ୟରେ ହୋଇଥିବା ପୁସ୍ତକ ବିଶ୍ୱ ଦେଖ ମଧୁମୟ ମୁଖ୍ୟ ଅତିଥି ଉନ୍ମୋଚନ କରିଥିଲେ । କବି କରୁଣାକରଙ୍କ ଅହ୍ୟରାଣୀ ଓ ଅଚ୍ଛିଣ୍ଡା ଗଣିତ ଅଶୁଝା ରଣ ଦୁଇଟି ପୁସ୍ତକ ଲୋକାର୍ପଣ କରାଯାଇଥିଲା । ଦୁଇ ଜଣଙ୍କ ଶିକ୍ଷକ ଅଜୟ କୁମାର ନାୟକ ଓ କଲ୍ୟାଣୀ ସ୍ୱାଇଁ ଙ୍କୁ ମଧୁସ୍ମିତା ଆଦର୍ଶ ଶିକ୍ଷକ/ଶିକ୍ଷୟିତ୍ରୀ ସମ୍ମାନ - ୨୦୨୨ ରେ ସମ୍ମାନିତ କରାଯାଇଥିଲା । ଶ୍ରେଷ୍ଠ ସଂଗଠକ ସମ୍ମାନ ୨୦୨୨ ରେ ନିଶିଗନ୍ଧା ଭାଷା ପ୍ରତିଷ୍ଠାନ ଖୋର୍ଦ୍ଧା ର ପ୍ରତିଷ୍ଠାତା ବଳରାମ ତରାଇଙ୍କୁ ପ୍ରଦାନ କରାଯାଇଥିଲା । ବିଦ୍ୟାଳୟ ର ୨୦୨୨-୨୩ ଶିକ୍ଷା ବର୍ଷରେ ଦଶମ ବୋର୍ଡ ପରୀକ୍ଷାରେ ସର୍ବୋଚ୍ଚ ନମ୍ବର ରଖିଥିବା ସୁଶିଳା ଦୋଷ୍ଠି,ମହେଶ ମଲିକ ଓ ପୂଜା ଭକ୍ତଙ୍କୁ ମଧୁସ୍ମିତା ମେଧା ପୁରସ୍କାର ସମ୍ମାନ - ୨୦୨୨ ରେ ସମ୍ମାନିତ କରାଯାଇଥିଲା । ବିଦ୍ୟାଳୟରେ ବିଭିନ୍ନ କ୍ରିଡା କବିତା ଆଦି ପ୍ରତିଯୋଗିତାରେ କୃତି ଶିକ୍ଷାର୍ଥୀମାନଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅତ୍ୟନ୍ତ ମନମୁଗ୍ଧକର ଥିଲା । ଶେଷରେ ଶିକ୍ଷକ ଶାରଦା ପ୍ରସାଦ ଦାସ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ, କମିଟି ମେମ୍ବର, ପୂର୍ବତନ ଛାତ୍ର ସଂଘ, ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ ।

## ପୋଷଣ ଯୁକ୍ତ ଚାଉଳ ପ୍ରସ୍ତୁତି ଉପରେ ତାଲିମ ଶିବିର ଉଦ୍‌ଯାପିତ

ଜୟପୁର ,୧୬/୧୧ (ନି.ପ୍ର): ଜୟପୁର ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ତାଲିମ ଶିବିରରେ ପୋଷଣ ଯୁକ୍ତ ଚାଉଳ ପ୍ରସ୍ତୁତି ଉପରେ ଦୁଇ ଦିନ ଧରି ଜାରି ରହିଥିବା ମିଲର ମାନଙ୍କୁ ତାଲିମ ଶିବିର ଉଦଯାପିତ ହୋଇଛି । ଜିଲ୍ଲାର ମିଲର ମାନଙ୍କୁ ଉପଜିଲାପାଳ ବେଦ ବର ପ୍ରଧାନ,ଜିଲା ଯୋଗାଣ ଅଧିକାରୀ ପ୍ରଦିପ କୁମାର ପଣ୍ଡା,ଏସିଏସଓ ସୁନିଲ କୁମାର ଜେନା , ପ୍ରିୟବ୍ରତ ବେହେରା, ସମସ୍ତ ବ୍ଲକର ଯୋଗାଣ ନିରିକ୍ଷକ ମାନେ ଉପସ୍ଥିତ ଥିଲେ ।

## ବାଲ୍ୟ ବିବାହମୁକ୍ତ ଜିଲ୍ଲା ପାଇଁ ସଚେତନତା ଶୋଭାଯାତ୍ରା

ଝାରସୁଗୁଡ଼ା ,୧୬/୧୧ (ନି.ପ୍ର): ଜିଲ୍ଲାକୁ ବାଲ୍ୟ ବିବାହମୁକ୍ତ କରିବା ପାଇଁ ''ବିଜୟିନୀ'' ଅଭିଯାନର ଅଂଶ ସ୍ୱରୂପ ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି । ଝାରସୁଗୁଡ଼ା ବସଷ୍ଟାଣ୍ଡ ଗୋଲେଇ ଛକଠାରୁ ପୌରପାଳିକା ପର୍ଯ୍ୟନ୍ତ ଆୟୋଜିତ ଏହି ସଚେତନତା ଶୋଭାଯାତ୍ରାକୁ ଜିଲ୍ଲାପାଳ ସରୋଜ କୁମାର ସାମଲ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଛାତ୍ରୀ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ , ସୁପରଭାଇଜର ଓ ଅଙ୍ଗନବାଡ଼ି କର୍ମଚାରୀମାନେ ସଚେତନତା ବ୍ୟାନର ଓ ପ୍ଲାକାର୍ଡ ଧରି ଶୋଭାଯାତ୍ରାରେ ଅଂଶ ଗ୍ରହଣ କରିଥିଲେ । ଶୋଭାଯାତ୍ରାରେ ପ୍ରବନ୍ଧକ ନିର୍ଦ୍ଦେଶକ( ପୁନର୍ବାସ ଓ ଥଇଥାନ)ଆଲୋମଣୀ ସେଠୀ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଡୋଳାମଣି ପଟେଲ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ମେହେରୁନ୍ନିସା ବେଗମ, ଜିଲ୍ଲା ଶ୍ରମ ଅଧିକାରୀ ସୁନିତା କିସାନ, ଡିସିପିଓ ସୁନନ୍ଦ ମହାରଣା,ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅଜୟ ଜେନା, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ୍ତ ସା, ମମତା ଜିଲ୍ଲା ପ୍ରକଳ୍ପ ସଂଯୋଜକ ତୁଷାରକାନ୍ତ ନାୟକ, ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ଆନନ୍ଦିନୀ ପାଢ଼ୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଏଇ ତ ଜୀବନ ଭି ନିର୍ଦ୍ଦେଶିକା ମାନସୀ ପଣ୍ଡାଙ୍କ ସମେତ ବିଭିନ୍ନ ଗଣମାଧ୍ୟମ ପ୍ରତିନିଧି ଅଂଶ ଗ୍ରହଣ କରିଥିଲେ । ଜିଲ୍ଲା ସଂଯୋଜିକା(ବାଲ୍ୟବିବାହ) ରଞ୍ଜିତା ଦାଶ ଓ ଆକ୍ସନ ଆଡ ୟୁନିସେଫ୍ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ।

## ସଂସ୍କୃତି ଭବନ ଓ ଜିଲ୍ଲା ପାଠାଗାର ଉଦ୍‌ଘାଟନ

ଝାରସୁଗୁଡ଼ା ,୧୬/୧୧ (ନି.ପ୍ର): ସଂସ୍କୃତ ଭବନ ଓ ଜିଲ୍ଲା ପାଠାଗାର ଉଦଘାଟନ ଉତ୍ସବ ଅନୁଷ୍ଠିତ ହୋଇଛି । ଉତରାଂଚଳ ରାଜସ୍ୱ ଆୟୁକ୍ତ ଡ.ସୁରେଶ ଚନ୍ଦ୍ର ଦଳାଇ ସଂସ୍କୃତି ଭବନ ଓ ଜିଲ୍ଲା ପାଠାଗାର ଉଦଘାଟନ କରିଥିଲେ । ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଡ.ଦଳାଇ କଳା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଝାରସୁଗୁଡ଼ାର ସ୍ୱାତନ୍ତ୍ର୍ୟତା ଓ ଉତ୍କର୍ଷତା ସମ୍ପର୍କରେ ଉଲ୍ଲେଖ କରି ପାଠାଗାର ପ୍ରତିଷ୍ଠା ଫଳରେ ଆଗ୍ରହୀ ଛାତ୍ରଛାତ୍ରୀଙ୍କ ସମେତ ଜିଜ୍ଞାସୁ ପାଠକ ପାଠିକା ଉପକୃତ ହେବେ ବୋଲି କହିଥିଲେ । ଜିଲ୍ଲାପାଳ ସରୋଜ କୁମାର ସାମଲ , ସମାଜର ବିଭିନ୍ନ ଦିଗ ଓ ବିଭବକୁ ନେଇ ଅଧ୍ୟୟନ କରିବା ଦ୍ୱାରା ଜ୍ଞାନ ଅର୍ଜନ ସମ୍ଭବ ହୋଇଥାଏ ଓ ଏହି ଅଧ୍ୟୟନର ପରିସମାପ୍ତି ନଥାଏ ବୋଲି କହିଥିଲେ । ପାଠାଗାର ଅଧ୍ୟୟନ ପାଇଁ ସୁଯୋଗ ଦେବ ବୋଲି ଉଲ୍ଲେଖ କରି ଗବେଷଣା ପାଇଁ ମଧ୍ୟ ସହାୟକ ହେବ ବୋଲି କହିଥିଲେ । ପାଠାଗାରରେ ରିଡିଙ୍ଗ ରୁମ୍, ବରିଷ୍ଠ ନାଗରିକଙ୍କ ପାଇଁ ସ୍ୱତନ୍ତ୍ର ପ୍ରକୋଷ୍ଠ ଓ ଇ-ଲାଇବ୍ରେରୀର ବ୍ୟବସ୍ଥା କରାଯାଇଛି । କାର୍ଯ୍ୟକ୍ରମ ସଂଚାଳନ କରିଥିଲେ ଲକ୍ଷ୍ମୀନାରାୟଣ ମହାବିଦ୍ୟାଳୟର ବରିଷ୍ଠ ଅଧାପିକା ଡ.ସ୍ୱର୍ଣ୍ଣମୟୀ ପୁରୋହିତ । ଅଭିନବ କଳା ପରିଷଦ ପକ୍ଷରୁ ଗଙ୍ଗାଧର ମେହେରଙ୍କ ରଚିତ ମଙ୍ଗଳେ ଅଇଲା ଉଷା ଓ କବି ବିନୋଦ ନାୟକଙ୍କ ଗ୍ରାମପଥର ସଙ୍ଗୀତ ରୂପ ପରିବେଷଣ କରାଯାଇଥିଲା । ଏହି ଅବସରରେ ସନ୍ଧ୍ୟାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା । ଦୁଲଦୁଲି ସ୍ମରଣିକାର ସମ୍ପାଦନା ମଣ୍ଡଳୀର ସଦସ୍ୟମାନଙ୍କୁ ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ମୁଖ୍ୟ ଅତିଥିଙ୍କୁ ଜିଲ୍ଲାପାଳ ଉତରୀୟ ଓ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ । ରାଉରକେଲାର ଶ୍ରୀକ୍ଷେତ୍ର କଳା ପରିଷଦ ଦ୍ୱାରା ଭଜନ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା ।

# ଅଜବ ବିଶ୍ୱାସର ମନ୍ଦିର

## ଭାରତର ବିଭିନ୍ନ ସ୍ଥାନରେ ରହିଛି ଏପରି ମନ୍ଦିର, ଯାହାର ପରମ୍ପରା ଆଉ ବିଶ୍ୱାସ କାହାକୁ ବି ଚକିତ କରିଦେବ....

### ଲଙ୍କାଗୁଣ୍ଡ ବୋଲିହୋଇ ନିଆଁରେ ଚାଲନ୍ତି ଭକ୍ତ :



ଭାରତର ବିଭିନ୍ନ ମନ୍ଦିରରେ ଭିନ୍ନଭିନ୍ନ ପରମ୍ପରା ଦୃଷ୍ଟି ଗୋଚର ହୋଇଥାଏ । ବେଳେବେଳେ ଏହା ଆଧୁନିକ ବିଜ୍ଞାନକୁ ଚ୍ୟାଲେଞ୍ଜ କରିଥାଏ । ମାତ୍ର ଏହା ରହସ୍ୟ ଖୋଜିବାକୁ ବିଜ୍ଞାନ ସକ୍ଷମ ହୋଇପାରେନା । ଏଭଳି ଏକ ଅଜବ ପରମ୍ପରା ତାମିଲନାଡୁ ଇଦ୍ୱାଓ୍ୱାଡି ଗାଁରେ ଥିବା ବର୍ନାମୁର୍ତୁ ମରିୟମନ୍ ମନ୍ଦିରରେ ଅତି ପ୍ରାଚୀନ କାଳରୁ ଚଳି ଆସୁଛି । ଏଠାରେ ପ୍ରତିବର୍ଷ ୮ ଦିନ ବ୍ୟାପି ବାର୍ଷିକ ଉତ୍ସବ ପାଳିତ ହୋଇଥାଏ । ଏହି ଅବସରରେ ମନ୍ଦିରର ତିନି ପ୍ରମୁଖ ଭକ୍ତଙ୍କୁ ଲଣ୍ଡା କରାଯାଇ ସେମାନଙ୍କ ଶରୀରରେ ଚନ୍ଦନ, କୁଙ୍କୁମ, ଅତର, ହଳଦୀ ସହିତ ଲାଲ୍ ଲଙ୍କାଗୁଣ୍ଡ ବୋଳି ଦିଆଯାଇଥାଏ । ସେମାନଙ୍କୁ କିଛି ଗୁଣ୍ଡ ମଧ ସେବନ କରିବାକୁ ଦିଆଯାଇଥାଏ । ସେଠାରେ ସେମାନଙ୍କୁ ଜଳୁଥିବା ଅଙ୍ଗାରରେ ଚାଲିବାକୁ ହୋଇଥାଏ । ଏହାଦ୍ୱାରା ମାନସିକ ପୂରଣ ହୋଇଥାଏ ବୋଲି ବିଶ୍ୱାସ ରହିଛି । ଏହି ଉତ୍ସବକୁ ଲଙ୍କା ଅଭିଷେକ କୁହାଯାଇଥାଏ ।




### ପ୍ରେମିକ ପ୍ରେମିକାଙ୍କ ବିଚ୍ଛେଦ ପାଇଁ ହୁଏ ପୂଜା :

ଉ ରପ୍ରଦେଶ ସାହାରନ ପୁରରେ ରହିଛି ଶ୍ରୀବାଲାଜୀ ମହାରାଜଙ୍କ ମନ୍ଦିର । ମନ୍ଦିରରେ ହନୁମାନଙ୍କ ବାଳ ସ୍ୱରୂପ ପୂଜା ହୋଇଥାନ୍ତି । ଏଠାରେ ଯୁବତୀ ଯୁବକଙ୍କ ମୁଣ୍ଡରେ ପ୍ରେମ ନିଶା ଉ ରିବା ଲାଗି କରାଯାଇଥାଏ ପୂଜା । ସେଥିପାଇଁ ଏଠାରେ କୌଣସି ପ୍ରେମୀଯୁଗଳ ପାଦ ପକାଇ ନଥାନ୍ତି । ପରିବାରର ଇଛା ବିରୋଧରେ ପ୍ରେମ ବିବାହ କରିବାକୁ ଜିଦ୍ ଧରିଥିବା ଯୁବତୀ ଯୁବକଙ୍କ ସମ୍ପର୍କୀୟ ମନ୍ଦିରରେ ଆସି ପୂଜାର୍ଚ୍ଚନା କଲେ ସୁଫଳ ମିଳିଥାଏ ବୋଲି ରହିଛି ବିଶ୍ୱାସ । ପୂଜା ପରେ ଆଶ୍ଚର୍ଯ୍ୟ ଭାବେ ଯୁବତୀ ଯୁବକମାନେ ନିଜ ଜିଦ୍‌ରୁ ଓହରି ଆସି ପରିବାର ଇଚ୍ଛାନୁସାରେ ବିବାହ କରୁଥିବା ସ୍ଥାନୀୟ ଲୋକେ କୁହନ୍ତି । ପ୍ରତି ମଙ୍ଗଳବାର ମନ୍ଦିରରେ ଏଥିଲାଗି ସ୍ୱତନ୍ତ୍ର ପୂଜା କରାଯାଇଥାଏ ।

### ଏବେ ବି ଆସନ୍ତା ଅଶ୍ୱତ୍ଥମା :



ମହାଭାରତର ଅଶ୍ୱତ୍ଥମା ଆଜି ବି ମା'ଙ୍କ ମନ୍ଦିରରେ ପୂଜା କରନ୍ତି । ଦ୍ୱିପର ଯୁଗର କିଛି କଥା ସହିତ ଜଡିତ ଥିବା ଉ ର ପ୍ରଦେଶର ଇଟାଓ୍ୱା ଜିଲ୍ଲାରେ ଯମୁନା ନଦୀ କୂଳରେ ଅବସ୍ଥିତ ମା' କାଳୀଙ୍କ ମନ୍ଦିର ବିଷୟରେ ମାନ୍ୟତା ରହିଛି । ମହାଭାରତର ଅଶ୍ୱତ୍ଥମା ଏବେବି ଅଦ୍ଭୁତ ରୂପରେ ଆସି ସର୍ବପ୍ରଥମେ ଏଠାରେ ପୂଜାର୍ଚ୍ଚନା କରିଥାନ୍ତି । ଇଟାଓ୍ୱା ସଦର ମୁଖ୍ୟାଳୟରୁ ମାତ୍ର ୫ କିଲୋମିଟର ଦୂରରେ ଥିବା ଯମୁନା ନଦୀ କୂଳରେ ଅବସ୍ଥିତ ଏହି ମନ୍ଦିରରେ ନବରାତ୍ରି ସମୟରେ ସ୍ୱତନ୍ତ୍ର ପୂଜାର୍ଚ୍ଚନା କରାଯାଇଥାଏ । ନିଜ ମନସ୍କାମନା ପୂରଣ କରିବା ପାଇଁ ଦୂରଦୂରାନ୍ତରୁ ଭକ୍ତମାନେ ଏଠାକୁ ଆସିଥାନ୍ତି । ମନ୍ଦିରର ମୁଖ୍ୟ କହିବାନୁଯାୟୀ ସେ ପ୍ରାୟ ୪୦ ବର୍ଷ ହେଲାଣି ଏହି ମନ୍ଦିରରେ ସେବା କରିଆସୁଛନ୍ତି । ତାଙ୍କ ମତରେ ମନ୍ଦିର ବନ୍ଦ ହେବା ପୂର୍ବରୁ ମୂ ର୍ିରୁ ସବୁ ଶୁଖିଯାଇଥିବା ଫୁଲଗୁଡିକୁ ବାହାର କରିଦିଆଯାଇଥାଏ କିନ୍ତୁ ସକାଳେ ଯେତେବେଳେ ମନ୍ଦିର ଖୋଲାଯାଏ ମନ୍ଦିର ଗର୍ଭଗୃହରେ ଫୁଲ ଗୁଡିକ ଏକଦମ ସତେଜ ଅବସ୍ଥାରେ ରହିଥାଏ । ଯାହା ପ୍ରମାଣ କରେ ଯେ କେହିନା କେହି ଛଦ୍ମ ରୂପରେ ଆସି ପୂଜା କରିଥାଆନ୍ତି । ଶାସ୍ତ୍ରରେ ଉଲ୍ଲେଖ ଅଛି ଯେ, ମହାଭାରତର ଅଶ୍ୱତ୍ଥମା ମା'ଙ୍କ ମନ୍ଦିରରେ ଆସି ରାତିରେ ପୂଜା କରିଥାନ୍ତି ।

# ଘରେ ପ୍ରସ୍ତୁତ କରନ୍ତୁ ସ୍ୱାଦିଷ୍ଟ ଭେଜିଟେବୁଲ ଜଲଓ୍ୱା



**ଆବଶ୍ୟକ ସାମଗ୍ରୀ:** ଆଳୁ, ଫୁଲକୋବି, ଗାଜର, କ୍ୟାପସିକମ , ବିନ୍ସ, କଦଳି ମଞ୍ଜା, ଲୁଣ, ହଳଦୀ, ନଡ଼ିଆ, କଞ୍ଚା ଲଙ୍କା, ଶୁଖିଲା ଲଙ୍କା, ଆମ୍ବ କଷିଆ ଅଦା, ଧନିଆପତ୍ର, ଅଦା, ରସୁଣ, ଲୁଣ, ରିଫାଇନ୍ ତେଲ, କର୍ଣ୍ଣଫ୍ଲୋର, ବ୍ରେଡକର୍ଣ୍ଣ, ଜୀରା, ଭୃଷଙ୍ଗପତ୍ର, ଟମାଟୋସସ୍ ।

**ପ୍ରସ୍ତୁତି ପ୍ରଣାଳୀ:** ପ୍ରଥମେ ଆଳୁ, ଫୁଲକୋବି, ଗାଜର ଓ ବିନ୍ସକୁ ସିଝାଇ ଦିଅନ୍ତୁ। କଦଳି ମଞ୍ଜାରେ ଲୁଣ, ହଳଦୀ ଗୋଳାଇ ତାକୁ ସିଝାଇ ଦିଅନ୍ତୁ। ସେଥିରେ ନଡ଼ିଆ କୋରା ବଟା, କଞ୍ଚା ଲଙ୍କା, ଆମ୍ବ କଷିଆ ଅଦା, ଓ ଧନିଆପତ୍ର ପକାଇ ପୂର ପ୍ରସ୍ତୁତ କରନ୍ତୁ।

ଏହାପରେ ସିଝା ପରିବାକୁ ଚକଟି ସେଥିରେ କଟା ଅଦା, କଟା ରସୁଣ ଓ ଲୁଣ ପକାଇ ଭଲ ଭାବେ ଗୋଳାଇ ଦିଅନ୍ତୁ। ପରେ ପରିବା ଚକଟାକୁ ଗୋଲ ଗୋଲ ପିଠା ଆକାରର କରି ତା' ଭିତରେ ମଞ୍ଜା ପୁର ଦେଇ ଗଢ଼ି ରଖନ୍ତୁ।

କରେଇରେ ତେଲ ଗରମ କରି ଗଢ଼ା ଯାଇଥିବା ପରିବା ଗୁଳାକୁ କର୍ଣ୍ଣଫ୍ଲୋର ଗୋଳାରେ ବୁଡ଼ାଇ ବ୍ରେଡକର୍ଣ୍ଣରେ ପକାଇ ଛାଣି ରଖନ୍ତୁ।

ପୁଣି କରେଇରେ ତେଲ ଗରମ କରି ଜୀରା, କଟା କଞ୍ଚାଲଙ୍କା, ଶୁଖିଲା ଲଙ୍କା, ଭୃଷଙ୍ଗପତ୍ର, ଲୁଣ, ଟମାଟୋସସ୍, କଟା କ୍ୟାପସିକମ ଓ ଅଳ୍ପ ପାଣି ଦେଇ ଗୋଳାନ୍ତୁ।

ମସଲା ହୋଇଯିବା ପରେ ଛଣା ଯାଇଥିବା ଭେଜିଟେବୁଲ ବଲକୁ ପକାଇ ଏକରୁ ୨ ମିନିଟ୍ ପରେ ଚୁଲିରୁ ଓହ୍ଲାଇ ଦିଅନ୍ତୁ। ଏଥର ଗରମାଗରମ ପରଷନ୍ତୁ ଭେଜିଟେବୁଲ ଜଲଓ୍ୱା।

# ବାସ୍ତୁଶାସ୍ତ୍ରର ନିୟମ

♦ ଘରର ସୁଖ ସମୃଦ୍ଧି ତଥା ପରିବାର ସଦସ୍ୟଙ୍କ ଆପୋଷ ବୁଝାମଣା ନିମନ୍ତେ ମୁରବିମାନେ ଅପେକ୍ଷାକୃତ ଅଧିକ ସଚେତନ । ଯେ କୌଣସି ପରିସ୍ଥିତିରେ ମଧ କଳିଝଗଡ଼ା ଅବା ଅଶାନ୍ତି ନ ଉପୁଜୁ, ଏଥି ନିମନ୍ତେ ବର୍ତ୍ତମାନ ପରିସ୍ଥିତିରେ ଲୋକେ ବାସ୍ତୁଶାସ୍ତ୍ରର ନିୟମକୁ ସାଦରେ ଗ୍ରହଣ କରୁଛନ୍ତି ।

♦ ବାସ୍ତୁବିତ୍‌ଙ୍କ ମତରେ ଘର ତିଆରି ସମୟରେ ଦକ୍ଷିଣ ଓ ପଶ୍ଚିମ ପାଖର କାନ୍ଥ ଓ ପାଚେରି ପୂର୍ବ ଓ ଉତ୍ତର ପାଖଠାରୁ ଅଧିକ ମୋଟା ଓ ଉଚ୍ଚ ହେବା ଦରକାର । ଏହା ପରିବାର ସଦସ୍ୟଙ୍କ ନିମନ୍ତେ ସୌଭାଗ୍ୟ ଆଣିଥାଏ ।

♦ ଫ୍ଲାଟ କିମ୍ବା ଘର କିଣୁଥିଲାବେଳେ ଦୃଷ୍ଟିରେ ରଖିବେ ଯେ ଯେପରି ରାସ୍ତା ତୁଳନାରେ ଆର୍ଥିକ ଅସୁବିଧା ସହ ଘରେ ନିୟମିତ କଳିଝଗଡ଼ା ଉପୁଜିଥାଏ ।

♦ ବିପଦ ଟାଳିବାକୁ ଚାହୁଁଥିଲେ, ଘରର ଦକ୍ଷିଣ-ପଶ୍ଚିମ ଦିଗରେ ଚାରାରୋପଣ କରନ୍ତୁ । ବୃକ୍ଷ ଘରେ ସ୍ଥିରତା ଆଣିବା ସହ ଦୁର୍ଭାଗ୍ୟ ଟାଳିଥାଏ ବୋଲି ବାସ୍ତୁବିତଙ୍କ ମତ ।

♦ ଘରର ମୁଖ୍ୟ ଦୁଆରକୁ ସବୁବେଳେ ପରିଷ୍କାର ପରିଚ୍ଛିନ୍ନ ରଖିବା ଜରୁରୀ । ଏହା ନକରାତ୍ମକ ଶକ୍ତି ଦୂର କରିଥାଏ ।

♦ ରୋଷେଇଘର ଓ ସ୍ନାନାଗାର ପାଖାପାଖି କିମ୍ବା ଗୋଟିଏ କାନ୍ଥର ଏପାଖ ସେପାଖ ହେବା ଅନୁଚିତ ।

♦ ଘର ବାଲକୋନିରେ ବାଇଗଣି ରଙ୍ଗର ଫୁଲଗଛ ଲଗାନ୍ତୁ । ଏହା ମଧ ସୁଖସମୃଦ୍ଧି ବୃଦ୍ଧି କରିବାରେ ଖୁବ୍ ସହାୟକ ।

# ନାଭିରେ ହେଙ୍ଗୁ ଲଗାଇବା ଦ୍ୱାରା ଶରୀରରୁ ଏସବୁ ଯନ୍ତ୍ରଣା ହୋଇଯାଏ ଦୂର

**ହେଙ୍ଗୁ ଖାଇବା ଅତ୍ୟନ୍ତ ଲାଭଦାୟକ ହୋଇଥାଏ । ଏହାକୁ ଖାଦ୍ୟରେ ପକାଇବା ଦ୍ୱାରା ଏହାର ସୁଗନ୍ଧ ବଢ଼ି ଯାଇଥାଏ। ତେବେ ହେଙ୍ଗୁ ବ୍ୟବହାର କରି ଆପଣ ଅନେକ ସମସ୍ୟାରୁ ମୁକ୍ତି ପାଇ ପାରିବେ।**



♦ ପେଟ ସମସ୍ୟା ଦୂର କରିବା ପାଇଁ ହେଙ୍ଗୁ ରାମବାଣ ଭଳି କାମ କରିଥାଏ। ଯଦି ଗ୍ୟାସ୍ ଏବଂ ଏସିଡିଟିର ସମସ୍ୟା ଅଛି ତେବେ ଆପଣ ହେଙ୍ଗୁ ଖାଇ ପାରିବେ। ନାଭିରେ ହେଙ୍ଗୁ ପ୍ରୟୋଗ କରିବା ଦ୍ୱାରା ଶରୀରକୁ ଅନେକ ଫାଇଦା ମିଳିଥାଏ।

♦ ଯଦି ଆପଣ ଦୀର୍ଘ ଦିନ ହେବ ପେଟ ଯନ୍ତ୍ରଣା ଭୋଗୁଛନ୍ତି, ତେବେ ନାଭିରେ ହେଙ୍ଗୁ ଲଗାନ୍ତୁ। ଏହାଦ୍ୱାରା ଆପଣ ପେଟ ଯନ୍ତ୍ରଣା ଜନିତ ସମସ୍ୟାରୁ ମୁକ୍ତି ପାଇ ପାରିବେ। ଏଥିପାଇଁ ପ୍ରଥମେ ଆପଣ ୧ ଚାମଚ ସୋରିଷ ତେଲ ଗରମ କରନ୍ତୁ । ଏହାପରେ ଏଥିରେ ଟିକେ ହେଙ୍ଗୁ ମିଶାଇ ନାଭିରେ ଲଗାନ୍ତୁ ଏବଂ ଏହାକୁ କିଛି ସମୟ ପାଇଁ ମାଲିସ୍ କରନ୍ତୁ । ଏହା ଆପଣଙ୍କୁ ବହୁତ ଆରାମ ଦେବ।

♦ ନାଭିରେ ହେଙ୍ଗୁ ଲଗାଇଲେ ଆପଣଙ୍କୁ ଗ୍ୟାସରୁ ଆରାମ ମିଳିଥାଏ। ଯେଉଁମାନଙ୍କ ଖଟା ଢ଼କାର ଆସିଥାଏ, ସେମାନେ ନାଭିରେ ହେଙ୍ଗୁ ପ୍ରୟୋଗ କରିବା ଦ୍ୱାରା ଏହା ଭଲ ହୋଇଯାଇଥାଏ। ଏଥିପାଇଁ କିଛି ଗରମ ପାଣିରେ ହେଙ୍ଗୁକୁ ମିଶାଇ ଭଲ ଭାବରେ ଫେଣ୍ଟନ୍ତୁ। ଏହାପରେ ଏକ ତୁଳା ନେଇ ତାହାକୁ ନାଭିରେ ଲଗାନ୍ତୁ ।

♦ ପ୍ରତିଦିନ ନାଭିରେ ହେଙ୍ଗୁ ଲଗାଇବା ଦ୍ୱାରା ପେଟ ଥଣ୍ଡା ରହିଥାଏ। ଏଥିପାଇଁ ଆପଣ ହେଙ୍ଗୁରେ ଟିକେ ଅଲିଭ୍ ତେଲ ମିଶ୍ରଣ କରନ୍ତୁ ଏବଂ ତାପରେ ସେହି ପେଷ୍ଟକୁ ନାଭିରେ ଲଗାନ୍ତୁ ଏବଂ ଏହାକୁ କିଛି ସମୟ ଛାଡିଦିଅନ୍ତୁ । ଆପଣ ଦିନକୁ ଦୁଇଥର ଏହା କରି ପାରିବେ। ଏହା ଆପଣଙ୍କ ପେଟକୁ ଥଣ୍ଡା ରଖିଥାଏ।

# ସିଲ୍କ ଦେଉଛି ଟ୍ରେଣ୍ଡିଂ ଲୁକ୍



ଭାରତୀୟ ସଂସ୍କୃତି ଓ ପରମ୍ପରାରେ ପର୍ବପର୍ବାଣି, ବିବାହ, ବ୍ରତୋତ୍ସବ ଆଦି ଦିନଗୁଡିକରେ ଲୋକ ସିଲ୍କ ବେଶପୋଷାକ ପିନ୍ଧୁଥିବା ନିଜର ରହିଛି । ବନାରସୀ ସିଲ୍କ କେବଳ ଶାଢୀରେ ସୀମିତ ନାହିଁ । ଏହାକୁ ପୁରୁଷମାନଙ୍କ ପାଇଜାମା, ସେରଓ୍ୱାନୀ ଏବଂ ଡିଜାଇନର୍ କୋଟ୍ ଆଦିରେ ଅଧିକ ବ୍ୟବହାର



କରାଯାଉଛି । ସିଲ୍କ ବେଶପୋଷାକରେ ଓ୍ୱେଷ୍ଟର୍ଣ୍ଣ ଫ୍ୟୁଜନ୍ କରାଯାଉଥିବାରୁ ଏହା ପାରମ୍ପରିକ ଅପେକ୍ଷା ଟ୍ରେଣ୍ଡି ଲୁକ୍ ଦେଉଛି, ଯାହାକୁ ଯୁବପିଢି ଅଧିକ ପସନ୍ଦ କରୁଛନ୍ତି । ବର୍ତ୍ତମାନ ବଡବଡ ଫେସନ୍ ଶୋ'ରେ ବି ମଡେଲ୍‌ମାନେ ସିଲ୍କ ପୋଷାକରେ ଦର୍ଶକଙ୍କ ଦୃଷ୍ଟି ଆକର୍ଷଣ କରୁଥିବାର ଦେଖିବାକୁ ମିଳୁଛି । ଦେଶବିଦେଶର ବହୁ ଡିଜାଇନର ଏଭଳି ସିଲ୍କ ଫ୍ୟାବ୍ରିକ୍‌କୁ ଫ୍ୟୁଜନ୍ କ ରୂପ ଦେଇ ନୂଆ ନୂଆ ଏକ୍ସପେରିମେଣ୍ଟ କରୁଛନ୍ତି, ଯାହାକି ବେଶ୍ ଲୋକାଦୃତ ହୋଇପାରୁଛି ।

# ବିଶ୍ୱର ପ୍ରଥମ ଆଇସ୍ ହୋଟେଲ ପ୍ରତିବର୍ଷ ନିର୍ମାଣ ହୁଏ ଏବଂ ନଦୀରେ ପରିଣତ ହୋଇଯାଏ



ଦୁନିଆରେ ବହୁ କଳାକୃତି ରହିଛି ଯାହାକୁ ଦେଖି ଆମେ ଅଚମ୍ଭିତ ହୋଇପଡୁ । ଏଭଳି ଏକ କଳାକୃତି ହେଉଛି ସ୍ୱିଡେନ୍‌ର ଆଇସ୍ ହୋଟେଲ । ଏହି ହୋଟେଲଟି ବିଶ୍ୱର ପ୍ରଥମ ବରଫ ନିର୍ମିତ ହୋଟେଲର ମାନ୍ୟତା ପାଇଛି । ଯାହା ବସନ୍ତ ଋତୁରେ ତରଳି ନଦୀରେ ପରିଣତ ହୋଇଯାଏ । ସ୍ୱିଡେନ୍‌ର ଜ୍ୟୁକାସଜେରଭିରେ ଆର୍କଟିକ୍ ସର୍କଲର ଉତ୍ତରରେ ପ୍ରାୟ ୧୨୪ ମିଲ୍ ଦୂରରେ ଏହା ଅବସ୍ଥିତ । ପ୍ରତିବର୍ଷ ଶୀତଋତୁରେ ଏହି ହୋଟେଲକୁ ନିର୍ମାଣ କରାଯାଏ ଏବଂ ପାଞ୍ଚ ମାସ ପରେ ଏହା ନଦୀରେ ପରିଣତ ହୋଇଯାଏ । ଏହି ହୋଟେଲକୁ ଟୋର୍ଣ୍ଣ ନଦୀର ସହାୟତାରେ ନିର୍ମାଣ କରାଯାଇଥାଏ । ଏହା ସୋଲାର ପାଓ୍ୱାର ଟେକ୍ନୋଲୋଜି ଦ୍ୱାରା ସମ୍ଭବ ହୋଇପାରିଛି । ଚଳିତ ବର୍ଷ ଏହି ହୋଟେଲକୁ ନିର୍ମାଣ କରିବା ଲାଗି ୩ ଦେଶର ୧୪ ଜଣ କଳାକାରଙ୍କୁ ଡକାଯାଇଥିଲା । ପର୍ଯ୍ୟଟକଙ୍କ ଲାଗି ଏହି ହୋଟେଲରେ ଏକ ରେଷ୍ଟୋରାଣ୍ଟ, ୧୨ ଟି ବେଡ୍ ରୁମ୍, ଆଇସ୍ ବାର୍ ଏବଂ ବହୁ ସୁନ୍ଦର କାରୁକାର୍ଯ୍ୟ ନିର୍ମାଣ କରାଯାଇଛି । ଏହି ହୋଟେଲକୁ ଦେଖିବା ଲାଗି ପ୍ରତିବର୍ଷ ୭୦ ହଜାର ପର୍ଯ୍ୟଟକ ଆସିଥାନ୍ତି । ଏହାକୁ ୧୯୮୯ ମସିହାରେ ପ୍ରଥମେ ନିର୍ମାଣ କରାଯାଇଥିଲା । ତେବେ ଚଳିତ ବର୍ଷ ଏହି ହୋଟେଲ ୩୦ ତମ ବର୍ଷପୂର୍ତ୍ତି ମନାଉଛି । ଏଥିଲାଗି ହୋଟେଲର ସଂସ୍ଥାପକ ୟଙ୍ଗଓ୍ୱେ ବର୍ଗକ୍ୱିଷ୍ଟ ଏକ ସ୍ୱତନ୍ତ୍ର ପ୍ରକାରର ମିଠା ତିଆରି କରିଛନ୍ତି, ଯାହାକୁ ୧୬ଟି ଦେଶର ୩୩ଜଣ କାରିଗର ମାତ୍ର ଏକ ସପ୍ତାହ ମଧ୍ୟରେ ପ୍ରସ୍ତୁତ କରିଛନ୍ତି । ଏଠାକାର ତାପମାତ୍ରା ମାଇନସ୍ ୧୮ରୁ ୪୦ ଡିଗ୍ରୀ ରହିଥାଏ ।



# ଯନ୍ତ୍ରଣା କମାଏ ନିଜ ଲୋକଙ୍କ ଫଟୋ: ଫଟୋକୁ ଚାହିଁ ଆତ୍ମୀୟଙ୍କୁ ସ୍ମରଣ କଲେ ୧୫ରୁ ୨୦ ପ୍ରତିଶତ କମିଯାଇଥାଏ

ବେଳେ ବେଳେ ରକ୍ତ ପରୀକ୍ଷା ପାଇଁ ଆମ ଶରୀରରୁ ସିରିଞ୍ଜ୍‌ରେ ରକ୍ତ ଟାଣିଲା ବେଳେ ବା କୌଣସି ଜଖମକୁ ପରିଷ୍କାର କରି ସିଲାଇବା ବେଳେ ଆମକୁ ଯନ୍ତ୍ରଣା ଅନୁଭବ ହୋଇଥାଏ। ଏପରିକି ସେହି ଚିନ୍ତାରେ ଅନେକ ଇଞ୍ଜେକ୍ସନ ନେବାକୁ ଲୁଚିଥାନ୍ତି। ସେହିପରି ଝୁଣ୍ଟିପଡ଼ିଲେ କି ଦେହର କେଉଁଠି ପବନ ଅଟକିଗଲେ ଆମକୁ କଷ୍ଟ ଲାଗିଥାଏ। ଏଥିରୁ ଉପଶମ ପାଇବା ପାଇଁ ଆମେ କୌଣସି ମଲମ ଲଗାଉ କିମ୍ବା ବଟିକା ଖାଇଥାଉ। ମାତ୍ର ସାମାନ୍ୟରୁ ମଧ୍ୟମ ଧରଣର ଯନ୍ତ୍ରଣା ପାଇଁ ଆମକୁ ଆଉ ପୀଡ଼ାହାରକ ବଟିକା କି ମଲମ ଖୋଜିବାକୁ ପଡ଼ିବନି।

ଗବେଷକମାନେ ସେମାନଙ୍କ ଅନୁଧ୍ୟାନରୁ ସେଥିପାଇଁ ଏକ ନୂଆ କୌଶଳ ଜାଣିପାରିଛନ୍ତି। ସେମାନଙ୍କ ନିର୍ଯାସ ଅନୁଯାୟୀ, ଆମକୁ କେବେ ପୀଡ଼ା ଲାଗିଲା ବେଳେ ପାଖରେ ଯଦି ନିଜ ସନ୍ତାନ କି ଆତ୍ମୀୟସୋଦର ଅଥବା ଅନ୍ତରଙ୍ଗ ବନ୍ଧୁଙ୍କର ଫଟୋକୁ ଚାହିଁ ରହିବା, ତେବେ ମଧ୍ୟମ ଧରଣର ପୀଡ଼ା ୪୦ ପ୍ରତିଶତ କମ୍ ଜଣାପଡ଼ିବ। ଏପରିକି ଫଟୋକୁ ସେମିତି ଚାହିଁ ଆତ୍ମୀୟଙ୍କ କଥା ମନରେ ସ୍ମରଣ କଲେ ଅତ୍ୟଧିକ ଯନ୍ତ୍ରଣା ୧୫ରୁ ୨୦ ପ୍ରତିଶତ କମିଯାଇଥା

ଏହାର କାରଣ ହେଲା, କଷ୍ଟ ଅନୁଭବ କରିବା ପ ଉଦ୍ଦିଷ୍ଟ ସ୍ନାୟୁକୋଷଗୁଡ଼ିକର ସମ୍ବେଦନଶୀଳତା ଏପରି ଆତ୍ମୀୟଙ୍କ ଫଟୋକୁ ଚାହିଁଲା ବେଳେ କମିଯାଇଥାଏ। ସେହିପରି ଅନ୍ୟ ଏକ ଅନୁଧ୍ୟାନରୁ ଆମ ପ୍ରିୟ ବୃକ୍ଷଲ ଫଟୋ ଦେଖିଲେ ମଧ ଆମକୁ ମାନସିକ ଶାନ୍ତି ମିଳିବ ଆମର କାର୍ଯ୍ୟଦକ୍ଷତା ଯଥେଷ୍ଟ ବଢ଼ାଇଦେବ ବୋଲି ଜଣାଯାଇଛି। ଏହି ଗବେଷଣାଲବ୍ଧ ଜ୍ଞାନର ପରୀକ୍ଷା କରାଯାଇପାରେ।



## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ । ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ । ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ ।

## ବିଶେଷ ସୁଯୋଗ...

ଇଣ୍ଡୋନେସିଆର ବାଲି ଦ୍ୱୀପରେ ଆରମ୍ଭ ହୋଇଛି ଜି-୨୦ ଶିଖର ବୈଠକ । ବିଶ୍ୱର ପ୍ରମୁଖ ରାଷ୍ଟ୍ରମୁଖ୍ୟମାନଙ୍କର ଶୀର୍ଷ ବୈଠକ ଅନେକ ଦୃଷ୍ଟିରୁ ଗୁରୁତ୍ୱ ବହନ କରୁଛି । ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଶ୍ୱ ନେତାମାନଙ୍କ ସହ ଆଲୋଚନା ପାଇଁ ଏହା ବିଶେଷ ସୁଯୋଗ । ବିଶ୍ୱ ଶକ୍ତିମାନଙ୍କ ସହ ସେ ଅଧିକ ବିଚାର ବିନିମୟ କରିବାର ସୁଯୋଗ ନେବେ । ବୈଠକରେ ଆର୍ଜେଣ୍ଟିନା, ଅଷ୍ଟ୍ରେଲିଆ, ବ୍ରାଜିଲ, କାନାଡ଼ା, ଚୀନ୍, ଫ୍ରାନ୍ସ, ଜର୍ମାନୀ, ଭାରତ, ଇଣ୍ଡୋନେସିଆ, ଇଟାଲି, ଦକ୍ଷିଣ କୋରିଆ, ଜାପାନ, ମେକ୍ସିକୋ, ରୁଷ, ସାଉଦି ଆରବ, ଦକ୍ଷିଣ ଆଫ୍ରିକା, ତୁର୍କୀ, ଯୁକ୍ତରାଜ୍ୟ ବ୍ରିଟେନ୍, ଯୁକ୍ତରାଷ୍ଟ୍ର ଆମେରିକାର ନେତୃମଣ୍ଡଳୀ ବାଲିରେ ସମ୍ମିଳିତ ହେବା ଅବସରରେ ସାମ୍ପ୍ରତିକ ବିଶ୍ୱ ସମସ୍ୟା ଉପରେ ବିଚାର ବିନିମୟ ହେବ । ୟୁକ୍ରେନ୍ ସହ ରୁଷ ଦୀର୍ଘ ସମୟ ଲିପ୍ତ ରହିଥିବା ସଂଘର୍ଷର ପ୍ରେକ୍ଷାପଟରେ ଏହି ଶିଖର ବୈଠକ ବାଲିଠାରେ ହେଉଛି । ଆସନ୍ତା ବର୍ଷ ଭାରତରେ ଏହା ହେବାର ଅଛି । ଅର୍ଥାତ୍ ଭାରତ ଆସନ୍ତା ବର୍ଷ ଜି-୨୦ର ଅଧକ୍ଷ ହେବାର ଗୌରବ ପାଇବ ଅଷ୍ଟାଦଶ ଶିଖର ବୈଠକ ଭାରତରେ । ହେବ ଏହି ଶିଖର ବୈଠକରେ ଯେଉଁ ସମସ୍ତ ପ୍ରସଙ୍ଗ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ, ସେଥିମଧ୍ୟରେ ଦୃତ ଅଧୋମୁଖୀ ହେଉଥିବା ବିଶ୍ୱ ପରିସ୍ଥିତି ନେଇ ଉପଚାର ନିର୍ଦ୍ଧାରଣ କରାଯିବ । ସମ୍ଭାବ୍ୟ ଆଣବିକ ଯୁଦ୍ଧ ନେଇ ଉଙ୍କି ମାରୁଥିବା ଆଶଙ୍କା ଉପରେ ମଧ ଏହି ଶିଖର ବୈଠକରେ ଆଲୋଚନା ହେବାର ସମ୍ଭାବନା ଅଛି । ମାର୍କିନ୍ ପ୍ରେସିଡେଣ୍ଟ ଜୋ' ବାଇଡେନ୍ ଓ ଚୀନ୍ ନେତା ସି. କିଙ୍ଗପିଙ୍ଗଙ୍କ ମଧରେ ବାଲିରେ ପ୍ରଥମ ସାକ୍ଷାତ ଆଲୋଚନା ଆଣି ଦେଇଛି ଆଶ୍ୱସ୍ତି । ଆଣବିକ ଯୁଦ୍ଧ ଆଶଙ୍କାକୁ ବାଇଡେନ୍ ଓ ସି. ଜିପିଙ୍ଗ ନାସ୍ତିବାଣୀ ଶୁଣାଇ ଦେଇଛନ୍ତି । ଯେଉଁ ମହାଶକ୍ତିଙ୍କ ହାତରେ ଆଣବିକ ଯୁଦ୍ଧର ଚାବିକାଠି ରହିଥିବାର କୁହାଯାଉଛି, ତାହା ଭିତରେ ଅଛନ୍ତି ଆମେରିକା ଓ ଚୀନ୍ ସେହି ଦୁଇ ବିଶ୍ୱଶକ୍ତି ବିଶ୍ୱ ସମୁଦାୟଙ୍କୁ ବାଲି ଶିଖର ସମ୍ମିଳନୀରେ ଦେଇଥିବା ଆଶ୍ୱାସନାର ଦୂରଗାମୀ ପରିଣତିର ସୂଚକ ବୋଲି ଧରାଯିବ । ଦୁଇଦିନ ଧରି ଚାଲିବାକୁ ଥିବା ଏହି ସମ୍ମିଳନୀରେ ତାଇୱାନ୍, ୟୁକ୍ରେନ୍ ଓ ଉତ୍ତର କୋରିଆ ପ୍ରସଙ୍ଗ ଉଠିଛି । ସଂଘର୍ଷ କୁ ଏଡ଼ାଇବା ସକାଶେ, ବିବାଦକୁ ଅଧିକ ଆଗେଇବାକୁ ନଦେବା ଲାଗି ରାଷ୍ଟ୍ରମାନେ ସମ୍ମତି ପ୍ରକାଶ କରିଛନ୍ତି । ୟୁକ୍ରେନ୍ ସହିତ ସଂଘର୍ଷରେ ଲିପ୍ତ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ୍ ଏହି ସମ୍ମିଳନୀରେ ବିଶେଷ କାରଣରୁ ଅନୁପସ୍ଥିତ ରହିଛନ୍ତି । ତାଙ୍କର ପ୍ରତିନିଧିତ୍ୱ କରିଛନ୍ତି ରୁଷ୍ ବୈଦେଶିକ ମନ୍ତ୍ରୀ ସର୍ଗେଇ ଲାବରୋଭ୍ । ୟୁକ୍ରେନ୍ ସହ ଯୁଦ୍ଧରେ କିଛି ପରିମାଣର ତିକ୍ତତାର ସମ୍ମୁଖୀନ ହୋଇ ପୁଟିନ୍ ଦେଉଥିବା ପରମାଣୁ ଆକ୍ରମଣର ଧମକ ପୃଷ୍ଠଭୂମିରେ ଜି୨୦ରେ ଆମେରିକା ଓ ଚୀନ୍ ନେତୃତ୍ୱର ଆଶ୍ୱାସନାର ତାତ୍ପର୍ଯ୍ୟ ଅବଶ୍ୟ ରହିଛି । ପରିବେଶରେ ସୃଷ୍ଟି ହୋଇଥିବା ପ୍ରଦୂଷଣ ସମସ୍ୟା ସନ୍ତୁଳନ ବିଗାଡ଼ି ଦେଉଥିବାରୁ ତାହାର ଦୀର୍ଘକାଳୀନ ସମାଧାନ ଦିଗରେ ପ୍ରସଙ୍ଗ ଆଲୋଚନାରେ ସ୍ଥାନ ପାଇଛି । ତାହା ବାଦ୍ ବିଶ୍ୱ ଅର୍ଥନୀତି ଉପରେ ମଧ ପ୍ରସ୍ତାବ ଗ୍ରହଣପୂର୍ବକ ଘୋଷଣାନାମାରେ ତାହା ସ୍ଥାନ ପାଇଛି । କ୍ଷେତ୍ରୀୟ ତଥା ବିଶ୍ୱସ୍ତରୀୟ ଆତଙ୍କବାଦୀ କାର୍ଯ୍ୟକଳାପ ନେଇ ଜି-୨୦ରେ ଉଦ୍‌ବେଗ ପ୍ରକାଶ ପାଇଛି । କୋଭିଡ ପରବର୍ତ୍ତୀ ସ୍ଥିତିର ସମୀକ୍ଷା, ଶୀତଳଯୁଦ୍ଧ ଆଶଙ୍କା ଭଳି ଗୁରୁତ୍ୱପୂର୍ଣ୍ଣ ବିଷୟ ଉପରେ ଉପସ୍ଥିତ ନେତୃମଣ୍ଡଳୀ ଓ ପ୍ରତିନିଧିମାନେ ବିଚାର ବିମର୍ଶ ପରେ ଗ୍ରହଣ ହୋଇଥିବା ପ୍ରସ୍ତାବ ସମଗ୍ର ବିଶ୍ୱ ପାଇଁ ଇତିବାଚକ ବାର୍ତ୍ତା ଦେବ ବାଲିଘୋଷଣା କେବଳ ଆମ କ୍ଷେତ୍ର ପାଇଁ ମହତ୍ତ୍ୱ ବହନ କରିବ ନାହିଁ, ସମବେତ ନେତୃମଣ୍ଡଳୀ ବିଶ୍ୱ ସ୍ୱାସ୍ଥ୍ୟ ପ୍ରସଙ୍ଗ, ଡିଜିଟାଲ ସମ୍ପଦ, ଶକ୍ତି ଉପଯୋଗ ଭଳି ଦିଗକୁ ଅଧିକ ଫଳପ୍ରଦ ଦିଶା ଦେଖାଇବାରେ ସହାୟକ ହେବ । ୨୦୨୧ ଅକ୍ଟୋବର ପରଠାରୁ ବିଶ୍ୱ ଅର୍ଥନୀତି କ୍ଷେତ୍ରରେ ଦେଖାଦେଇଥିବା ପ୍ରଶ୍ନ ସମୂହର ସମାଧାନ ପାଇଁ ରାସ୍ତା ଦେଖାଇବ ଜି୨୦ ସଦସ୍ୟ ରାଷ୍ଟ୍ରଗୁଡ଼ିକ ବିଶ୍ୱ ଜନସଂଖ୍ୟାର ୬୦%, ବିଶ୍ୱ ଜିଡିପିର ୮୦% ହୋଇଥିବା ବେଳେ ବାହାରକୁ ରପ୍ତାନି ହାର ୭୫% ବୋଲି ଧରାଯାଏ । ସୁତରାଂ କୁହାଯାଇଥାଏ ଏହା ବିଶ୍ୱ ପରିଚାଳନାର ମୁଖ୍ୟ ଇଞ୍ଜିନ ଭାରତ ନେତୃତ୍ୱରେ କୋଭିଡ ପରିଚାଳନା ଠାରୁ ଆରମ୍ଭ କରି ଯେଉଁ ଗୁରୁଦାୟିତ୍ୱ ସମ୍ପାଦନ କଥା କୁହାଯାଉଛି, ଜି-୨୦ର ନୂତନ ଅଧକ୍ଷ ଆମ ଦେଶ ଉପରେ ନ୍ୟସ୍ତ ହେଉଥିବାରୁ ପ୍ରତ୍ୟାଶା ଯଥେଷ୍ଟ ବଢ଼ିଯାଇଛି ବୋଲି କୁହାଯାଇପାରେ ।

## ଚାପଗ୍ରସ୍ତ ଆମର ଭବିଷ୍ୟତ ମାନବ ସମ୍ବଳ ! ମାନସ ମନ୍ଥନ ଜରୁରୀ!



### ପ୍ରଦୋଷ କୁମାର ଦାସ

ଆମରି ଭବିଷ୍ୟତ ତଥା ଆମର ଉତ୍ତର ଦାୟାଦ ଅର୍ଥାତ୍ ସେମାନେ ଆମ ସମାଜର ସମୃଦ୍ଧି ପାଇଁ ଆମ ସଭିଙ୍କର ସ୍ୱପ୍ନର ମାନବ ସମ୍ବଳ । ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ଜଗତ ଇଶ୍ୱରଙ୍କ ଆଶୀଷପ୍ରାପ୍ତ ସେହି ଉତ୍ତରପୀଢ଼ି ଯାହାଙ୍କର ଜୀବନ୍ତ ସ୍ୱରୂପ ମାତୃଗର୍ଭରୁ ଧରାବତରଣ କରିବାପରେ ବାପାମାଆଙ୍କର ଜୀବନ ରୂପକ କଳକଳ ନାଦରେ ପ୍ରବାହିତ ଉଛୁଳା ନଈ ପଠାରେ ଦୂର ଦିଗନ୍ତରେ ପ୍ରତିଭାତ ପ୍ରଭାତୀ ସକାଳର ଆରୁଣିମା ସେମାନଙ୍କର ସଂସାରକୁ ପରିପୂର୍ଣ୍ଣତା ଆଣିଦିଏ । ଆଜିର ଶିଶୁ ଆସନ୍ତା କାଲିର ସମ୍ଭାବନା ।ଶିଶୁଟି କୈଶୋର ଛୁଇଁ ଯୁବାବସ୍ଥାରେ ପାଦ ପକାଇବା ମଧ୍ୟରେ ପ୍ରତି ସମୟ ଶିକ୍ଷାଦୀକ୍ଷା ଓ ସଂସ୍କାର ପ୍ରାପ୍ତ ହୋଇ କିପରି ଭଲ ମଣିଷଟିଏ ହେଉ ବୋଲି ଅନ୍ବେବହୁତେ ସବୁ ପିତାମାତାଙ୍କର ରହିଥାଏ ଅଭିଳାଷିତ ସ୍ୱପ୍ନ । ଶିକ୍ଷାଦୀକ୍ଷା ଯେତେ ଯେତେ ବଢୁଛି, ଆମର ଯୁବ ପୀଢ଼ି ସେତିକି ସେତିକି ଉଶୃଙ୍ଖଳ ଓ ଅଧୈର୍ଯ୍ୟ ମାନସିକତା ଆଡକୁ ଧାବମାନ ହେଉଛନ୍ତି । ଅନେକ ପଥଭ୍ରଷ୍ଟ ହୋଇ ନିଶା କବଳରେ ପଡ଼ି ଆପଣା ଭବିଷ୍ୟତ ନଷ୍ଟ କରିଦେଉଛନ୍ତି । ସମାଜ ର ପ୍ରଗତି ଓ ଉନ୍ନତି ପାଇଁ ପ୍ରେରଣାଦାୟୀ ସ୍ୱପ୍ନ କୁ ସାକାର କରିବାରେ ଯଦି ଆମ ସମାଜର ସବୁ ଉତ୍ତରପୀଢ଼ି କାୟମନୋବାକ୍ୟରେ ଚେଷ୍ଟିତ ରହୁଥାନ୍ତେ, ତେବେ ହାୟ, ଆଜି ଆମ ସମାଜର ଅନେକ ମାନବ ସମ୍ବଳ ସମୟ ପୂର୍ବରୁ ଆପଣା ଭବିଷ୍ୟତକୁ ବିପଥଗାମୀ କରାଉନଥାନ୍ତେ ।

ତେବେ ଉପରୋକ୍ତ ସମସ୍ୟା ର ସମାଧାନ ପାଇଁ ଅର୍ଥାତ୍ ଆମ ଉତ୍ତରପୀଢ଼ିଙ୍କ ଅବସାଦ ସୃଷ୍ଟି ପାଇଁ ଆମେ ଅଭିଭାବକ, ମୁରବୀମାନଙ୍କ ଏବେ ଆତ୍ମ ସମୀକ୍ଷାର ବେଳ ଆସିଛି । ଏଦିଗରେ ପ୍ରତି ପରିବାରରେ ବେଳହୁଁ ମାନସ ମନ୍ଥନ କରାନଗଲେ ହୁଏତ ଆମ ଉତ୍ତରପୀଢ଼ି ରୂପକ ମାନବ ସମ୍ବଳ ଭୂଲୁଣ୍ଠିତ ହୋଇଯିବେ । ଯିଏ ଆମ ଭବିଷ୍ୟତ, ସେମାନଙ୍କ ସ୍ୱପ୍ନରେ ଆମ ସ୍ୱପ୍ନକୁ ସାମିଲ କରିବା ପରିବର୍ତ୍ତେ ଯଥପରୋନାସ୍ତି ଯଦି ଆମେ ଆମର ଅଯଥାର୍ଥ ଉଚ୍ଚାଭିଳାଷର ସ୍ୱପ୍ନରାଜୀକୁ ଆମ ଉତ୍ତରପୀଢ଼ିଙ୍କ ଆଖିରେ ଦେଖିଚାଲିବା, ତେବେ ସେମାନେ ଆମର ସେହି ସ୍ୱପ୍ନକୁ ସାକାର କରିବାର ମାନସିକ ଚାପ ଓ ଉତ୍ତେଜନାର ବଶବର୍ତ୍ତୀ ହୋଇ ଅବସାଦଗ୍ରସ୍ତ ଆଡକୁ ଧାବମାନ ନହେବେ କାହିଁକି ? ବରଂ ଏସବୁକୁ ମମତାମାଧୁର୍ଯ୍ୟତାର ସହ ଆମେ ମୁରବୀ, ଅଭିଭାବକ, ପରିବାରଜନ ହାଲକା ମନରେ ପ୍ରଥମରୁ ଆମ ଉତ୍ତରପୀଢ଼ିଙ୍କ କ୍ଷମତା ପରଖି ତାଙ୍କୁ ତାଙ୍କ ସାମର୍ଥ୍ୟାନୁସାରେ ସେମାନଙ୍କ ଇପସୀତ ସ୍ୱପ୍ନକୁ ସାକାର କରାଇବାରେ ବନ୍ଧୁଟିଏ ଭଳି ସହକାର ଓ ସାନ୍ନିଧ ପ୍ରଦାନ ନକରାଇବା କାହିଁକି ? ସଂପ୍ରତି ଆମ ସମାଜର ଉତ୍ତରପୀଢ଼ିଙ୍କର ଶୈଶବରୁ ଯୁବାବସ୍ଥା, ସଠିକ୍ ଉପାର୍ଜନକ୍ଷମ ନହେବାଯାଏଁ ସମୟକୁ ସମୟ ଶୈକ୍ଷିକ, ଅଣଆନୁଷ୍ଠାନିକ, ପାରିବାରିକ, ସାମାଜିକ, ଆର୍ଥିକ ସ୍ତରରେ ଭଳିକି ଭଳି ସମସ୍ୟାରେ ଛନ୍ଦି ହୋଇ କ୍ରମେ ଏଦିଗରେ ସୃଷ୍ଟ ଚାପରୁ ମୁକୁଳି ନପାରି ମାନସକ ଅସୁସ୍ଥତା ଓ ଅବସାଦ ଆଡକୁ ଗତି କରିଥାଏ । ଏହା ସୁସ୍ଥ ମାନସିକତାର ପରିପନ୍ଥୀ ଅଟେ । ସୁସ୍ଥ ସମାଜ ଗଠନ ଦିଗରେ ଏହା ନକରାତ୍ମକ ପ୍ରଭାବ ପକାଇଥାଏ ।

ଏକ ପରିସଂଖ୍ୟାନରୁ ଜଣାଯାଇଛି, ଆମ ସମାଜରେ ଯେତେ ଅକାଳ ମୃତ୍ୟୁ ଘଟୁଛି, ସେଥିମଧ୍ୟରୁ ଆମ ପଢାପିଲେ ଅର୍ଥାତ୍ ଆମ ଉତ୍ତରପୀଢ଼ିଙ୍କ ଅପମୃତ୍ୟୁ ମାମଲା ପ୍ରାୟ ୫୦ ଭାଗରୁ ଅଧିକ । ଶିକ୍ଷା ଦୀକ୍ଷା ପାଇଁ କୋ ?ଣସି କ୍ଷେତ୍ରରେ ଅସଫଳ ଅପଚରା ହୋଇଗଲେ ହତାଶା ବୋଉକୁ ଆପଣାଇ ଜୀବନ ହାନି କରିଦେଉଛନ୍ତି । ସଙ୍କଟ ସମୟରେ ସୁସଙ୍ଗହତ, ଧୈର୍ଯ୍ୟ ବାଳ ରହିବା ଉଚିତ୍ ତେଣୁ ନାହାଁନ୍ତି । ଜନ୍ମ କଲା ପିଲାଟିକୁ ଏତୁଟିଏରୁ ଏବେ କଲାପରେ ପିତା ମାତା ଙ୍କର ବାର୍ଦ୍ଧକ୍ୟ ବେଳେ ସହାୟକ ହେବା ପରିବର୍ତେ ବେସାହାରା କରି ଆପଣା ଜୀବନ ହାରିବା ସେହି ସନ୍ତାନହରା ପିତା ମାତାଙ୍କ ପାଇଁ କେତେ ଯନ୍ତ୍ରଣା ଦାୟକ ପିଲାଟି ଆତ୍ମହତ୍ୟା ପୂର୍ବରୁ ଟିକେ ବିବେଚନା କରୁନାହିଁ ।

ଅନ୍ୟପକ୍ଷରେ ଆମେ ବଡମାନେ ଆପଣାର ସ୍ଥିତି ନପରଖି ପ୍ରତିଯୋଗିତା ମାନସିକତାରେ ତଥା ଉଚ୍ଚାଭିଳାଷର ଶିଡିରେ ତତ୍କାଳ ଚଢିଯିବାର ଅପପ୍ରୟାସରେ ମାତିଯାଇ ଏଦିଗରେ ଆମ ଉତ୍ତର ପୀଢ଼ିଙ୍କୁ ମଧ ଯେନତେନ ମତାଇ ସଫଳତା ଗୋଟାଇ ଆଣି ସମସ୍ତଙ୍କୁ ଟପିଯିବାର ନିଶାରେ ଆକୁଳାଣ ସ୍ୱପ୍ନ ବୁଣିଥାଉ । ଏଥିରେ ମାତ୍ରାଧିକ ଉତ୍ସାହିତ ,ଉତ୍ତେଜିତ ଆମ ଉତ୍ତରପୀଢ଼ି ଯଥା ଅବୋଧ ଶିଶୁଟିଏରୁ କୈଶୋର ତଥା ନବଉନ୍ମାଦିତ ଯୁବବର୍ଗ ଆପଣା ପରିବାରପରିଜନଙ୍କ ଆଗରେ ଉଦାହରଣ ରଖିବାକୁ ତରତର ଶିଡି ଚଢିଯିବାର ବ୍ୟାକୁଳତରେ ଶିଡିର ପ୍ରତି ସୋପାନ ପରେ ସୋପାନ କ୍ରମାନ୍ୱୟେ ନଚଢି କ୍ଷମତା ବହିର୍ଭୁତ ସୋପାନକୁ ଲମ୍ଫ ଦେଇ ତଳକୁ ଖସିପଡି ଲହୁଲୁହାଣ ହୋଇଥାଏ । ନୈରାଶ୍ୟରେ ଅନେକ କ୍ଷେତ୍ରରେ ସେହି ଅସହାୟ ଉତ୍ତରପୀଢ଼ିଟି ବଡମାନଙ୍କ ବଡସ୍ୱପ୍ନକୁ ଛୁଇଁ ନପାରି ଜୀବନମରଣର ଦୋଛକିରେ ନିଜକୁ ଛିଡା କରାଇଦେଇଥାଏ । ଏଥିରେ ଅସହାୟଟି ପାଇଁ ପାରିବାରିକ ସ୍ତରରେ ବିନାସର୍ତ୍ତରେ ପ୍ରବୋଧନାର ଆବଶ୍ୟକତା ନିହାତି ରହିଛି । ଆମର ଉଚ୍ଚାଭିଳାଷ ଲାଗି କାହାର ଜୀବନ ନଯାଉ ।

ଆମ ସମାଜରେ ପାଠୁଆ ପିଲାଏ ବହୁତ ଅବସାଦଗ୍ରସ୍ତ ରହୁଛନ୍ତି । ବାପାମାଆ କେତେ କଷ୍ଟ କରି ପିଲାଟିକୁ ପାଠ ପଢାଉଛନ୍ତି । ମାତ୍ରାଧିକ ଶିକ୍ଷାୟତନ କିମ୍ବା ଶିକ୍ଷାର ଚାପରେ ହେଉ ଅବା ପ୍ରେମ ବ୍ୟାପାରରେ ଅସଫଳ କୈଶୋର/ ଯୁବବର୍ଗ ନିଜକୁ ଯଥୋଚିତ ଅନୁଶୀଳନ କରିବା ପୂର୍ବରୁ ଆତ୍‌ହତ୍ୟାର ପଥ ବାଛିନେଉଛି । ସୁଇସାଇଡ ନୋଟରେ ମୃତ୍ୟୁର କାରଣ ଭାବପ୍ରବଣତାରେ ସବିଶେଷ ଉଲ୍ଲେଖ କରିଗଲେ ଜୀବନ ଆଉ ଫେରେନାହିଁ ।

ଶେଷରେ ଏତିକି କୁହାଯାଇପାରେ, ଆମ ଉତ୍ତରପୀଢ଼ିଙ୍କ ସୁରକ୍ଷା ସମେତ ସେମାନଙ୍କ ଆତ୍ମ ସମୀକ୍ଷାରେ ଆମ ବଡମାନଙ୍କ ସହୃଦୟତାର ସହ ନିରନ୍ତର ଯୋଗଦାନ ରହୁ । ପରାବେଶ ଅନୁକୂଳ ପରିସ୍ଥିତିର ସହଭାଗି ହୋଇ ଆମେ ବଡମାନେ ଯଦି ଆମ ଉତ୍ତରପୀଢ଼ିଙ୍କର ବନ୍ଧୁ, ସହୋଦର ଭଳି ସଂପର୍କରେ ସେମାନଙ୍କର ସୃଜନାତ୍ମକ ଚିନ୍ତାଚେତନାକୁ ଜାଗ୍ରତ କରାଇନପାରିବା, ତେବେ ଅଯଥାରେ ଆମ ଭବିଷ୍ୟତର ଗନ୍ତାଘର ଭୁଲୁଣ୍ଠିତ ହୋଇଯିବ । ଆମ ଉତ୍ତରପୀଢ଼ିଙ୍କ ସୃଜନଶୀଳତାକୁ ଗଠନମୂଳକ ଦିଗରେ ବିନିଯୋଗ କରିବାକୁ ହେଲେ ମନୋବୈଜ୍ଞାନିକ ଉପାୟରେ ପ୍ରଥମେ ନିଜକୁ ସୁସଂହତ କରାଇ ସେମାନଙ୍କ ସମ୍ମୁଖରେ ଉତ୍ତମ ବିଚାର ପ୍ରକଟ କରିବା ଆବଶ୍ୟକ । ସେମାନଙ୍କ ମନରେ ପ୍ରତିକ୍ଷଣ ଚାଲିଥିବା ମନୋଭାବନା ଓ ପ୍ରତିକ୍ରିୟାକୁ ଆମେ ବଡମାନେ ଚତୁରତାର ସହ ଚିହ୍ନଟ କରି ସମସ୍ୟାର ସମାଧାନ ଓ ସଂବୋଧନା ପ୍ରଦାନ କରିବା ମଧ ଆବଶ୍ୟକ । ହୁଏତ କୌଣସି କ୍ଷେତ୍ରରେ ଦୁର୍ଭାବନାର ବଶବର୍ତ୍ତୀ ଉତ୍ତରପୀଢ଼ିଟି ପଥଚ୍ୟୁତ ହୋଇପାରେ, ହେଲେ ଏହାକୁ ଆମେ ସମୟୋଚିତ ଠଉରାଇ ପିଲାଟିକୁ ପ୍ରତି ସମୟ ଯଥୋଚିତ ପରାମର୍ଶ ପ୍ରଦାନକରି ତାର ମନୋବଳ ଦୃଢ କରିବା ନିହାତି ଜରୁରୀ । ପ୍ରତି କ୍ଷେତ୍ରରେ ଆମେ ସୁସଂହତ ହେଲେ ଆମ ସମାଜ ନିହାତି ସୁସଂହତ ହେବ । ଏଥିରେ ପ୍ରେରଣାଦିପ୍ତ ହୋଇ ଆମ ଭବିଷ୍ୟତ ଉତ୍ତରପୀଢ଼ିଙ୍କ ପ୍ରଗତି ସମ୍ଭବ ହୋଇପାରିବ, ଏଥିରେ ଦ୍ୟୁରୁକ୍ତି ନାହିଁ ।

♥ ସ୍ତମ୍ଭକାର,ସା/ପୋ:-ନାଟୁଣୀ,
ଜିଲ୍ଲା:-ଖୋରଧା-୭୫୨୦୩୪
ମୋ: ୬୩୭୦୪୯୫୯

## ଅଣଦେଖା କରନ୍ତୁନି : ଷ୍ଟ୍ରୋକ



### ଡା. ବିଷ୍ଣୁ ପ୍ରସାଦ ମହାପାତ୍ର

ବିପଜ୍ଜନକ ହେଲାଣି ମସ୍ତିଷ୍କାଘାତ । ଯୁବରୁ ବୟସ୍କ ଯେ କୌଣସି ବର୍ଗର ଲୋକଙ୍କୁ ଅଚାନକ ଆକ୍ରମଣ କରିଦେଉଛି ଏହି ରୋଗ । ଏଥିଯୋଗୁଁ କିଏ ବିକଳାଙ୍ଗ ହୋଇ ପଡୁଛନ୍ତି ତ ଆଉ କାହାର ଅସମୟରେ ମୃତ୍ୟୁ ହୋଇ ଯାଉଛି । ଅଚାନକ ଜଣେ ବ୍ୟକ୍ତି ମସ୍ତିଷ୍କାଘାତର ଶିକାର ହେଲେ କିନ୍ତୁ ଲକ୍ଷଣ ଜାଣି ନପାରିବାରୁ ରୋଗ ଗୁରୁତର ହୋଇପଡ଼ିଲା । ଏପରିକି ରାଜ୍ୟରେ ବାର୍ଷିକ ହାରାହାରି ୨୨୫୯ ଏଥିଯୋଗୁଁ ଭିନ୍ନକ୍ଷମ ହେବା ଭଳି ଚିନ୍ତାଜନକ ତଥ୍ୟ ରହିଛି । ଯାହାକି ଜାତୀୟ ହାର ୧୨୪୩ ଠାରୁ ଅଧିକ ଅଟେ । ଏଥିପାଇଁ ଅକ୍ଟୋବର ୨୯ ତାରିଖ ବିଶ୍ୱ ମସ୍ତିଷ୍କାଘାତ ଦିବସ ଅବସରରେ ଏମସରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯିବ ।

୨୦୧୬ ମସିହାର ଏକ ଗବେଷଣା ଅନୁସାରେ ମସ୍ତିଷ୍କାଘାତ ଦେଶରେ ସର୍ବାଧିକ ମୃତ୍ୟୁର ଚତୁର୍ଥ କାରଣ ଏବଂ ବିକଳାଙ୍ଗ ହେବାର ପଞ୍ଚମ କାରଣଟି ଅଟେ । ଦୁଇଟି ଭିନ୍ନ କାରଣରୁ ହିଁ ମସ୍ତିଷ୍କାଘାତ ହୁଏ । ଏହା ମସ୍ତିଷ୍କରୁ ଆରମ୍ଭ ହେଲେ ହେଁ ହାତ, ଗୋଡ଼, ପାଟି, କଥାରେ ମଧ ଏହାର ପ୍ରଭାବ ଦେଖାଯାଏ । ଅର୍ଥାତ୍ ହାତ, ଗୋଡ ବା ଶରୀରର ଗୋଟିଏ ପାର୍ଶ୍ୱ ଅଚାନକ ଅଚଳ ହୋଇଯାଏ । କିମ୍ବା ଗୋଟିଏ ହାତ ବା ଗୋଡ ସମ୍ପୂର୍ଣ୍ଣ କିମ୍ବା ସାମାନ୍ୟ ବା ଆଂଶିକ ଅଚଳ ବା ଦୁର୍ବଳ ହେବା ଦେଖାଯାଏ । ଦ୍ୱିତୀୟତଃ ଆଉ କିଛି ବ୍ୟକ୍ତି ପୂର୍ବରୁ ସ୍ୱାଭାବିକ କଥା କହୁଥିଲେ ମଧ ଅଚାନକ ସ୍ପଷ୍ଟ କହୁ ନାହାନ୍ତି ଏବଂ କହିବାରେ କଷ୍ଟ ଅନୁଭବ କରନ୍ତି । ତୃତୀୟତଃ ଅନ୍ୟ କିଛି ଅଛନ୍ତି, ଯେଉଁମାନେ ଅସ୍ୱାଭାବିକ ଆଚରଣ ପ୍ରଦର୍ଶନ କରନ୍ତି । ଯଥା ଅନ୍ୟର କଥା ବୁଝିବାକୁ ଚେଷ୍ଟା କରନ୍ତି ନାହିଁ ବା ବୁଝନ୍ତି ନାହିଁ । ଶୋଇ ପଡ଼ନ୍ତି । ଚତୁର୍ଥତଃ ଅଚାନକ ଦୃଷ୍ଟିହୀନତା ବା ଚାଲିବାରେ ନିୟନ୍ତ୍ରଣ ହରାଇବା ମଧ ମସ୍ତିଷ୍କାଘାତର ଲକ୍ଷଣ ଅଟେ । ପଞ୍ଚମରେ ହଠାତ୍ ଏଭଳି ହେବ ଯେ ଶରୀର ଠିକ କିନ୍ତୁ ମୁଣ୍ଡ ବୁଲାଇବା ବା ଏଭଳି ବଥା ହେବ ଯେ ସେ ଚାଲିପାରିବେ ନାହିଁ । ଔଷଧ ଖାଇଲେ ମଧ ସୁସ୍ଥ ହେବେ ନାହିଁ । ତେବେ ଏହାକୁ ମଧ ଗୁରୁତ୍ୱର ସହ ନେବା ଉଚିତ । ଏହି ସମୟରେ ରୋଗୀଙ୍କୁ ବାନ୍ତି ମଧ ହୁଏ ।

ମସ୍ତିଷ୍କାଘାତ ଶିକାର ଅନେକ ବ୍ୟକ୍ତିଙ୍କ ମୁହଁ ବଙ୍କା ହୋଇଯାଏ । ମସ୍ତିଷ୍କ ଯେହେତୁ ସମ୍ପୂର୍ଣ୍ଣ ଶରୀରକୁ ନିୟନ୍ତ୍ରଣ କରେ, ତେଣୁ ଏହାର ପ୍ରଭାବ ମଧ ଶରୀରର ବିଭିନ୍ନ ଅଙ୍ଗକୁ ପ୍ରଭାବିତ କରେ । ଏଭଳି ଲକ୍ଷଣ ଦେଖାଗଲେ ରୋଗୀ କିମ୍ବା ପରିଜନ ତୁରନ୍ତ ଡାକ୍ତରଙ୍କୁ ଦେଖାଇବା ଉଚିତ । ଉଭୟ ଯୁବ ଏବଂ ବୟସ୍କ ବ୍ୟକ୍ତିଙ୍କ ମଧରେ ଏହା ଦେଖାଯାଉଛି । ଉଭୟ ବର୍ଗରେ ମସ୍ତିଷ୍କାଘାତ ହେବାର କାରଣ ଭିନ୍ନ ଅଟେ । ପ୍ରତିବର୍ଷ ଏଭଳି ରୋଗୀଙ୍କ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏହାର ବିଭିନ୍ନ କାରଣ ମଧରେ ମେଦବହୁଳତା, ନିୟନ୍ତ୍ରଣହୀନ ରକ୍ତଚାପ ବା ମଧୁମେହ, ମାତ୍ରାଧିକ ଚର୍ବିଜାତୀୟ ଏବଂ ତୈଳଯୁକ୍ତ ଖାଦ୍ୟ, ଶାରୀରିକ କାର୍ଯ୍ୟ ନକରିବା, ଧୂମପାନ, କିଛି ଔଷଧର ପାର୍ଶ୍ୱପ୍ରତିକ୍ରିୟା ମଧ ଷ୍ଟ୍ରୋକର କାରଣ ଅଟେ । ଶରୀରରେ କୌଣସି ରୋଗ ଥିବା କିମ୍ବା ଜଣାପଡୁନଥିଲେ ଏହା ମସ୍ତିଷ୍କାଘାତର କାରଣ ହୁଏ । ଏମସକୁ ପ୍ରତିଦିନ ଅନେକ ସଂଖ୍ୟାରେ ଏହି ରୋଗୀ ଆସୁଛନ୍ତି । ସେମାନଙ୍କୁ ତୁରନ୍ତ ଚିକିତ୍ସାର ଆବଶ୍ୟକ ଥିବାରୁ ଟ୍ରମା ଏବଂ ଏମରଜେନ୍ସି ବିଭାଗରେ ଭର୍ତ୍ତି କରାଯାଏ । ବ୍ଲଡ କ୍ଲଟ ହୋଇଯାଇଥିଲେ ତାର ନିରାକରଣ ନେଇ ଚିକିତ୍ସା କରାଯାଏ ।

ଏକ ଷ୍ଟ୍ରୋକ ଏକ ଚିକିତ୍ସୀୟ ଆପତକାଳ । ଯଦି ଲାଗେ କି ଆପଣଙ୍କୁ ବା ଆପଣଙ୍କ ଆଖପାଖରେ କାହାରିକୁ ଷ୍ଟ୍ରୋକ ହେଉଛି ତେବେ ତୁରନ୍ତ ସହାୟତା ପାଇଁ ଫୋନ କରନ୍ତୁ । ନିଜେ ହସ୍ପିଟାଲ ଯିବାକୁ ପ୍ରୟାସ କରନ୍ତୁ ନାହିଁ । ଆପତକାଳୀନ ଚିକିତ୍ସା ସେବା କାର୍ଯ୍ୟକର୍ତ୍ତା ଖୁବଶୀଘ୍ର ଉତ୍ତର ପ୍ରଦାନ କରିବେ ଏବଂ ଆପଣଙ୍କୁ ଏକ ହସ୍ପିଟାଲକୁ ନେଇଯିବେ ଯିଏ ଷ୍ଟ୍ରୋକ ସମୟରେ ଏବଂ ପରବର୍ତ୍ତୀ ସମୟରେ ଲୋକଙ୍କର ଯତ୍ନ ନେଇପାରେ । ଷ୍ଟ୍ରୋକ ହୋଇଥିବା ବ୍ୟକ୍ତିଙ୍କ ପାଇଁ ପ୍ରତି ମିନିଟ ମହତ୍ତ୍ୱପୂର୍ଣ୍ଣ ।

ଦୁଇ ପ୍ରକାରର ଷ୍ଟ୍ରୋକ ରହିଛି । ଏକ ଇସ୍କେମିକ୍ ଷ୍ଟ୍ରୋକ ସେତେବେଳେ ହୋଇଥାଏ ଯେତେବେଳେ ରକ୍ତ ଥକ୍କା ବା ଅନ୍ୟ କଣିକାଗୁଡ଼ିକ ମସ୍ତିଷ୍କକୁ ଆସୁଥିବା ରକ୍ତବାହିକାଗୁଡ଼ିକୁ ଅବରୁଦ୍ଧ କରିଦେଇଥାଏ । ପ୍ଲାକ ନାମକ ଫ୍ୟାଟିଜମା ବି ରକ୍ତବାହିକାରେ ଜମି ଅବରୁଦ୍ଧ ବା ବ୍ଲକେଜର କାରଣ ହୋଇପାରେ । ରକ୍ତସ୍ରାବୀ ଷ୍ଟ୍ରୋକ ସେତେବେଳେ ହୋଇଥାଏ ଯେତେବେଳେ ମସ୍ତିଷ୍କରେ ରକ୍ତ ବାହିକା ଫାଟି ଯାଇଥାଏ, ରକ୍ତ ଜମି ଥାଏ ଏବଂ ମସ୍ତିଷ୍କର ପାର୍ଶ୍ୱବର୍ତ୍ତୀ କୋଷିକାକୁ କ୍ଷତି ପହଞ୍ଚାଇଥାଏ । ପକ୍ଷାଘାତ ହୋଇ ପଡ଼ିଲେ ୱାର୍ଡ଼ରେ ଭର୍ତ୍ତି କରାଯାଏ । ତାଙ୍କ ଅବସ୍ଥା ସ୍ଥିର ହେବା ପରେ ପୁନର୍ବାସ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଟେ । ଏମସର ଫିଜିକାଲ ମେଡ଼ିସିନ ପୁନର୍ବାସ ବିଭାଗ ଫିଜିଓଥେରାପି, ସ୍ପିଚ ଥେରାପି ହୁଏ । ରୋଗୀ ପକ୍ଷାଘାତ ହେଲେ ଏକରୁ ଦୁଇ ମାସ ମଧରେ ଅବସ୍ଥାର ଉନ୍ନତି ହୁଏ ତ ଆଉ କାହାର ଲମ୍ବା ସମୟ ଲାଗିଯାଏ । ଏହି ବିପରୋଗର ନିରାକରଣ ନେଇ ଉଭୟ ରୋଗୀ ଏବଂ ପରିଜନଙ୍କୁ ସଚେତନ ହେବାକୁ ଡାକ୍ତର ପରାମର୍ଶ ଦିଅନ୍ତି ।

♥ ସହଯୋଗୀ ପ୍ରଫେସର,
ଆନେସ୍ଥେସିଆ ଆଣ୍ଡ କ୍ରିଟିକାଲ କେୟାର, ଏମକେଜି, ବ୍ରହ୍ମପୁର
ମୋ: ୮୨୮୦୧୨୭୯୧୦




## ଆପଣ ବଦଳି ଯାଇଛନ୍ତି

### ରତନ କୁମାର ଶିଉଳି

ଆପଣ ବଦଳି ଯାଇଛନ୍ତି
ବଦଳି ଯାଇଛି
ଆପଣଙ୍କ ଶ୍ରେଣୀ ଚରିତ୍ର
ସେଦିନ ବାହୁଡ଼ି
ଝୋଲା ଲୋକାଲ ବସରେ
ଗଳଦ୍‌ଘର୍ମ ଭିତରେ
ଆପଣ ତଥାପି ସ୍ୱଚ୍ଛନ୍ଦ ଥିଲେ ।
ଆଜି ଆପଣଙ୍କ ବାହାନ
ବ୍ୟାଙ୍କ ଋଣରେ କିଣା
ଚାରିଚକା ଏର୍‌ଟିକା
ମନେ ପଡୁଛି
ଗ୍ରୀଷ୍ମର ପ୍ରଚଣ୍ଡ ଗୁଳୁଗୁଳିରେ
ମାଟି ଚଟାଣରେ ମସିଣା ପାରି
ମଧ୍ୟାହ୍ନ ବେଳାରେ
ଶାନ୍ତିରେ ନିଦ୍ରା ଯାଉଥିଲେ ।

ମାଆ ହାତର କର୍ପୂର ମିଶା
ସୁରେଇ ଜଳ, ଖାଲି ତୃଷ୍ଣା ନୁହେଁ
ମନ ଥଣ୍ଡା କରୁଥିଲା କ୍ଷଣକରେ ।

ଏବେ ତ ଆପଣଙ୍କ ଡାଇନିଂରେ
ବଡ଼ ଏଲଜି ରେଫ୍ରିଜେଟର,
ଥଣ୍ଡା ଥଣ୍ଡା କୁଲ କୁଲ
ଫେଣ ଉଠା କୋଲଡ୍ ଡ୍ରିଂକ
କିମ୍ବା ଚିଲଡ୍‌ବିଅର ଦରକାର ପଡୁଛି ।

ଅଥଚ ସେଦିନ ଆପଣ
ସଦା ବଂଚିତମାନଙ୍କ ଭିତରୁ
ନିଜକୁ ଜଣେ ଭାବୁଥିଲେ,
ପଢ଼ାଉଥିଲେ ଦ୍ୟାଜ୍ କ୍ୟାପିଟଲ
ଲେନିନଙ୍କ ରାଷ୍ଟ୍ର- ବିପ୍ଳବ
କହୁଥିଲେ
ଓକ୍ଟୁର ସିପ୍ ଅଫ୍ ଦି ପ୍ରଲେତାରିୟେତ
ଅର୍ଥାତ୍ ବଂଚିତମାନଙ୍କ ଆଧିପତ୍ୟ ।

ସେ ମଣିଷ ଆଜି ବଳଦି ଯାଇଛି
ବଦଳି ଯାଇଚି ଆପଣଙ୍କ ଶ୍ରେଣୀଚରିତ୍ର
ବଢ଼ିଛି ଆଧିପତ୍ୟ ।

ଏକଦା ବର୍ଜିତ
'ଋଣକୃତ୍ୱା ଘୃତଂ ପିବେତ୍' ନୀତି ଆଦରି
ଆପଣ ଏବେ ପ୍ରତିଷ୍ଠିତ ।
ଆପଣ କଣ ଠିକ୍ ଏଇ ଜୀବନ
ଚାହିଁଥିଲେ କସ୍ମିନ୍ କାଳେ ?

♥ ସହଦେବଖୁଣ୍ଟା, ବାଲେଶ୍ୱର

## ମାର୍ଗଶିର

### ନୀଳମଣି ଚାନ୍ଦ

କାର୍ତ୍ତିକ ଉଭାରୁ ମାର୍ଗଶିରଟିର
ହେଲା ଧରା ଆଗମନ
କ୍ରମଶଃ ବଢ଼ିଲା ଶୀତ ପ୍ରାଦୁର୍ଭାବ
ରବି କର ହେଲା ମ୍ଳାନ ।

କାକର ଦେହରେ ରବି ରଶ୍ମି ଛୁଇଁ
ମୁକୁତା ପ୍ରତ୍ୟୟ ହେଲା
ଯାତାୟତ ବେଳେ କୁଝ୍‌ଝଟିକା ସିନା
ପ୍ରତିବନ୍ଧକଟି ହେଲା ।

ଧରାବାସୀ ଏବେ ଦେଖି ଜ୍ଞାତ ହେଲେ
ରବିଙ୍କ ଉତ୍ତରାୟଣ
ଦିବାଠାରୁ ନିଶି ହେଲା ଧୀରେ ବଡ଼
ସନ୍ତାପିତ ହେଲା ପ୍ରାଣ ।

ଶୀତବସ୍ତ୍ର ସବୁ ଲଭିଲେ ଆଦର
ଏ କଥାଟି ମିଥ୍ୟା ନୁହଁ
ଗୁରୁବାର ଦିନ ମାଣବସା ଓଷା
ଦିଶିଯାଏ ଲକ୍ଷ୍ମୀ ମୁହଁ ।

ପ୍ରଥମାଷ୍ଟମୀ ଓ କାଂଜିଅଁଳାରେ
ପଣ୍ଡୁ ଓଷା, ବାଟ ଓଷା

ଗେଣ୍ଡୁ ରଙ୍ଗଣିଟି ଫୁଟି କହୁଥାନ୍ତି
ସଜେଇ ଦିଅରେ ଖୋସା ।

ସିଏ ମାର୍ଗଶୀର ହେମନ୍ତ ଋତୁର
କଥାଟି ସିନାରେ କହେ
ସତେ ସେ ଅଭୁଲା ଛୁଇଁଦିଏ ମନ
ତା କଥାଟି ମନେରହେ ।

♥ ୨୭, ମନ୍ତ୍ର ମାନୋର,
ଗୋଠପାଟଣା
ଭୁବନେଶ୍ୱର-୨୯
ମୋ:୯୫୮୩୨୦୨୩୫୭

## ଏଇତ ଚଲାପଥ ଜୀବନର

### ଝରଣା ବାରିକ

ମୁଁ ହସେ ହସିବାକୁ ଭଲ ପାଏ
ତା ମାନେ ନୁହେଁ ମୁଁ
କାନ୍ଦି ଶିଖିନି

ମୁଁ ସଂଘର୍ଷ କରି ବଞ୍ଚିବା ଶିଖିଛି
ତା ମାନେ ନୁହେଁ
ମୋ ଜୀବନରେ
ଦୁଃଖ ନାହିଁ ।

ଜୀବନ ରେ ଝଡ ଆସି ମନକୁ
ଦୋହଲାଇ ଦିଏ
ତା ମାନେ ନୁହେଁ
ମୁଁ କେବେ ଭାଙ୍ଗି ପଡିନି ।

ଲୁହ ର ବନ୍ୟା ରେ କେବେ ବୁଡିଛି
କେବେ ପୁଣି ଭାସିଛି
ତା ମାନେ ନୁହେଁ
ମୁଁ ପହଁରି ବା ଭୁଲି ଯାଇଛି ।

ଏମିତି ତ ବହୁତ ଥର ଜଳିଛି
କେବେ ଭୋକରେ
କେବେ ଆଶାରେ
କେବେ ସ୍ୱପ୍ନରେ

ତା ମାନେ ନୁହେଁ
ମୁଁ ପାଉଁଶ ହେଇ ଯାଇଛି ।

ଏଇତ ଜୀବନର ଚଲାପଥ
ସବୁ ପରେ ବି
ଆଗକୁ ଆଗେଇ ଚାଲିବାର
ସ୍ୱପ୍ନ ନିଇତି ଦେଖିବା ।

ସମୟ ସାଥିରେ ତାଳ ଦେଇ
ତାକୁ ପଛକୁ ଫେରେଇ
ଧାଉଁ ଥିବା ଆଗକୁ
ବଞ୍ଚିଥିବା ଯାଏଁ ।

♥ ସମଲ, ତାଳଚେର,
ଅନୁଗୋଳ

## ଭିତରକନିକା

### ଡା.ମନୋରଂଜନ ଦାଶ

ପୃଥିବୀର ମାନଚିତ୍ରରେ
ଏକ ନିଆରା ସ୍କେଚ୍‌ଟିଏ...
ଗଭାରେ ଖୋସିଚି ସିଏ ହେନ୍ତାଳବୃକ୍ଷ ।

ତା କୋଳରେ ଝୁଲାଉଚି
ହରିଣ ଓ କୁମ୍ଭୀରଙ୍କୁ...
ସବୁ ପର୍ଯ୍ୟଟକଙ୍କ ମନମୋହୁଚି ସିଏ..
ଆମ ମାଟିର ଗର୍ବ ଓ ସ୍ୱଭିମାନ ସିଏ..
କେତେ ପ୍ରଜାତିର ପକ୍ଷୀଙ୍କୁ ସିଏ,
ଛାତିରେ ଜଡେଇଧରି ଗେଲ
କରୁଚି...
ପ୍ରକୃତିର ଏକ ଅପରୂପ ଶୋଭା
ସୁନ୍ଦରୀ ଫୁଲେଇରାଣୀ ।

ତା ପଣତକାନି ତଳେ ସନ୍ତାନସ୍ୱରୂପ
ପର୍ଯ୍ୟଟକମାନଙ୍କ
ପ୍ରୀତି ଓ ଜିଜ୍ଞାସା ପଣର ଗରଜକୁ
ଆପଣେଇ ନେଉଚି ସିଏ ।
ତାକୁ ଦେଖିଦେଲେ ବିବଶ ମନ
ପୁଲକିତ ହୋଇଯାଏ ।

ପ୍ରକୃତିର ଏକ
ବିଚିତ୍ର ଦାନ ଓ ସର୍ଜନା ସିଏ ।
ତାକୁ ନେଇ ଗବେଷକ ଓ କବିମାନେ
ସ୍ୱପ୍ନ ଓ ସମ୍ଭାବନା ରାସ୍ତାରେ
ମସଗୁଲ୍ ।
ପରିବେଶବିତ୍ ମାନଙ୍କ ସ୍ୱର୍ଦ୍ଧିତ ଓ
ଚମତ୍କାର ଉଚ୍ଚାରଣ ଆମ
'ଭିତରକନିକା' ।

କବି ମାନଙ୍କ ସୃଜନ କାନଭାସ୍‌ରେ
ସିଏ 'ଅପରୂପା' ।
ସିଏ କେଉଁ ଅଚଂଳର ସମ୍ପତ୍ତି ନୁହେଁ,
ବରଂ ସବୁରି ମନକୁ ବିଭୋର ଓ
ପୁଲକିତ କରିଦେଇପାରୁଥିବା
ରୂପବତୀ ଓ ଫୁଲେଇରାଣୀ ।

ମୋ ଓଡିଶା ମାଟିର ଭୌଗଳିକ
ଚିତ୍ରରେ ପ୍ରତିବିମ୍ବିତ ହୁଏ,
ତା ରୂପ, ଠାଣି ଓ କାଉଁରୀଛୁଆଁ ।

ତା ନାଁ କୁ ନେଇ ଅଯଥା ଦମ୍ଭ ଓ
ଆତ୍ମମ୍ଭରିତାକୁ ହିସାବ ରଖେନା
ସିଏ,
ସିଏ ତ ମମତାମୟୀ !
କିଏ କହିକିପାରିବ !
ତାକୁ ଗଢିଚି କେଉଁ ବିନ୍ଧାଣୀ ।

♥ ପ୍ରଭାବତୀ ନିଳୟମ୍,
ବେଲତଳ, ପଟାମୁଣ୍ଡାଇ
ଜି:କେନ୍ଦ୍ରାପଡା
ମୋପ୯୪୩୭୩୧୭୭୨୨

# ସୂତାଶାଢ଼ୀ



## ଉତ୍କଳିକା ଦାଶ



ସମ୍ଭ୍ରାନ୍ତ ଶ୍ରେଣୀର ହୋଇଥିଲେ ମଧ୍ୟ କାହିଁକି କେଜାଣି ସ୍ୱାମୀ ଅବିନାଶଙ୍କର ଏ ସୂତାଶାଢ଼ୀ ପ୍ରତି ତାଙ୍କର ଅହେତୁକ ଭଲ ପାଇବା । କୌଣସି କଥାରେ ବାରଣ କରୁ ନ ଥିବା ଅବିନାଶ କିନ୍ତୁ ଜିଦ୍ ଧରନ୍ତି ଶାଢ଼ୀ ପିନ୍ଧିବାକୁ, ସୁଦୂର ଆମେରିକାରେ କିଏ ବା ଶାଢ଼ୀ ପିନ୍ଧୁଛି ! ବାହାରକୁ ଗଲେ ଯେଉଁ ଶାଢ଼ୀ ପିନ୍ଧିଲେ ବି ଚଳିବ କିନ୍ତୁ ଘରେ କେବଳ ସୂତାଶାଢ଼ୀ । ସେହି ଶାଢ଼ୀ କାନିରେ ଖାଇସାରି ହାତ ପୋଛିବା ତାଙ୍କ ନିତି ଦିନିଆ ଅଭ୍ୟାସ । ପୁଅ ସ୍ୱାଧୀନର ବି ଶାଢ଼ୀ ପ୍ରତି ଅନେକ ଭଲପାଇବା । ଶାଢ଼ୀ ନୁହେଁତ ସେତ ଯେମିତି ତା' ଜୀବନର ଏକ ଅଂଶ । ଖାଇସାରି ହାତ ପୋଛିବା, ପଣତ ତଳେ ଖେଳିବା, ମୋ ପଛେ ପଛେ ଶାଢ଼ୀ କାନିକୁ ପାଟିରେ କାମୁଡ଼ି ଚାଲିବା ଏପରିକି ଶୋଇବାବେଳେ ମଧ୍ୟ କାନି ଘୋଡ଼ାଇ ହୋଇ ଶୋଇବା ଆଦି ତା'ର ଅଭ୍ୟାସରେ ପରିଣତ ହୋଇ ସାରିଛି । ହଁ କେମିତି ବା ନହେବ ! ବାପା ଗୁଣ ଆଣିଛି । ଛୋଟ ବେଳୁ ବାପା ତ ଶିଖାଇଛନ୍ତି ଏସବୁ । ତଥାପି ଅବିନାଶଙ୍କର ଏ ସୂତାଶାଢ଼ୀ ପ୍ରୀତି କିଛି ଅବୁଝା ରହିଯାଉଛି ସ୍ୱାତୀଙ୍କର । ଆଉ ଅଳ୍ପ ଦିନପରେ ଶାଶୁ ଆସିବେ ତାଙ୍କଠୁ ବୁଝିନେବ ତାଙ୍କର ଏ ସୂତାଶାଢ଼ୀ ପ୍ରତି ଥିବା ଦୂର୍ବଳତା ବିଷୟରେ ।

କିଛି ଦିନ ବିତିଗଲା ପରେ ଶାଶୁ ଆସି ପହଞ୍ଚିଗଲେ । ସେହି ଚିରାଚରିତ ଢଙ୍ଗରେ ସେ ମୁହଁରେ ହସ ଫୁଟାଇ ନାତି ମୁହଁକୁ କାନିରେ ପୋଛି ପକାଇଲେ । ସ୍ୱାଧୀନ ମଧ୍ୟ ତାଙ୍କୁ କୁଣ୍ଢାଇ ପକାଇଲା । ଅବିନାଶ ସ୍ୱାତୀଙ୍କର କାନି ଛାଡ଼ି ମା'ଙ୍କର କାନିରେ ହାତ ପୋଛିଲେ ତାଙ୍କ କାନିତଳେ ଆନନ୍ଦରେ ଶୋଇଲେ । ଏବଂ ପ୍ରତିଦିନ ସେ ମାଆର ଶାଢ଼ୀକୁ ମନଭରି ଆଘ୍ରାଣ କରି ଯାଆନ୍ତି ନିଜ କମର୍କ୍ଷେତ୍ରକୁ । ଏସବୁ ସ୍ୱାତୀଙ୍କୁ ଅଡୁଆ ଲାଗୁଥିଲେ ବି ସେ କିଛି କହୁ ନ ଥିଲେ । କହତଲେ ଆଜି ମା'ଙ୍କୁ ପଚାରିବି ଏ ଶାଢ଼ୀର ରହସ୍ୟ କ'ଣ ?

ମା'ଙ୍କ ପାଖରେ ବସି ସ୍ୱାତୀ ପଚାରିଲେ ମା' କିଛି ପଚାରିବାର ଥିଲା ଆପଣଙ୍କୁ ।

ହଁ ପଚାର ।

ଅବିନାଶ ସୂତାଶାଢ଼ୀକୁ ଏତେ ଭଲ ପାଆନ୍ତି କାହିଁକି ?

ଲୁହ ଛଳଛଳ ଆଖିରେ ମା' କହିଲେ ସେ ଅନେକ କଥା । ଅବିନାଶର ବୋଧହୁଏ ମନେନାହିଁ ସବୁକଥା ।

ମା' ମୋତେ କୁହନ୍ତୁ ମୁଁ ଶୁଣିବାକୁ ଚାହେଁ ।

ହେଲେ ଗୋଟିଏ ସର୍ତ୍ତରେ । ଏକଥା ଅବିନାଶ ଯେମିତି ନ ଜାଣେ ।

ମୁଁ କେବେ କହିବିନି ତାଙ୍କୁ ।

ସେଦିନ ତୋ ବାପାଙ୍କ ସହ ରାଜସ୍ଥାନ ଯିବା ପାଇଁ ଷ୍ଟେସନରେ ଅପେକ୍ଷା କରିଥିଲୁ । ଏହି ସମୟରେ ଜଣେ ମହିଳା ଗୋଟେ ଛୁଆଟାକୁ ଧରି ବସିଥା'ନ୍ତି । ଛୁଆଟା ମା' କାନିରେ ଖେଳୁଥାଏ । ତା'ର ବାପା କିଏ ମୁଁ ଜାଣି ନ ଥାଏ । ସ୍ତ୍ରୀ ଲୋକଟି ଲୋକଙ୍କୁ କିଛି ଖାଇବା ଜିନିଷ ମାଗୁଥାଏ କିନ୍ତୁ କେହି ଦେଉ ନ ଥାନ୍ତି । ଟ୍ରେନ୍ ପ୍ଲାଟ୍‌ଫର୍ମରେ ଲାଗିବା ସମୟରେ ସେଠାରେ ଗହଳି ହୋଇଗଲା । ସେ ଲୋକଙ୍କୁ ଯାଇ କିଛି ଖାଦ୍ୟ ମାଗୁଥାଏ । ଜଣେ ବାବୁ ତା' ପୁଅକୁ ଖାଇବାକୁ ଦେଉଥା'ନ୍ତି । ସେହି ସମୟରେ ସେ ଯାଇ ତାଙ୍କୁ ମାଗିଲା ହେଲେ ସେ ବାବୁ ଜଣକ ନ ଦେବାରୁ ସେ ତାଙ୍କ ଗୋଡ଼ ଧରିଲା । ଏହି ସମୟରେ ଟ୍ରେନ୍‌ଟି ଛାଡ଼ି ତା'ର ବେଗବଢାଇ ସାରିଥିଲା । ବାବୁ ଜଣଙ୍କ ତାଙ୍କ ଗୋଡ଼କୁ ଛାଟି ଏମିତି ଶକ୍ତ ଧକ୍କା ଦେଲେ ଯେ, ସେ ଯାଇ ପଡ଼ିଲା ରେଳ ଧାରଣରେ । ପିଲାଟି ମା'ର କାନିକୁ ଧରିଥିଲା ପିଲାଟି ପଡ଼ିବା ଆଗରୁ ମୁଁ ତାକୁ ଭିଡ଼ିନେଲି ସେ ମୋ କାନିକୁ ଧରି ରେଳ ଧାରଣାକୁ ଚାହିଁ ଦୁଇଖଣ୍ଡ ହୋଇ ପଡ଼ିଥିବା ମା'ର ମଲା ଦେହକୁ ଚାହିଁ ମା', ମା' କହି ବିକଳ ହୋଇ କାନ୍ଦୁଥିଲା । ହେଲେ ମୋ କାନି ଛାଡ଼ି ନ ଥିଲା । ତାଙ୍କୁ ସେଠାରୁ ଆଣି ତା' ସଂପର୍କୀୟଙ୍କୁ ଖୋଜିବାକୁ ଚେଷ୍ଟା କଲୁ । ହେଲେ ସମସ୍ତେ କହିଲେ ତା'ର କେହି ନାହାନ୍ତି । ମା' ପୁଅ ଏହି ପ୍ଲାଟ୍‌ଫର୍ମରେ ରୁହନ୍ତି । ମାଗି ଯାଚି ଖା'ନ୍ତି । ସେତେବେଳକୁ ପିଲାଟିର ବୟସ ଦେଢବର୍ଷ ହେବ । କାନ୍ଦି କାନ୍ଦ ଶୋଇ ପଡ଼ିଲା ମୋ କୋଳରେ କାନିକୁ ପାଟିରେ ପୁରାଇ । ସେଠାକାର ଲୋକଙ୍କୁ କହି ମୁଁ ଆଉ ତୋ ଶ୍ୱଶୁର ପିଲାଟିକୁ ନେଇ ଚାଲିଲୁ ରାଜସ୍ଥାନ । ସେଠାରେ ତାକୁ ଆମ ପୁଅ ପରି ପାଳିଲୁ । ସେ ପ୍ରଥମେ ପ୍ରଥମେ ମା'କୁ ଝୁରିହୋଇ କାନ୍ଦୁଥିଲା ହେଲେ ମୋତେ ଦେଖିଲେ ମୋ କାନିତଳେ ପଶି ମୋତେ ଭିଡ଼ି ଧରି ଚୁପ୍ ହୋଇ ଯାଉଥିଲା । ଧିରେ ଧିରେ ସେ ଭୁଲିଗଲା ତା' ମା'କୁ । ଆମକୁ ମା', ବାପା ଡ଼ାକିଲା । ଆମେବି ନିଷ୍ପତ୍ତି ନେଲୁ ଆମର ଆଉ କୌଣସି ସନ୍ତାନ କରିବୁ ନାହିଁ । ସେ ଆମର ସବୁ କିଛି । ତାକୁ ମଣିଷ କଲୁ । ହେଲେ ଯେତେ ବଡ଼ ହେଉଥାଏ ମୋ ଶାଢ଼ୀର କାନି ପ୍ରତି ତା'ର ଭଲ ପାଇବା ବଢି ଚାଲୁଥାଏ । ମୋତେ ଘରେ ସେ ସୂତା ଶାଢ଼ୀ ବ୍ୟତୀତ କିଛି ପିନ୍ଧିବାକୁ ଦିଏ ନାହିଁ । ମୋ ଶାଢ଼ୀର କାନି ନୁହେଁ ତ ତା' ପାଇଁ ଯେମିତି କୌଣସି ଦୂଲର୍ଭ ବସ୍ତୁ । ବେଳେ ବେଳେ ସେ କାନିକୁ ଧରି ବହୁତ ଅନ୍ୟମନସ୍କ ହୋଇଯାଏ । କ'ଣ ଭାବେ କେଜାଣି । ପଚାରିଲେ କହେ ମୁଁ ଏ କାନିକୁ ଛାଡ଼ି ମୂହୁର୍ତ୍ତେ ରହିବାକୁ ଚାହୁଁନି । ଆଉ ଯେବେ ସେ କଲେଜ୍‌ରେ ପାଠ ପଢୁଥିଲା । ତା' ବାପା ଚାଲିଗଲେ । ସେଦିନ ମୋ କାନିତଳେ ମୁହଁ ପୁରାଇ ଭୋ ଭୋ ହୋଇ କାନ୍ଦିଲା ବହୁତ ସାନ୍ତନା ଦେବାପରେ ସେ ମୁହଁ କାଢି ବାପାର ଦଶ କର୍ମ କରିବାକୁ ଗଲା । ସେବେଠୁ ଆହୁରି ଏ କାନି ପ୍ରତି ଦୂର୍ବଳତା ବଢିଗଲା ତା'ର । ମୋତେ ଦିନେ କହିଲା , ମା' କାନିକୁ କେବେ ମୋଠୁ ଦୂରେଇବୁ ନାହିଁ । ଏହାବିନା ବଞ୍ଚିବା ମୋ ପାଇଁ ଅସମ୍ଭବ ।

ଜନ୍ମରୁ ତା'ର ମା' କାନି ହିଁ ସର୍ବସ୍ୱ ଥିଲା । ବୋଧହୁଏ ତା ସହିତ କେହି ରହୁନଥିବାରୁ ମା' ହିଁ ତା'ର ସମଗ୍ର ବ୍ରହ୍ମାଣ୍ଡ ଥିଲା । ଆଉ ମା'ର ପଣତ ତା' ପାଇଁ ଥିଲା ବଞ୍ଚିବାର ଏକ ରାହା ।

ଏବେ ଜାଣିଲୁ ତ ସେ କାହିଁକି ସୂତାଶାଢ଼ୀର କାନିକୁ ଭଲପାଏ । ହଁ ମା' । ମା'ର ପଣତ କାନି ହିଁ ସନ୍ତାନର ଏକମାତ୍ର ସୁରକ୍ଷିତ ଓ ଆରମ ଦାୟକ ସ୍ଥାନ । " ମୁଁ ଆଜିଠୁଁ ବିନା ଦ୍ୱିଧାରେ ପିନ୍ଧିବି ଆପଣଙ୍କ ପୁଅର ପସନ୍ଦ ସୂତାଶାଢ଼ୀ" ।

+ଠାକୁରପାଟଣା, ଆଳି, କେନ୍ଦ୍ରାପଡ଼ା
ମୋ : ୭୦୦୮୫୫୯୬୯୩

# ଭିନ୍ନ ତଅପୋଇର ଭିନ୍ନ ଚିନ୍ତାଧାରା

## ସୁନନ୍ଦା ମହାନ୍ତି

ତା ପ୍ରକୃତ ନାମ ସେ ନିଜେ ବି ଜାଣିନଥିଲା, କାରଣ ଭାଉଜ ଦୁହେଁ ତାକୁ ଅଲକ୍ଷଣୀ ଡାକୁଥିଲେ । ଯୁବକମାନେ ଖୁଦରଙ୍କୁଣୀ ତ ସାଙ୍ଗମାନେ ତଅପୋଇ ହିଁ ଡାକୁଥିଲେ, ଯେହେତୁ ବାପା ମାଆ ଚାଲିଯିବା ପରେ ଭାଇ ଦୁହେଁ ବିଦେଶରେ ଥିବା ବେଳେ ସେ ଭାଉଜ ମାନଙ୍କ ଦ୍ୱାରା ପ୍ରତିପାଳିତ ହେଉଥିଲା । ଭାଇମାନଙ୍କର ସେ ତଅପୋଇ ହିଁ ଥିଲା ଏଇଥି ପାଇଁ କି ତା ବିବାହ ସରିବା ପରେ ସ୍ତ୍ରୀ ମାନଙ୍କୁ ପାଖକୁ ନେବାର ପ୍ରତିଶ୍ରୁତି ଦେଇ ବିଦେଶରେ ରହୁଥିଲେ । ଭାଉଜ ଦୁହିଁଙ୍କର ଆକ୍ରୋଶରେ ତଅପୋଇ କାନ୍ଦୁ ନଥିଲା ବରଂ ପାଠ ପଢ଼ି ନଥିବାରୁ ସିଲେଇ, ପଶୁ ପାଳନ, କୁକୁଡ଼ା ଚାଷ ସହ କୃଷି ବା ଜମି ଚାଷ ବାସ ମଧ୍ୟ କରି ପାରୁଥିଲା ତଅପୋଇ । ଅବହେଳିତ ରହିଥିବାରୁ ସେହି ଛୋଟ ସହର ଯୁବକ ମାନଙ୍କ ଦ୍ୱାରା ନିର୍ଯ୍ୟାତିତ ହେବାରୁ ବଞ୍ଚିତ ହେବା ସହ ସାହାଯ୍ୟ ସହଯୋଗ ପାଉଥିଲା ତା କାମରେ । ପୁତୁରା ଝିଆରୀ ମାନଙ୍କୁ ସ୍କୁଲ ନେବା ଆଣିବା କରିବା ଫଳରେ ସଭ୍ୟତା ସଂସ୍କୃତି ପରମ୍ପରା ଗତ ମନୋଭାବ ସହ ସାମାଜିକତା ବଢୁଥିଲା । ତେଣୁ ସେ କେବେ ଭାଉଜ ଦୁହିଁଙ୍କୁ ଦୋଷ ଦେଉନଥିଲା । ବିବାହ ହୋଇପାରୁନଥିବା ପଛରେ ଭାଉଜ ଦୁହିଁଙ୍କ ପରୋକ୍ଷ ହାତ ମଧ୍ୟ ତା ପାଇଁ ଆଶୀର୍ବାଦ ବୋଲି ସେ ମନେ କରୁଥିଲା, କାରଣ ସାମାଜିକ ବନ୍ଧନରେ ବାନ୍ଧି ନହୋଇ ସେ ତା କର୍ମକୁ ସୁଚାରୁ ରୂପେ ପାଳନ କରି ଆସୁଥିଲା ବରଂ ଭାଉଜ ମାନଙ୍କ ଦୁଃଖ ସେ ଦେଖି ପାରୁନଥିଲା । ତାକୁ ମାଧମ କରି ଭାଇ ଦୁହେଁ ବିଦେଶରେ କୋଉ ପ୍ରକାର ସାମାଜିକ ଓ ପାରିବାରିକ ଜୀବନ ବିତାଉଛନ୍ତି ସେ ସନ୍ଦିହାନ ଥିଲା । ଗୃହ କର୍ମ କରି ସେ ଅଳ୍ପ ଖାଇ ସୁସ୍ଥ ଥିଲା ଦୁଇ ଭାଉଜଙ୍କ ଦୟାରେ ବୋଲି ଭାବୁଥିଲା ।

ସବୁ କାମରେ ସିଦ୍ଧହସ୍ତ ତଅପୋଇ ହିଁ ବଜାର ସଉଦା ଇତ୍ୟାଦି ଘର ଗୋଟାକର ଜଞ୍ଜାଳ ମୁଣ୍ଡାଇ ବି ଖୁସି ଥିଲା କାରଣ ତା ଯୋଗୁଁ ଦୁଇ ଭାଉଜ ଓ ପିଲାମାନ ସମସ୍ତେ ଏକାନ୍ନବର୍ତ୍ତୀ ପରିବାର ହୋଇ ଚଳୁଥିଲେ ବୋଲି ସେ ଭାବୁଥିଲା । ସେଦିନ ପିଲା ମାନଙ୍କ ଛୁଟି ଥାଏ । ଛାଡଖାଇ ପାଇଁ ସେ ଗୋଟେ ବି ଛେଳି ବିକ୍ରୀ କରିନଥିଲା କିନ୍ତୁ ଭାଉଜ ଦୁହେଁ ଯେବେ ତାକୁ ମଟନ୍ ଆଣିବାକୁ ବାଧ କରିଥିଲେ ସେ ନିଜ ହାତରେ ବାଡ଼ି ବଗିଚାରୁ ତୋଳି ଥିବା ସବୁଜ ପନିପରିବା ଓ ଶାଗ ସବୁକୁ ଛେଳି ଓ ଗାଈ ମାନଙ୍କୁ ଖାଇବାକୁ ଦେଇ, ସେ ସଞ୍ଚୟ କରି ରଖିଥିବା ଟଙ୍କା ନେଇ ବଜାର ଯାଇଥିଲା କିନ୍ତୁ ତାର ହଠାତ୍ ମନେହେଲା ସେ ଖାସି କଟା ଦୃଶ୍ୟରେ ବିଚଳିତ ହୋଇପଡିଛି । ପ୍ରକୃତରେ ସେ ସେହି ଦୃଶ୍ୟ ସବୁକୁ ସହି ନପାରିଲେ ମଧ୍ୟ ବାଧ ହୋଇ ମଟନ୍ କିଣିଥିଲା । ଘରେ ସେସବୁ ଦେଇ ସାରିଲା ପରେ ଛେଳିମାନଙ୍କ ପାଖକୁ ଯାଇ ତାଙ୍କୁ ସବୁ ଖୁସିରେ ଘରମଣୀ ବୋଲି ଡାକୁଥିଲା । ବଜାରରେ ଗାଈ ବଳଦ ମାନେ ଅକଥନୀୟ ଭାବେ ଟ୍ରକରେ ବୁହା ହୋଇ ଯାଉଥିବାର ଦୃଶ୍ୟ ତାର ମନେ ପଡିଗଲା । କିପରି ବେକରେ ଯୁଆଳି ପଡି ବେକ ଉଠେଇ ନପାରି ଶ୍ୱାସରୁଦ୍ଧ ଅବସ୍ଥାରେ ବୁହା ହୋଇ ଯାଉଥିଲେ, ସେ ଦୃଶ୍ୟରେ କାନ୍ଦି ପକାଇଥିଲା ।

ସେହିଦିନ ଦୁଇଭାଇ ପହଞ୍ଚି ଥିଲେ । ତା ପାଠ ନପଢ଼ିବା ଓ ସବୁ କାମ କରିବା ଯେମିତି ତା ନିଜ ଇଚ୍ଛାରେ କରୁଛି ବୋଲି, ଭାଇ ମାନଙ୍କୁ ଭାଉଜ ଦୁହେଁ କହିଥିଲେ । ଭାଇ ଦୁହେଁ ତାକୁ ଛାଡି ପରିବାର ସହ ଫେରିଯିବେ କଥାରେ, ତଅପୋଇ ଖୁସି ପାଇଥିଲା ଯା ହେଉ ଭାଉଜ ଦୁହିଁଙ୍କ ଭାଗ୍ୟ ଖୋଲିଗଲା ଭାବି ତାଙ୍କ ପାଇଁ ଠାକୁରଙ୍କୁ ଡାକୁଥିଲା । ତାକୁ ମଟନ୍ ଦିଆଯାଇନଥିବାରୁ ତାର ଆନନ୍ଦର ସୀମା ନଥିଲା । ଭାଇ ଭାଉଜ ଓ ପିଲାମାନେ ଚାଲିଯିବା ପରେ ସେ ମାଣ୍ଡିଆ ଚାଷ କରି ପୂର୍ବପରି ପଶୁ ପକ୍ଷୀ ପାଳନ ଓ ସବୁଜ ପନିପରିବା ଚାଷ କରୁଥିଲା । ମାଣ୍ଡିଆ ଉତ୍ପାଦନ ତାକୁ ଏସବୁ ପଶୁ ପକ୍ଷୀ ପାଳନ ଓ ସବୁଜ ପନିପରିବା ଚାଷ ପାଇଁ ଯଥାକ୍ରମେ ଖାଦ୍ୟ ରୂପେ ଚୋକଡ ଓ କମ୍ପୋଷ୍ଟ ଖତ ରୂପେ ପାଇ ମଙ୍ଗଳା ମାଆଙ୍କୁ ପୂଜା କରି ଦୁଇଭାଇଙ୍କ ସହ ଦୁଇ ଭାଉଜ ଓ ପିଲାମାନଙ୍କର ଶୁଭ ମନାସିବା ସହ ଅଳ୍ପ ଦିନରେ ନିଜେ ଘରଟିଏ କରିବା ସହ ଅନାଥ ପିଲାମାନଙ୍କୁ ରଖି ପାଠ, ଯୋଗ, ସ୍ୱାସ୍ଥ୍ୟ ସଚେତନତା ଦେବା ସହ ପଢେଇଥିଲା । କିଛି ଦିନ ପରେ ଦୁଇ ଭାଇ ଭାଉଜଙ୍କୁ ତାଙ୍କ ପୈତୃକ ସମ୍ପତ୍ତି ମଧ୍ୟ ହସ୍ତାନ୍ତର କରିଥିଲା । ଅନେକ ଶିକ୍ଷିତ ବେକାର ଯୁବକ ମାନେ ତଅପୋଇ ପାଖରେ କାମ କରି, ନିଜ ପେଟ ପୋଷିବା ସଙ୍ଗେ ସଙ୍ଗେ ପରିବାର ପୋଷଣ କରିପାରିଥିଲେ ।

ସାକ୍ଷୀଗୋପାଳ, ପୁରୀ
(ମୋ) ୭୦୦୮୯୪୨୨୧୫

# ଆପଣାପଣର କଥା

## ଆଦ୍ୟାଶା ମହାପାତ୍ର

ତମାମ୍ ସଫଳତାରେ ମୋର
ସେମାନଙ୍କ ଦୁଇ ହାତ
ଖୁବ୍ ଜୋରରେ ତାଳି ବଜେଇଥିବା ମୁହୂର୍ତ୍ତ
କିମ୍ବା, ସେମାନଙ୍କ ପ୍ରଶଂସାରେ
ନଥିଲା ମୋର ମୋହ ,
ବରଂ ବେଶୀ ନିଜର ମୋର
ସେଇ ପଣତ କାନି ର ଛୁଆଁ
ସେଇ ଆଶ୍ୱାସନାର ଶବ୍ଦପୁଞ୍ଜ
ଯିଏ ଦୁଃଖ ଦୁର୍ଦ୍ଦିନରେ ପୋଛି ଦେଇଥିଲେ
ମୋ ଆଖିର ନିଗିଡା ଲୁହ ।।

ଭିନ୍ନ ଋତୁରେ ସାମ୍ନାକୁ ଆସନ୍ତି
ଭିନ୍ନ ପ୍ରକାରର ପକ୍ଷୀ
ରୂପ ରଂଗରେ ମୋହନ୍ତି ମନକୁ
ଶୀତଋତୁରେ ବିଦେଶାଗତ ପକ୍ଷୀଙ୍କ ମେଳରେ
ଯେମିତି ରୋମାଞ୍ଚିତ ହୁଏ ନଳବଣ,
ହେଲେ ମୁଁ ଭଲପାଏ
ମୋ ଅଗଣାରେ ସେଇ
ପରିଚିତ ଚଢେଇ ମାନଙ୍କୁ
ଯେଉଁମାନଙ୍କ ପାଇଁ ନିତି ସକାଳରେ
ଉକୁଟିଉଠେ ମୋ ବିଭୋରପଣ ।।

ଭଲ ସମୟ ମନେଇବା ପାଇଁ
ଯେଉଁମାନେ ଆସନ୍ତି ପାଖକୁ
ଭରିଦିଅନ୍ତି ଚାରିପଟେ ଉଦ୍ଭଟ କୋଳାହଳ
ସେମାନଙ୍କ ଠୁ ଢେର ଭଲ ସେଇମାନେ
ଯେଉଁମାନେ ଖରାପ ସମୟକୁ
ତାଙ୍କ ସହୃଦୟତାରେ ବନାଇପାରନ୍ତି ଭଲ
ଯେଉଁମାନଙ୍କ ଉପସ୍ଥିତିରେ
ଆପଣାପଣର କଥା କାକଳିରେ
ଦୁର୍ଦ୍ଦିନ ଲାଗେନା ଦୁର୍ଦ୍ଦିନ ଭଳି,
ଯାହାଙ୍କ ଆଲିଙ୍ଗନରେ ଜାଣିହୁଏ
ହୃଦୟରେ ପ୍ରସ୍ଫୁଟିତ ସତେ
ଭଲ ପାଇବାର ନିଟୋଳ କଳି ।।

ନୂଆପଡା, କଟକ

# କାହିଁକିର ଉତ୍ତର ସମାଧାନର ସୂତ୍ର

## ଶ୍ୱେତା ରାଉତ୍

ଆଜିକାଲି ଯେତେ ବିଳାସପୂର୍ଣ୍ଣ ଜୀବନ ବିତାଇଲେ ମଧ ସମସ୍ତଙ୍କ ଭିତରେ କିଛି ଦୁଃଖ କିଛି ଆଶା କିଛି ସଙ୍ଘର୍ଷ ଜୀବନକୁ ବୋଝ କରି ଦେଉଛି । ଅନେକ ପ୍ରତିପତ୍ତିଶାଳୀ ବ୍ୟକ୍ତି ମଧ କୌଣସି ନା କୌଣସି ଚିନ୍ତା, ମାନସିକ ସନ୍ତୁଳନ ଯୋଗୁଁ ଆତ୍ମହତ୍ୟା କରି ଦେଉଛନ୍ତି । ଏବେ ତ ସାମାଜିକ ଗଣ ମାଧମରେ ସବୁବେଳେ ଦେଖିବାକୁ ମିଳୁଛି କିଏ ଆତ୍ମହତ୍ୟା କଲା, କାହା ବାପା ମାଆଙ୍କୁ କୋଉ ପୁଅ ଖାଇବାକୁ ଦେଲାନାହିଁ, କାହା ଝିଅ କୋଉ ପୁଅ ସହିତ ପଳେଇଲା, କାହା ସ୍ତ୍ରୀ କେଉଁ ପୁରୁଷ ସହିତ ସମ୍ପର୍କ ରଖି ଫେରାର ହୋଇଗଲା, କିଏ ମଦ ପିଇ ତା ସ୍ତ୍ରୀକୁ ବାଡେଇଲା ଇତ୍ୟାଦି ଇତ୍ୟାଦି । ଆମେ ସବୁବେଳେ ସମସ୍ୟା ଉପରେ ଚର୍ଚ୍ଚା କରନ୍ତି, ଘଟି ଯାଇଥିବା ଘଟଣା ଉପରେ ଆଲୋଚନା କରୁଛନ୍ତି, ଅପବାଦ, ଅପମାନ ଉପରେ ଚର୍ଚ୍ଚା କରୁଛନ୍ତି, କିନ୍ତୁ ଘଟଣାର କାରଣ ବା କାହିଁକି ଘଟିଲା ସେ ବିଷୟରେ ନା ଆଲୋଚନା କରନ୍ତି, ନା ଚର୍ଚ୍ଚା କରନ୍ତି । ଯେତେବେଳେ ପିଲାଟିଏ ଉଶୃଙ୍ଖଳିତ ହେବା ଆରମ୍ଭ କରୁଛି ଆମେ କହୁଛନ୍ତି ସାଙ୍ଗସାଥୀ ମେଳରେ ପଡି ମୋ ପିଲା ଖରାପ ହୋଇଗଲାଣି । ବାସ୍ତବରେ ପିଲାଟିଏ ଖରାପ ହେବା ପାଇଁ କଣ କେବଳ ସାଙ୍ଗ ସାଥୀ ବା ବାହାର ପରିବେଶ ଦାୟୀ ? ଯାହାକୁ ଆମେ ଜନ୍ମ ଦିଅନ୍ତି, ଲାଳନପାଳନ କରନ୍ତି, ସ୍ନେହ ଶ୍ରଦ୍ଧା ଦିଅନ୍ତି, ଆମ ଶ୍ରଦ୍ଧା, ଆମ କର୍ତ୍ତବ୍ୟ କଣ ଏତେ ଦୁର୍ବଳ ଯେ ବାହାରେ କେଇଦିନ କେଇଜଣ ଆମ ପିଲାଙ୍କ ସହିତ ମିଶିଗଲେ ସେ ସେମାନଙ୍କଠୁ ଶିଖିଯାଏ ଆଉ ଖରାପ ହୋଇଯାଏ ! ଆମର ଶ୍ରଦ୍ଧା, ମମତା, ଆଦର ଓ ଆପଣାପଣଠାରୁ ସାଙ୍ଗମାନଙ୍କ କେତେ ସମୟ ମିଳାମିଶା ଆମ ପିଲାକୁ ଅଧିକ ନିଜର କରିନିଏ !

ଯଦି ବି ଏମିତି ହୁଏ, ତାର କାରଣ ପାଇଁ ପିଲା ନୁହେଁ ଆମେ ହିଁ ଦାୟୀ । ହୃଦୟରୁ ଶ୍ରଦ୍ଧା,ଆଦର, ଦାୟିତ୍ୱବୋଧ, ସଂସ୍କାର ଦେବାରେ ହୁଏତ ଆମର ତ୍ରୁଟି ଯୋଗୁଁ ଆମେ ଆମ ପିଲା ହୃଦୟରେ ସ୍ଥାନ ନେଇ ନଥାନ୍ତି । କେବଳ ବାହ୍ୟ ଆବଶ୍ୟକତା ପିଲାକୁ ବିଳାସ ଦେଇପାରେ, ବିଚାରକୁ ପ୍ରଭାବିତ କରେନାହିଁ । ପିଲାର ବିଚାର ସଂସ୍କାରସମ୍ପନ୍ନ ହେବାପାଇଁ ନିଜର ପ୍ରେମ, ଆଦର ପିଲା ପ୍ରତି ନିଃସ୍ୱାର୍ଥ ଓ ନିଷ୍କପଟ ହେବା ଜରୁରୀ । ତେଣୁ ପିଲା ଖରାପ ହେଲା କି ଉଶୃଙ୍ଖଳିତ ହେଲା, ଆଲୋଚନା କରିବା ଛାଡ଼ି, କାହିଁକି ଏମିତି ହେଲା ଜାଣିପାରିଲେ ସମାଧାନ ମଧ ସହଜ ହୋଇପାରିବ ।

ସ୍ୱାମୀ ମଦ ପିଉଥିଲେ ସ୍ତ୍ରୀମାନଙ୍କର ସବୁଠୁ ବଡ଼ ଅଭିଯୋଗ ଥାଏ, କିନ୍ତୁ ସ୍ତ୍ରୀମାନେ ମୂଳକୁ ଯାଇ ଦେଖିବାକୁ ଚେଷ୍ଟା କରନ୍ତିନି ସ୍ୱାମୀ କାହିଁକି ମଦ ପିଏ ! ବିଳାସ-ବ୍ୟସନ ପାଇଁ ନା ଦୁଃଖରେ ମ୍ରିୟମାଣ ହୋଇ, ନା ଏମିତି ଗୋଟେ ସଉକ୍ ପାଇଁ ? କାହିଁକିର ଉତ୍ତର ଜାଣି ପାରିଲେ ବା ମଦ ପିଇବାର କାରଣ ଜାଣିପାରିଲେ, ମଦ ଛଡ଼ାଇବାର ଉପାୟ ମଧ ଜାଣିପାରିବେ । ଯେମିତି ରୋଗ ଜାଣି ପାରିଲେ ହିଁ ପ୍ରତିକାର ସମ୍ଭବ । ଜଣଙ୍କୁ ଯେତେବେଳେ କୌଣସି ରୋଗ ହୁଏ, ଜଣେ ଡାକ୍ତରଙ୍କ ପାଖରେ ଭଲ ନହେଲେ ଅନ୍ୟ ଡାକ୍ତରଙ୍କୁ ଦେଖନ୍ତି, ପରିସ୍ଥିତି ଖରାପ ଥିଲେ ଧାର କରଜ କରି, ଜମି ବାଡ଼ି ବିକି ବଡ଼ ଡାକ୍ତର ଦେଖେଇବାକୁ ଆପ୍ରାଣ ଚେଷ୍ଟା କରନ୍ତି ।

## ସମ୍ପର୍କର ରିଙ୍ଗ



ଠିକ୍ ସେମିତି ଗୋଟେ ଉପାୟରେ ମଦ ଛଡ଼ାଇ ନପାରିଲେ ଯେକୌଣସି ଉପାୟ ଅବଲମ୍ବନ କରି ସଫଳତା ପାଇ ପାରିବେ, କିନ୍ତୁ କୁଅଭ୍ୟାସ ବା ସମସ୍ୟାର କାରଣ ଜାଣିବା ବା କାହିଁକିର ଉତ୍ତର ଜାଣିଥିବା ଦରକାର ।

ସ୍ତ୍ରୀର କୌଣସି ବ୍ୟବହାର ଭଲ ନାଲଗିଲେ, ସ୍ତ୍ରୀ ଆଉ କାହା ସହିତ ସମ୍ପର୍କ ରଖୁଥିଲେ, ସ୍ୱାମୀର ମଧ ଦାୟୀତ୍ୱ ତାର କାରଣ ଓ କାହିଁକି ସେ ଏଭଳି ହେଲା ଜାଣି ସମାଧାନର ବାଟ ଖୋଜିବା ଦରକାର ।ସମ୍ପର୍କକୁ ପିଲା ଖେଳ ଭାବି ଭାଙ୍ଗିଗଲା ଫୋପାଡ଼ିଦେବା, ଏମିତି ଠିକ୍ ନୁହେଁ । ସମ୍ପର୍କରେ ସହନଶୀଳତା ଜରୁରୀ, ସୁଧାରିବାର ପ୍ରଚେଷ୍ଟା ଜରୁରୀ, ସହଭାଗ ଜରୁରୀ, ସମସ୍ୟାର ସମାଧାନ ଜରୁରୀ । ଏସବୁ ସେତେବେଳେ ସମ୍ଭବ ଯେତେବେଳେ ସମସ୍ୟା ଉପରେ ଆଲୋଚନା ନକରି ସମସ୍ୟାର କାରଣ ଉପରେ ଆମେ ଗୁରୁତ୍ୱ ଦେବା ।

+ରାଉତ କମ୍ପ୍ଲେକ୍ସ, କଟକ ରୋଡ଼୍, ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

# ପୁଅ ଅଟେ ଯାହାର...

## ପାର୍ବତୀ ମହାପାତ୍ର

ଲକ୍ଷେ ଶିବ ପୂଜି ଯିଏ ପାଇ ଅଛି ପୁଅ ରେ
ତା ଠାରୁ ଏ ଦୁନିଆ ରେ ବଡ କିଏ ଅଛିରେ
ସତେ ପୁଅ ଅଛି ଯାହାର
ବଡ଼ ଭାଗ୍ୟ ତାହାର
ପେଟ ଚାଖଣ୍ଡକ ପାଇଁ ମିଳେ ନାହିଁ ଆହାର
ପୁଅ ଅଟେ ଯାହାର
ଘର ଭଡ଼ା, ପେନସନ ପାଏ ସିଏ ଯୋଉଦିନ
ପୁଅ ର ଶରଧା ଦେଖି
ଭୁଲେ ନିଇତି ପାହାର
ପୁଅ ଅଟେ ଯାହାର
ବାର ଓଷା ତେର ବ୍ରତ
କରି ପାଇଥାଏ ପୁତ
ନିତି କିନ୍ତୁ ଇଛା ହୁଏ ପିଇବାକୁ ଜହର
ପୁଅ ଅଟେ ଯାହାର
ଝିଅ ଯଦି ଜନ୍ମ ହୁଏ
ପଞ୍ଚିଆତି, ସଠୀ ଘର ସବୁ ତାର ପଡ଼ିଯାଏ
ପୁଅ ସିନା ଦେଖାଏ ଯେ
ନିତି ନର୍କ ଦୁଆର
ପୁଅ ଅଟେ ଯାହାର
କିଣା ଚାକର ଟେ ପରି, ଖଟୁଥାଏ ମନଜାଣି
ନିଜର ରକତ ବୋଲି ଛାତି ତଳ ଜଖମଟା
ଅଟେ ଭାରି ଗମ୍ଭୀର
ପୁଅ ଅଟେ ଯାହାର
କିଏ ବୁଝୁ ବା ନବୁଝୁ ବୁଝୁଥିବ ସିଏ ରେ
ପୁଅ ବୋହୂ ସଂସାର ଟା ଅଟେ କେଡେ ମଧୁର
ନଘେନିବ ମୋର ଦୋଷ
ଠାକୁରେ ଦେବେ ଅବଶ୍ୟ
ମାଗୁଣି ଏତିକି ଅଟେ, ପୁଅଙ୍କୁ ପୁଅ ଦିଅନ୍ତୁ
ବଢୁ ତାଙ୍କର ସଂସାର
ପୁଅ ଅଟେ ଯାହାର ।

+ଶିକ୍ଷୟିତ୍ରୀ ପ୍ରହରାଜପୁର,ପୁରୀ
ମୋ: ୯୫୮୩୪୫୭୪୭୧

# ଆଜିର କବିତା

## ଭୁଲ ଠିକଣା

### ପୁଷ୍ପାଞ୍ଜଳି ମିଶ୍ର

ଶୂନ୍ୟ ହୃଦୟରେ ଖୋଜୁଛି ଆଜି ମୁଁ
ସ୍ମୃତିର ଫରୁଆ ଖୋଲି
ବଦଳି ଯାଇଛି ବର୍ଷ ମାସ ଦିନ
ସ୍ମୃତି ଯା ରହିଛି ଖାଲି
ତୁମ ଠିକଣାରେ ହଜେଇ ଦେଇଛି
ଏଇ ମନ ଏଇ ଦେହ
ଯୁଆଡେ ଦେଖିଲେ ଦିଶେ ତୁମ ଛବି
ଆଉ କିଛି ଦିଶୁ ନାହିଁ
ବିଶ୍ୱାସ ନିଆଁରେ ଜଳି ପୋଡି ପରେ ଗଲି
ନ ମରି କି ଜୀଅନ୍ତା ଜଳିଲି
ତୁମ ପ୍ରେମରେ ପାଗଳ ହୋଇ
ସବୁ ଆଜି ହଜେଇଲି
ଲୁହର ମୂଲକୁ କିଏ ସେ ବୁଝିବ
କା ଆଗେ କହିବି ଯାଇ
ହୃଦୟର ବ୍ୟଥା ବେଦନା ବିଧୂର
ନିରବେ ଯାଏ ଝାଉଁଳି
ବାଟ ଚାଲୁ ଚାଲୁ ଜୀବନ ପଥରେ
ପାଇଥିଲି ସାଥୀଟିଏ
ସିଏ ଆଜି ମତେ ପ୍ରତାରଣା କରି
ଠକି ଦେଇ ଚାଲିଗଲା
ପ୍ରେମର ପଥିକ ସାଜିଥିଲି ଦିନେ
ହେଲି ଆସି ବାଟବଣା
ଆପଣାର ଭାବିଥିଲି ସବୁ ଭୁଲି ଗଲା
ପର ମତେ କରି ଦେଲା
ଆଜି ମୁଁ ଖୋଜୁଛି ପାଉନି କିଛି
ସବୁ ଭୁଲ ହୋଇଗଲେ
ଲୁହ ସାଥେ କରିଥିଲି ମୁଁ ସଉଦା
କ୍ଷତାକ୍ତ ହେଲା ସେ ଆଶା
ମିଥ୍ୟା ପ୍ରତିଶ୍ରୁତି ମିଥ୍ୟାର ଦ୍ୱାହି
ବେଇମାନୀ ହୋଇଗଲା
ଭୁଲ ହୋଇ ଗଲା ଭଲ ପାଇ ବୋଧେ
ଭୁଲ ଠିକଣାଟେ ଥିଲା

+ସୁକିନ୍ଦା କ୍ରୋମାଇଟ୍ ମାଇନ୍ସ,ଯାଜପୁର
ମୋ: ୯୫୫୬୭୪୩୯୨୧

# ପଦ୍ମପୁର ଉପନିର୍ବାଚନ ପାଇଁ ନୋଡାଲ ଅଧିକାରୀଙ୍କ ବୈଠକ

ଭୁବନେଶ୍ୱର ,୧୬/୧୧ (ନି.ପ୍ର): ପଦ୍ମପୁର ଉପନିର୍ବାଚନରେ ନିର୍ବାଚନୀ ଖର୍ଚ୍ଚର ତଦାରଖ କରିବା ପାଇଁ ମଙ୍ଗଳବାର ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ସୁଶୀଲ କୁମାର ଲୋହାନୀଙ୍କ ଅଧକ୍ଷତାରେ ରାଜ୍ୟ ନୋଡାଲ ଅଧିକାରୀମାନଙ୍କର ଏକ ବୈଠକ ସିଇଓଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।

ଏହି ବୈଠକରେ ଆଇନଶୃଙ୍ଖଳା ଦାୟିତ୍ୱରେ ଥିବା ରାଜ୍ୟ ନୋଡାଲ ଅଧିକାରୀ ପ୍ରବୀଣ କୁମାର, ନିର୍ବାଚନୀ ବ୍ୟୟ ଦାୟିତ୍ୱରେ ଥିବା ରାଜ୍ୟ ନୋଡାଲ ଅଧିକାରୀ ଏସ୍. ଦେବଦତ ସିଂହ, ନିର୍ବାଚନୀ ଖର୍ଚ୍ଚ ତଦାରଖ ନିମନ୍ତେ ଆୟକର ବିଭାଗ ଦାୟିତ୍ୱରେ ଥିବା ରାଜ୍ୟ ନୋଡାଲ ଅଧିକାରୀ ଡ. ଲଳିତା କୁମାରୀ ଓ ନିର୍ବାଚନୀ ଖର୍ଚ୍ଚ ତଦାରଖ ପାଇଁ ଅବକାରୀ ବିଭାଗର ରାଜ୍ୟ ନୋଡାଲ ଅଧିକାରୀଙ୍କ ତରଫରୁ ଭାରପ୍ରାପ୍ତ ଅବକାରୀ କମିଶନର ରାମଚନ୍ଦ୍ର ପାଲଟା ଯୋଗଦେଇଥିଲେ। ପଦ୍ମପୁର ବିଧାନସଭା ଉପନିର୍ବାଚନକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ଉପରେ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ଗୁରୁତ୍ୱାରୋପ କରିଥିଲେ। ଉପନିର୍ବାଚନ ପାଇଁ ବିଭିନ୍ନ ରାଜନୈତିକ ଦଳମାନଙ୍କ ଦ୍ୱାରା ନିର୍ବାଚନୀ ପ୍ରଚାର ଦିନଠାରୁ ନିର୍ବାଚନ ଫଳାଫଳ ଘୋଷଣା ପର୍ଯ୍ୟନ୍ତ ଜିଲ୍ଲା ତଥା ନିର୍ବାଚନ ମଣ୍ଡଳୀରେ ଆଇନଶୃଙ୍ଖଳା ରକ୍ଷା କରିବା ସହ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଓ ଉପନିର୍ବାଚନ ପାଇଁ ଲାଗୁ କରାଯାଇଥିବା ଆଦର୍ଶ ଆଚରଣ ବିଧିର ପରିପାଳନ ନିମନ୍ତେ ତୀକ୍ଷ୍ଣ ଦୃଷ୍ଟିଦେବାକୁ ମୁଖ୍ୟ ନିର୍ବାନ ଅଧିକାରୀ ଉପସ୍ଥିତ ଥିବା ନୋଡାଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ନିର୍ବାଚନ ପ୍ରଚାର ନିମନ୍ତେ ପ୍ରାର୍ଥୀ ଏବଂ ସଂପୃକ୍ତ ରାଜନୈତିକ ଦଳର ନିର୍ବାଚନୀ ଖର୍ଚ୍ଚ ଯେପରି ନିର୍ବାଚନ ଆୟୋଗଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ନିର୍ବାଚନ ଖର୍ଚ୍ଚଠାରୁ ଅଧିକ ନହେବ ସେଥିପ୍ରତି କଡ଼ାନଜର ଦେବାକୁ ନିର୍ବାଚନ ବ୍ୟୟ ଦାୟିତ୍ୱରେ ଥିବା ରାଜ୍ୟ ନୋଡାଲ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଉପନିର୍ବାଚନକୁ ସ୍ୱଚ୍ଛ, ମୁକ୍ତ ଓ ଅବାଧ ଭାବେ ପରିଚାଳନା କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଶ୍ରୀ ଲୋହାନୀ ଉପସ୍ଥିତ ରାଜ୍ୟ ନୋଡାଲ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି ।

## ମୁଖ୍ୟମନ୍ତ୍ରୀଙ୍କ ସବସିଡି ଘୋଷଣା ଦିନରେ ଲଣ୍ଠନ ଦେଖାଇବା ସଦୃଶ : ଜୟ ନାରାୟଣ ମିଶ୍ର

ଭୁବନେଶ୍ୱର ,୧୬/୧୧ (ନି.ପ୍ର): ପଦ୍ମପୁର ଉପନିର୍ବାଚନ ସମୟରେ ଆଜି ତରବରିଆ ଭାବରେ ମୁଖ୍ୟମନ୍ତ୍ରୀ ଯେଉଁ ସବସିଡି ଘୋଷଣା କରିଛନ୍ତି, ଏହା ପ୍ରଚାର ସର୍ବସ୍ୱ ସରକାରଙ୍କ ଦିନରେ ଲଣ୍ଠନ ଦେଖାଇବା ସଦୃଶ ବୋଲି ଟ୍ୱିଟ୍ କରି କହିଛନ୍ତି ବିରୋଧୀ ଦଳ ନେତା ଜୟ ନାରାୟଣ ମିଶ୍ର ।

ଶ୍ରୀ ମିଶ୍ର ଟ୍ୱିଟ୍ କରିଛନ୍ତି ଯେ ଗତକାଲି ବରଗଡ଼ ଜିଲ୍ଲା ପଦ୍ମପୁର ଠାରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆନ୍ଦୋଳନରତ ଚାଷୀଙ୍କୁ ଭେଟି ସେମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରି ଦିଲ୍ଲୀ ଫେରିବା ପରେ ଆଜି କେନ୍ଦ୍ର କୃଷି ମନ୍ତ୍ରୀ ନରେନ୍ଦ୍ର ସିଂ ତୋମରଙ୍କୁ ଭେଟି ପଦ୍ମପୁର ସହିତ ଓଡ଼ିଶାର ଚାଷୀ ମାନଙ୍କର ଫସଲ ବୀମା ଓ ଚାଷୀ ମାନଙ୍କ ସମସ୍ୟା ବିଷୟରେ ଅବଗତ କରାଇଥିଲେ।

ପରବର୍ତୀ ପର୍ଯ୍ୟାୟରେ କୃଷି ମନ୍ତ୍ରୀ ନରେନ୍ଦ୍ର ସିଂହ ତୋମର ଓଡ଼ିଶାର ଚାଷୀ ଭାଇ ଭଉଣୀଙ୍କ ପ୍ରତି ଥିବା ପ୍ରତିବଦ୍ଧତା ଥିବା ଦର୍ଶାଇଥିଲେ, ଯାହା କି ମୁଖ୍ୟମନ୍ତ୍ରୀଙ୍କୁ ବିଚଳିତ କରିଥିଲା। ତରବରିଆ ଭାବରେ ସରକାର ଇନପୁଟ ସବସିଡି ଘୋଷଣା କରିଛନ୍ତି, ଯାହା ପ୍ରଚାର ସର୍ବସ୍ୱ ସରକାରର ଆଉ ଏକ ମିଛ ପ୍ରହେଳିକାର ପୁନରାବୃତି କରିବା ଭଳି ମନେହେଉଛି । ପାଖାପାଖି ୨ ବର୍ଷ ମଧ୍ୟରେ କ୍ଷୟକ୍ଷତି ହୋଇଥିବା ଚାଷ ଜମି ଓ ଚାଷୀଙ୍କ ବିଷୟରେ ରାଜ୍ୟ ସରକାର ମରୁଡି ରିପୋର୍ଟ ପ୍ରକାଶ କରିନାହାନ୍ତି । ଓଡ଼ିଶାରେ ମରୁଡିରେ କେତେ ଚାଷୀ ପ୍ରଭାବିତ ହୋଇଛନ୍ତି, ସରକାର ଏହି ତଥ୍ୟ ସାମ୍ନାକୁ ଆଣିନାହାନ୍ତି, ଯାହା ଚାଷୀ ଭାଇଙ୍କ ମନରେ ସନ୍ଦେହ ସୃଷ୍ଟି କରିଛି ।

## ସରିଲା ବିଏଡ୍ ନାମଲେଖା : ଦିବ୍ୟାଙ୍ଗଙ୍କ ଲାଗି ୫% ସଂରକ୍ଷଣ

ଭୁବନେଶ୍ୱର ,୧୬/୧୧ (ନି.ପ୍ର): ସରକାରୀ କଲେଜରେ ବିଏଡ୍ ନାମଲେଖା ଶେଷ ହୋଇଛି । ୪ ମାସ ଧରି ଜାରି ରହିଥିବା ଅନିଶ୍ଚିତତା ଦୂର ହୋଇଛି । ୨୦୨୨-୨୪ ଶିକ୍ଷା ବର୍ଷରେ ରାଜ୍ୟର ୧୯ଟି ବିଏଡ୍ କଲେଜର ୯୫୦ ବିଏଡ୍ ସିଟ୍ ସମେତ କଟକସ୍ଥିତ ସରକାରୀ ହିନ୍ଦୀ ଶିକ୍ଷକ ତାଲିମ ଅନୁଷ୍ଠାନର ୫୦ଟି ବିଏଚ୍ଏଡ୍ ସିଟ୍‌ରେ ନାମଲେଖା ଅନୁଷ୍ଠିତ ହୋଇଛି । ୧୪ ଓ ୧୫ ତାରିଖ ଦୁଇଦିନ ଧରି ଅନୁଷ୍ଠିତ ନାମଲେଖା ପ୍ରକ୍ରିୟାରେ ବହୁ ସିଟ୍ ପୂରଣ ହୋଇଥିବା ଜଣାପଡ଼ିଛି । କେତେ ସଂଖ୍ୟକ ସିଟ୍ ଖାଲି ପଡ଼ିଛି, ସେନେଇ ଉଚ୍ଚଶିକ୍ଷା ବିଭାଗ କିମ୍ବା ସାମ୍ସ ପକ୍ଷରୁ କୌଣସି ସୂଚନା ଦିଆଯାଇନାହିଁ । ଏପରିକି ଖାଲି ସିଟ୍ ତଥ୍ୟ କେବେ ପ୍ରକାଶ କରାଯିବ, ସେନେଇ ତାରିଖ ଧାର୍ଯ୍ୟ ହୋଇ ନ ଥିବାରୁ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଶଙ୍କା ପ୍ରକାଶ ପାଇଛି । ଲଗାତାର ଖବର ପ୍ରକାଶ ପରେ ନଭେମ୍ବର ପହିଲାରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସ୍ଥଗିତ ରହିଥିବା ନାମଲେଖା ପ୍ରକ୍ରିୟାକୁ ପୁଣିଥରେ ଆରମ୍ଭ କରାଯାଇଥିଲା । ପୂର୍ବରୁ ପ୍ରକାଶ ପାଇଥିବା ମେଧା ତାଲିକାକୁ ବାତିଲ୍ କରାଯିବା ସହ ନୂତନ ତାଲିକା ପ୍ରକାଶ ପାଇଥିଲା । ସେହି ଅନୁଯାୟୀ ସାମ୍ସ ପକ୍ଷରୁ ଗତ ୭ ତାରିଖରେ ବିଜ୍ଞପ୍ତି ପ୍ରକାଶ ସହ ରାଜ୍ୟସ୍ତରୀୟ ମେଧା ତାଲିକା ପ୍ରକାଶ କରାଯାଇଥିଲା । ଯେଉଁଥିରେ ମୋଟ ସିଟ୍‌ର ୫% ଅର୍ଥାତ୍ ୪୮ଟି ଦିବ୍ୟାଙ୍ଗ ଛାତ୍ରଛାତ୍ରୀଙ୍କ ଲାଗି ମଧ ସଂରକ୍ଷିତ ଥିଲା । ସାଧାରଣ ବର୍ଗଙ୍କ ଲାଗି ୫୦% ସିଟ୍ ରହିଥିବା ବେଳେ ଅନୁସୂଚିତ ଜାତି(ଏସ୍‌ସି) ବର୍ଗଙ୍କ ଲାଗି ୧୬.୨୫%, ଅନୁସୂଚିତ ଜନଜାତି(ଏସ୍‌ଟି) ବର୍ଗଙ୍କ ପାଇଁ ୨୨.୫% ଓ ଏସ୍ଇବିସି ବର୍ଗଙ୍କ ପାଇଁ ୧୧.୨୫% ସିଟ୍ ସଂରକ୍ଷିତ ରହିଛି । ଏହାବାଦ୍ ଏକ୍ସ-ସର୍ଭିସ୍ ମ୍ୟାନ୍‌ଙ୍କ ପାଇଁ ୯ଟି ସିଟ୍ ରହିଥିଲା । ମେଧା ତାଲିକା ଓ ପ୍ରାର୍ଥୀଙ୍କ ଚଏସ୍ ଅନୁଯାୟୀ ବିଭିନ୍ନ କଲେଜରେ ସିଟ୍ ଆଲଟ୍‌ମେଣ୍ଟ ହୋଇଥିଲା । ୮ ତାରିଖରେ ଇନ୍‌ଟିମେଟ ଲେଟର ଜାରି ସହ ୧୪ ଓ ୧୫ ତାରିଖରେ ପ୍ରାର୍ଥୀମାନଙ୍କୁ ସମ୍ପୃକ୍ତ କଲେଜରେ ରିପୋର୍ଟିଂ ଓ ନାମ ଲେଖାଇବାକୁ କୁହାଯାଇଥିଲା । ସେହି ଅନୁଯାୟୀ ପ୍ରାର୍ଥୀମାନେ ନାମ ଲେଖାଇଛନ୍ତି । ସୂଚନାଯୋଗ୍ୟ ଯେ ଚଳିତ ବର୍ଷ ଅନୁଗୁଳର ଏନ୍‌କେସି ସିଟିଇ, ବାଲେଶ୍ୱର ସିଟିଇ, ବଲାଙ୍ଗୀର ସିଟିଇ, କଟକସ୍ଥିତ ଆରଏନ୍ଆଇଏଏସ୍ଇ, ଗଞ୍ଜାମର ବ୍ରହ୍ମପୁରସ୍ଥିତ ଡିପିଆଇଏଏସ୍ଇ, ଭୁବନେଶ୍ୱରର ନଳିନୀ ଦେବୀ ମହିଳା କଲେଜ, ସମ୍ବଲପୁରର ଡ. ପିଏମ୍ ଆଇଏଏସ୍ଇ ସମେତ ସେଲ୍ଫ ଫାଇନାନ୍ସିଂ ମୋଡ୍‌ରେ ବରଗଡ଼ ପଞ୍ଚାୟତ କଲେଜ, ଭଦ୍ରକ ସ୍ୱୟଂଶାସିତ ମହାବିଦ୍ୟାଳୟ, ରାଜେନ୍ଦ୍ର ବିଶ୍ୱବିଦ୍ୟାଳୟ, ଶୈଳବାଳା ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟ, ଖଲ୍ଲିକୋଟ ସ୍ୱୟଂଶାସିତ ମହାବିଦ୍ୟାଳୟ, କଳାହାଣ୍ଡି ବିଶ୍ୱବିଦ୍ୟାଳୟ, କେନ୍ଦୁଝରର ଡିଡି କଲେଜ, ଭୁବନେଶ୍ୱରର ରାଜଧାନୀ କଲେଜ ଓ ବିଜେବି କଲେଜ, ଜୟପୁରର ବିକ୍ରମଦେବ ସ୍ୱୟଂଶାସିତ କଲେଜ, ପୁରୀର ଏସ୍‌ସିଏସ୍ ସ୍ୱୟଂଶାସିତ କଲେଜ ଓ ସୁନ୍ଦରଗଡ଼ ସରକାରୀ କଲେଜର ୫୦ଟି ଲେଖାଏ ବିଏଡ୍ ସିଟ୍‌ରେ ନାମଲେଖା ହେଉଛି ।

# ୧୬୯ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ କମିଟି ବୈଠକ ଅନୁଷ୍ଠିତ

ଭୁବନେଶ୍ୱର ,୧୬/୧୧ (ନି.ପ୍ର): ରାଜ୍ୟର ଆର୍ଥିକ ଅଭିବୃଦ୍ଧି ନିମନ୍ତେ ବ୍ୟାଙ୍କଗୁଡ଼ିକ ସବୁକ୍ଷେତ୍ରକୁ ଋଣ ପ୍ରଦାନ ବୃଦ୍ଧି କରିବାକୁ ଉନ୍ନୟନ କମିଶନର, ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା କୃଷି ଉତ୍ପାଦନ କମିଶନର ପ୍ରଦୀପ କୁମାର ଜେନା ମଙ୍ଗଳବାର ଅନୁଷ୍ଠିତ ୧୬୯ତମ ରାଜ୍ୟସ୍ତରୀୟ ବ୍ୟାଙ୍କର୍ସ ସମିତି ବୈଠକରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି ।

ଉନ୍ନୟନ କମିଶନର ଶ୍ରୀ ଜେନା କହିଲେ ଯେ ଆର୍ଥିକ ଅନ୍ତର୍ଭୁକ୍ତିକରଣ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ । ସବୁ ଅଂଚଳରେ ବ୍ୟାଙ୍କିଂ ସୁବିଧା ଉପଲବ୍ଧ ନଥିବାରୁ ସାଧାରଣ ବ୍ୟାଙ୍କିଂ ସୁବିଧାରୁ କେତେକ ଅଂଚଳର ଜନସାଧାରଣ ବଂଚିତ ହେଉଛନ୍ତି । ରାଜ୍ୟର ଗ୍ରାମାଂଚଳରେ ୪୦ ପ୍ରତିଶତରୁ କମ୍ ଗ୍ରାମପଂଚାୟତରେ ସ୍ଥାୟୀ ବ୍ୟାଙ୍କ ରହିଛି । ଜାତୀୟ ସ୍ତରରେ ଏକ ଲକ୍ଷ ଜନସଂଖ୍ୟାର ୧୮.୧୨ ପ୍ରତିଶତ ସ୍ଥାୟୀ ବ୍ୟାଙ୍କ ଥିବାବେଳେ ଆମ ରାଜ୍ୟରେ ଏହା ୧୩.୦୬ ପ୍ରତିଶତ ରହିଛି । ଏହି ବ୍ୟବଧାନକୁ ଖୁବ୍‌ଶୀଘ୍ର ହ୍ରାସ କରିବା ପାଇଁ ପଦକ୍ଷେପ ନେବାକୁ ଉନ୍ନୟନ କମିଶନର ଶ୍ରୀ ଜେନା ସବୁ ବ୍ୟାଙ୍କଗୁଡ଼ିକର ନିୟନ୍ତ୍ରଣ ମୁଖ୍ୟମାନଙ୍କୁ ପରାମର୍ଶ ଦେଇଥିଲେ । ନଗଦ ଜମା ଅନୁପାତ ପ୍ରତିବ୍ୟାଙ୍କ ପାଇଁ ମୁଖ୍ୟ ସୂଚକ ହୋଇଥିବାବେଳେ ରାଜ୍ୟରେ ପ୍ରତିବ୍ୟାଙ୍କର ନଗଦ ଜମା ଅନୁପାତରେ ଉଲ୍ଲେଖନୀୟ ଉନ୍ନତି ହୋଇ ସେପ୍ଟେମ୍ବର ୩୦ ସୁଦ୍ଧା ୭୬.୮୫ ପ୍ରତିଶତ ହୋଇଛି । କିନ୍ତୁ ବର୍ତମାନ ସୁଦ୍ଧା ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ, ସେଂଟ୍ରାଲ ବ୍ୟାଙ୍କ ଅଫ୍ ଇଣ୍ଡିଆ ଓ ପଞ୍ଜାବ ଏବଂ ସିନ୍ଧ୍ ବ୍ୟାଙ୍କ ନଗଦ ଜମା ଅନୁପାତରେ ଉଲ୍ଲେଖନୀୟ ଉନ୍ନତି କରିପାରିନାହାନ୍ତି । ଆଗାମୀ ଦିନରେ ଏ କ୍ଷେତ୍ରରେ ଅଗ୍ରଗତି ପାଇଁ ଦୃଷ୍ଟି ଦେବାକୁ ସେ ବ୍ୟାଙ୍କମାନଙ୍କୁ କହିଥିଲେ । ୨୦୨୨-୨୩ ଆର୍ଥିକ ବର୍ଷରେ ବ୍ୟାଙ୍କଗୁଡ଼ିକ ବାର୍ଷିକ ଋଣ ଯୋଜନାର ୫୦ ପ୍ରତିଶତ ଲକ୍ଷ୍ୟ ହାସଲ କରିଥିବାବେଳେ ପୂର୍ବବର୍ଷ ଏହା ୩୭.୪୧ ପ୍ରତିଶତ ଥିଲା । ଏହି ଉଲ୍ଲେଖନୀୟ ସଫଳତା ପାଇଁ ଉନ୍ନୟନ କମିଶନର ବ୍ୟାଙ୍କଗୁଡ଼ିକୁ ପ୍ରଶଂସା କରିଥିଲେ । ବାର୍ଷିକ ଋଣ ଯୋଜନା ଲକ୍ଷ୍ୟ ହାସଲରେ ବେସରକାରୀ ବ୍ୟାଙ୍କଗୁଡ଼ିକ ସରକାରୀ ବ୍ୟଙ୍କମାନଙ୍କଠାରୁ ଅଧିକ ସଫଳତା ପାଇଛନ୍ତି । ବ୍ୟାଙ୍କଗୁଡ଼ିକ ଏବଂ ଜିଲ୍ଲାପାଳମାନଙ୍କ ମିଳିତ ଉଦ୍ୟମରେ କୃଷିକ୍ଷେତ୍ରରେ ୫୫.୪୦ ପ୍ରତିଶତ ଲକ୍ଷ୍ୟ ହାସଲ ହୋଇପାରିଛି ବୋଲି ଉନ୍ନୟନ କମିଶନର ଦର୍ଶାଇଥିଲେ ।

ଅର୍ଥ ସଚିବ ବିଶାଲ କୁମାର ଦେବ ବୈଠକରେ ଉପସ୍ଥିତ ରହି ରାଜ୍ୟର ନଗଦ ଜମା ଅନୁପାତ, ବାର୍ଷିକ ଋଣ ଯୋଜନା କ୍ଷେତ୍ରର ଲକ୍ଷ୍ୟ ହାସଲ ଏବଂ କୃଷି ଓ ଆନୁଷଙ୍ଗିକ କ୍ଷେତ୍ର, ଏମ୍ଏସ୍ଏମ୍ଇ କ୍ଷେତ୍ର, ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଋଣ ପ୍ରଦାନର ହାରାହାରି ଋଣ ପରିମାଣକୁ ୨.୭୦ ଲକ୍ଷରୁ ୪ ଲକ୍ଷକୁ ବୃଦ୍ଧି କରିବା ଏବଂ ମିଶନ ଶକ୍ତିକୁ ଅଧିକ ସଶକ୍ତ କରିବା ସମ୍ବନ୍ଧରେ ଆଲୋଚନାରେ ମତ ରଖିଥିଲେ । କୃଷି, ଉଦ୍ୟୋଗ, ସ୍ୱୟଂ ସହାୟକ ଗୋଷ୍ଠୀଙ୍କ ଆର୍ଥିକ ବିକାଶ ଏବଂ ରାଜ୍ୟର ପ୍ରଗତି ପାଇଁ ବ୍ୟାଙ୍କଗୁଡ଼ିକର ସମୟୋଚିତ ଋଣ ପ୍ରଦାନ ଅତ୍ୟନ୍ତ ମହତ୍ୱପୂର୍ଣ୍ଣ ବୋଲି ବୈଠକରେ ମତପ୍ରକାଶ ପାଇଥିଲା । ବୈଠକରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡ.ଅରବିନ୍ଦ କୁମାର ପାଢ଼ୀ, ଏମ୍ଏସ୍ଏମ୍ଇର ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ମତ୍ସ୍ୟ ଓ ପ୍ରାଣୀସଂପଦ ବିକାଶର କମିଶନର ତଥା ଶାସନ ସଚିବ ଏସ୍.କେ. ବଶିଷ୍ଠ, ରିଜର୍ଭ ବ୍ୟାଙ୍କ, ଭୁବନେଶ୍ୱର ଶାଖାର ଆଂଚଳିକ ନିର୍ଦ୍ଦେଶକ ଏଚ୍.ଏନ୍. ପଣ୍ଡା, ଓଡ଼ିଶା ରାଜ୍ୟ ସମବାୟ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଗୋପବନ୍ଧୁ ଶତପଥୀ, ନାବାର୍ଡର ମୁଖ୍ୟ ସାଧାରଣ ପରିଚାଳକ ସି ଉଦୟ ଭାସ୍କର, ଏସ୍‌ବିଆଇର ମୁଖ୍ୟ ସାଧାରଣ ପରିଚାଳକ ଚନ୍ଦର ଶେଖର ଶର୍ମା, ଏସ୍ଏଲ୍‌ବିସିର ଅଧକ୍ଷ ତଥା ୟୁକୋ ବ୍ୟାଙ୍କର ପରିଚାଳନା ନିର୍ଦ୍ଦେଶକ ଏବଂ ମୁଖ୍ୟ କାର୍ଯ୍ୟନିର୍ବାହୀ ସୋମାଶଙ୍କର ପ୍ରସାଦ ପ୍ରମୁଖ ଉପସ୍ଥିତ ରହି ସୁଚିନ୍ତିତ ମତାମତ ରଖିଥିଲେ ।

## ଟ୍ରେନ୍ ଖାଦ୍ୟ ତାଲିକାରେ ଋତୁକାଳୀନ ଖାଦ୍ୟ ଉପରେ ଦିଆଯିବ ପ୍ରାଧାନ୍ୟ

ଭୁବନେଶ୍ୱର ,୧୬/୧୧ (ନି.ପ୍ର): ଟ୍ରେନରେ କ୍ୟାଟରିଙ୍ଗ ସେବାରେ ଉନ୍ନତି ଆଣିବା ପାଇଁ ଏକ ପଦକ୍ଷେପ ଭାବରେ ମେନୁକୁ ଅନ୍ତର୍ଭୁକ୍ତ ଓ ମୂଲ୍ୟାୟନ କରିବା ପାଇଁ ଆଇଆରସିଟିସିରେ ନମନୀୟତା ପ୍ରଦାନ କରିବାକୁ ନିଷ୍ପତି ନିଆଯାଇଛି ଯାହା ଦ୍ୱାରା ଆଂଚଳିକ ରୋଷେଇ/ପାକ ପ୍ରଣାଳୀ, ଋତୁକାଳୀନ ସୁସ୍ୱାଦ ଖାଦ୍ୟ, ପର୍ବ ସମୟରେ ଆବଶ୍ୟକତା, ବିଭିନ୍ନ ଗୋଷ୍ଠୀର ପସନ୍ଦ ଅନୁଯାୟୀ ଖାଦ୍ୟ ସାମଗ୍ରୀ ଅନ୍ତର୍ଭୁକ୍ତ କରାଯାଏ । ଯାତ୍ରୀମାନଙ୍କ ପାଇଁ ଯେପରିକି ମଧୁମେହ ଖାଦ୍ୟ, ଶିଶୁ ଖାଦ୍ୟ, ମିଲେଟ୍ ଆଧାରିତ ସ୍ଥାନୀୟ ଉତ୍ପାଦ ଇତ୍ୟାଦି ସ୍ୱାସ୍ଥ୍ୟ ଉପଯୋଗୀ ଖାଦ୍ୟ ଗୁଡିକର ବିକଳ୍ପ ଅନ୍ତର୍ଭୁକ୍ତ କରାଯାଇପାରିବ । ସେହି ଅନୁଯାୟୀ, ରେଳ ମନ୍ତ୍ରାଳୟ ନିର୍ଦ୍ଧିଷ୍ଟ ସର୍ତରେ ଏହାକୁ ଅନୁମୋଦନ କରିଛି ଯାହା ଦ୍ୱାରା ଖାଦ୍ୟର ଗୁଣବତା ଓ ସ୍ୱଚ୍ଛତା ସହିତ ସ୍ଥାନୀୟ ତଥା ଋତୁକାଳୀନ ଖାଦ୍ୟ ଏବଂ ନିର୍ଦ୍ଧିଷ୍ଟ ବର୍ଗର ଲୋକଙ୍କ ପାଇଁ ଖାଦ୍ୟ ଉପରେ ପ୍ରାଧାନ୍ୟ ଦିଆଯିବ ।

ଯେଉଁ ଟ୍ରେନ ଗୁଡିକରେ ଯାତ୍ରୀ ଭଡା ସହିତ କ୍ୟାଟରିଙ୍ଗ ଦେୟ ଅନ୍ତର୍ଭୁକ୍ତ କରାଯାଇଅଛି ତାହା ପୂର୍ବରୁ ସୂଚିତ ହୋଇଥିବା ଶୁଳ୍କ ମଧ୍ୟରେ ଆଇଆରସିଟିସି ଦ୍ୱାରା ଖାଦ୍ୟ ପଦାର୍ଥ ତାଲିକା ସ୍ଥିର ହେବ । ଏଥିସହ, ଏମଆରପିରେ ଆ-ଲା-କାର୍ଟ ଭୋଜନ ଏବଂ ବ୍ରାଣ୍ଡେଡ୍ ଖାଦ୍ୟ ସାମଗ୍ରୀ ଗୁଡିକର ନିରାପଦ ମଧ ଏହି ପ୍ରି ପେଡ ଟ୍ରେନ ଗୁଡିକରେ ଅନୁମତି ଦିଆଯିବ । ଏହିପରି ଆ-ଲା-କାର୍ଟ ଭୋଜନର ତାଲିକା ଏବଂ ଶୁଳ୍କ ଆଇଆରସିଟିସି ଦ୍ୱାରା ସ୍ଥିର ହେବ ।

ଅନ୍ୟାନ୍ୟ ମେଲ ଏକ୍ସପ୍ରେସ ଟ୍ରେନ ପାଇଁ, ମେନୁ ବଜେଟ୍ ସେଗମେଣ୍ଟ ଆଇଟମ୍ ଗୁଡିକ ଷ୍ଟାଣ୍ଡାର୍ଡ ଭୋଜନ ପରି ଆଇଆରସିଟିସି ଦ୍ୱାରା ସ୍ଥିର ହୋଇସାରିଛି । ଜନତା ଭୋଜନର ମେନୁ ଏବଂ ଶୁଳ୍କ ଅପରିବର୍ତିତ ରହିବ ।

ଏହା ବ୍ୟତୀତ, ମେଲ ଏକ୍ସପ୍ରେସ ଟ୍ରେନ ରେ ଏମଆରପିରେ ଆ-ଲା-କାର୍ଟ ଭୋଜନ ଏବଂ ବ୍ରାଣ୍ଡେଡ ଖାଦ୍ୟ ସାମଗ୍ରୀ ବିକ୍ରୟକୁ ଅନୁମତି ଦିଆଯିବ । ଏହିପରି ଆ-ଲା-କାର୍ଟ ଭୋଜନର ମେନୁ ଏବଂ ଶୁଳ୍କ ମଧ ଆଇଆରସିଟିସି ଦ୍ୱାରା ସ୍ଥିର ହେବ ।

ମେନୁ ସ୍ଥିର କଲାବେଳେ ଆଇଆରସିଟିସି ଖାଦ୍ୟ ଏବଂ ସେବାର ଗୁଣବତା ସହିତ ମାନଦଣ୍ଡର ଉନ୍ନତିକରଣକୁ ନିଶ୍ଚିତ କରିବ ଏବଂ ଯାତ୍ରୀମାନଙ୍କ ଅଭିଯୋଗକୁ ଏଡାଇବା ପାଇଁ ବାରମ୍ବାର ତଥା ଅଯଥା ପରିବର୍ତନର ଯେପରିକି ପରିମାଣ ଏବଂ ଗୁଣବତାରେ ହ୍ରାସ, ନିମ୍ନ ବ୍ରାଣ୍ଡ ଖାଦ୍ୟ ପଦାର୍ଥ ବ୍ୟବହାର ଇତ୍ୟାଦିକୁ ଏଡ଼ାଇବା ପାଇଁ ସୁରକ୍ଷା ବ୍ୟବସ୍ଥା କରାଯିବ । ସେହିଭଳି, ମେନୁ ଶୁଳ୍କ ସହିତ ଅନୁରୂପ ହେବା ଉଚିତ ଏବଂ ଯାତ୍ରୀମାନଙ୍କ ସୂଚନା ପାଇଁ ମେନୁଗୁଡିକ ପୂର୍ବରୁ ସୂଚିତ କରାଯାଇଛି ଏବଂ ପ୍ରଚଳନ ପୂର୍ବରୁ ରେଳବାଇକୁ ପରାମର୍ଶ ଦିଆଯିବ ।

## ଜନଜାତୀୟ ଗୌରବ ଦିବସ ଉଦ୍‌ଘାଟିତ

ଭୁବନେଶ୍ୱର ,୧୬/୧୧ (ନି.ପ୍ର): ଭଗବାନ୍ ବିର୍ସା ମୁଣ୍ଡାଙ୍କ ଜନ୍ମ ଦିବସ ଅବସରରେ ସ୍ଥାନୀୟ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଗବେଷଣା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ (ଏସ୍‌ସିଏସ୍‌ଟି ଆରଟିଆଇ) ପ୍ରେକ୍ଷାଳୟରେ ମଙ୍ଗଳବାର ଜନଜାତୀୟ ଗୌରବ ଦିବସ ଉଦ୍‌ଘାଟିତ ହୋଇଯାଇଛି । ଏହି ସପ୍ତାହବ୍ୟାପୀ ଜନଜାତୀୟ ଗୌରବ ଦିବସ ପାଳନ ଉତ୍ସବକୁ ଓଡ଼ିଶାର ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ, ଆଇନ ମନ୍ତ୍ରୀ ଜଗନ୍ନାଥ ସାରକା ଉଦ୍‌ଘାଟନ କରିଛନ୍ତି ।

ଏହି ଅବସରରେ ସମାଜ ପାଇଁ ଉଲ୍ଲେଖନୀୟ ଅବଦାନ ରଖିଥିବା ଓଡ଼ିଶାର ୭୫ ଜଣ ଜନଜାତି ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ଉତ୍ସବରେ ଉଦ୍‌ବୋଧନ ଦେଇ ମନ୍ତ୍ରୀ ଶ୍ରୀ ସାରକା କହିଲେ ଯେ ଦେଶର ସାଂସ୍କୃତିକ ଐତିହ୍ୟ ସଂରକ୍ଷଣରେ ଜନଜାତି ସଂପ୍ରଦାୟର ମୁଖ୍ୟ ଭୂମିକା ରହିଛି । ବ୍ରିଟିଶ ସରକାରଙ୍କ ବିରୋଧରେ ସ୍ୱାଧୀନତା ପାଇଁ ପ୍ରାୟ ବହୁ ବିଦ୍ରୋହ ଜନଜାତିଙ୍କ ଦ୍ୱାରା ସଂଘଟିତ ହୋଇଛି । ବହୁ ଜନଜାତି ସଂଗ୍ରାମୀ ଶହୀଦ ହୋଇଛନ୍ତି । ଏହି ଅବସରରେ ଏସ୍‌ସି ଏସ୍‌ଟିଆରଟିଆଇର ପୂର୍ବତନ ଉପଦେଷ୍ଟା ତଥା ନିର୍ଦ୍ଦେଶକ ପ୍ରଫେସର (ଡ.) ଅଖିଳ ବିହାରୀ ଓତା ତାଙ୍କର ଭିତି ପ୍ରବନ୍ଧ ଉପସ୍ଥାପନ କରି କହିଲେ ଯେ ବିର୍ସା ମୁଣ୍ଡା ଜନଜାତି ସଂପ୍ରଦାୟର ରୋଲ୍ ମଡେଲ । ସ୍ୱାଧୀନତା ସଂଗ୍ରାମରେ ଜନଜାତି ସଂଗ୍ରାମୀମାନଙ୍କର ଭୂମିକା ଅତୁଳନୀୟ ।

## କେନ୍ଦ୍ର ସରକାରଙ୍କ ପାଖରେ ଅଟକି ରହିଥିଲା ଫସଲ ବୀମା : ସସ୍ମିତ ପାତ୍ର

ଭୁବନେଶ୍ୱର ,୧୬/୧୧ (ନି.ପ୍ର): ବରଗଡ଼ ଜିଲ୍ଲା ବିଶେଷ କରି ପଦ୍ମପୁର ନିର୍ବାଚନ ମଣ୍ଡଳୀର ଚାଷୀଙ୍କୁ ବକେୟା ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ତୁରନ୍ତ ପ୍ରଦାନ ନେଇ କେନ୍ଦ୍ର କୃଷି ମନ୍ତ୍ରୀ ନୋରେନ୍ଦ୍ର ସିଂ ତୋମାର ଆଜି ଯେଉଁ ଟୁଇଟ୍ କରିଛନ୍ତି, ସେଥିରୁ ଗୋଟିଏ କଥା ସ୍ପଷ୍ଟ ହୋଇଯାଇଛି ଯେ, ଏଯାଏ ଏହା କେନ୍ଦ୍ର ସରକାର ହିଁ ଦେଇ ନ ଥିଲେ । ତେଣୁ ଏବେ ଚାଷୀଙ୍କୁ ବୀମା ରାଶି ପ୍ରଦାନ କରିବାକୁ କେନ୍ଦ୍ର କୃଷି ମନ୍ତ୍ରୀ ବୀମା କମ୍ପାନିଗୁଡ଼ିକୁ ନିର୍ଦ୍ଦେଶ ଦେଉଛନ୍ତି । କେନ୍ଦ୍ର କୃଷି ମନ୍ତ୍ରୀଙ୍କ ଟୁଇଟ୍ ର ଜବାବ ଦେଇ ଟୁଇଟରରେ ଏଭଳି ମନ୍ତବ୍ୟ ଦେଇଛନ୍ତି, ବିଜୁ ଜନତା ଦଳର ରାଷ୍ଟ୍ରୀୟ ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ଡ.ସସ୍ମିତ ପାତ୍ର । ଡ.ପାତ୍ର କହିଛନ୍ତି ଯେ ଚଳିତ ବର୍ଷ ଅଗଷ୍ଟ ୨୯ ତାରିଖରେ ମୁଖ୍ୟମନ୍ତ୍ରୀ ଓଡ଼ିଶାର ଚାଷୀମାନଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ପ୍ରଦାନ କରିବାକୁ କେନ୍ଦ୍ର କୃଷି ମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ । ନଭେମ୍ବର ୭ ତାରିଖ ଦିନ ବୈଷୟିକ ପରାମର୍ଶଦାତା କମିଟି ଏ ନେଇ ନିର୍ଦ୍ଦେଶନାମା ଜାରି କରିଥିଲେ । ଏହାର ଦୁଇ ଦିନ ପରେ ନଭେମ୍ବର ୯ ତାରିଖ ଦିନ ଓଡ଼ିଶାର ସମବାୟ ମନ୍ତ୍ରୀ କେନ୍ଦ୍ର କୃଷିମନ୍ତ୍ରୀଙ୍କୁ ସାକ୍ଷାତ କରି ତୁରନ୍ତ ରାଜ୍ୟର ବଂଚିତ ଚାଷୀଙ୍କୁ ପ୍ରଧାନମନ୍ତ୍ରୀ ଫସଲ ବୀମା ରାଶି ପ୍ରଦାନ କରିବାକୁ ଅନୁରୋଧ କରିଥିଲେ । ଏହି ବୀମା ରାଶି ପ୍ରଦାନ ପାଇଁ କେନ୍ଦ୍ର ନିର୍ଦ୍ଦେଶ ଦେବା ପେର ଏହା ପ୍ରଦାନ କରିବା ବୀମାକମ୍ପାନିଗୁଡ଼ିକର କାମ । ଏଥିରେ ରାଜ୍ୟ ସରକୋରଙ୍କର କୌଣସି ଭୂମିକା ନାହିଁ । ଯଦି କେନ୍ଦ୍ର ସରକାର ପୂର୍ବରୁ ଏହି ନିଷ୍ପତି ନେଇଥାନ୍ତେ, ତେବେ ବରଗଡ଼ ଜିଲ୍ଲା ଏବଂ ପଦ୍ମପୁର ନିର୍ବାଚନ ମଣ୍ଡଳୀର ହଜାର ହଜାର ଚାଷୀଙ୍କୁ ଏତେ ଦିନ ଧରି ଦୁର୍ଦ୍ଦଶାରେ କାଳ କାଟିବାକୁ ପଡ଼ି ନ ଥାନ୍ତା ।

## ବିମଳେନ୍ଦୁ ମହାନ୍ତିଙ୍କ ପୁସ୍ତକ 'ଧଉଳି : ପାଷ୍ଟ୍ ଆଣ୍ଡ ପ୍ରେଜେଣ୍ଟ୍' ଉନ୍ମୋଚିତ

ଭୁବନେଶ୍ୱର ,୧୬/୧୧ (ନି.ପ୍ର): ବିଶିଷ୍ଟ ଗବେଷକ ତଥା ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ବିମଳେନ୍ଦୁ ମହାନ୍ତିଙ୍କ ପୁସ୍ତକ 'ଧଉଳି: ପାଷ୍ଟ୍ ଆଣ୍ଡ ପ୍ରେଜେଣ୍ଟ୍'ର ନୂତନ ସଂସ୍କରଣ 'ସମ୍ବାଦ ଭବନ' ପରିସରରେ ଉନ୍ମୋଚିତ ହୋଇଆଇଛି । 'ଆମ ଓଡ଼ିଶା' ପକ୍ଷରୁ ପ୍ରକାଶିତ ଏହି ପୁସ୍ତକକୁ ଉନ୍ମୋଚନ କରି 'ସମ୍ବାଦ'ର ସଂପାଦକ ସୌମ୍ୟରଂଜନ ପଟ୍ଟନାୟକ କହିଲେ, 'ଅନାହାର, ପିଲାବିକ୍ରି ଆଦି ଘଟଣାକୁ ନେଇ ଓଡ଼ିଶା ଅତୀତରେ ରାଜ୍ୟ ବାହାରେ ଯେତିକି ଚର୍ଚ୍ଚିତ ହୋଇଛି, ଆମର ଐତିହ୍ୟ ଓ ସଂସ୍କୃତିକୁ ନେଇ ସେତିକି ଚର୍ଚ୍ଚିତ ହୋଇନାହିଁ । ଭାରତବର୍ଷର ଦ୍ୱିତୀୟ ବୌଦ୍ଧ ଶାନ୍ତିସ୍ତୂପ ଧଉଳିର ସୁବର୍ଣ୍ଣ ଜୟନ୍ତୀ ଅବସରରେ ପ୍ରକାଶିତ ଇଂରାଜୀ ଭାଷାର ଏହି ପୁସ୍ତକଟି ରାଜ୍ୟ ବାହାରେ ଆମର ସମ୍ମାନ ବୃଦ୍ଧି କରିବାରେ ସହାୟକ ହେବ । ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ନେଇ ଓଡ଼ିଶାରେ ସାଂସ୍କୃତିକ ଆନ୍ଦୋଳନ ଚାଲିଛି । ଠିକ୍ ସେହିପରି ଓଡ଼ିଶାର ବୌଦ୍ଧ ଐତିହ୍ୟକୁ ନେଇ ଅଧିକ ଆଲୋଚନାର ଆବଶ୍ୟକତା ରହିଛି । ଏହି ପୁସ୍ତକଟି ଧର୍ମ, ସଂସ୍କୃତି ଓ ଇତିହାସର ଗବେଷକମାନଙ୍କ ପାଇଁ ଅଧିକ ଗବେଷଣା ନିମନ୍ତେ ପ୍ରେରଣା ହୋଇପାରିବ ।' ସଭା ଆରମ୍ଭରେ ପୁସ୍ତକର ଲେଖକ ଶ୍ରୀ ମହାନ୍ତି ଏହି ପୁସ୍ତକ ରଚନା ସମ୍ପର୍କିତ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ । ସେ କହିଥିଲେ, 'ଧଉଳିର ଇତିହାସକୁ ନେଇ ଓଡ଼ିଶାରେ ଓ ଓଡ଼ିଆ ଭାଷାରେ ଖୁବ୍ କମ୍ ବହି ଲେଖାଯାଇଛି । ଏ ବହିଟି ଇଂରାଜୀ ଭାଷାରେ ଲେଖା ହୋଇଥିବାରୁ ଏହା ଓଡ଼ିଶା ବାହାରେ ଆଦର ପାଇଥିଲା । ଏବେ ଧଉଳି ଶାନ୍ତିସ୍ତୂପର ସୁବର୍ଣ୍ଣ ଜୟନ୍ତୀ ଅବସରରେ ଏହାର ନୂତନ ସଂସ୍କରଣ ହୋଇଥିବାରୁ ଏହା ଓଡ଼ିଶାରେ ଓ ଓଡ଼ିଶା ବାହାରେ ଅଧିକ ଆଦୃତ ହେବ ।' ବିଶିଷ୍ଟ ଭାଷାବିତ୍ ଦେବୀପ୍ରସନ୍ନ ପଟ୍ଟନାୟକ ଉତ୍ସବରେ ଅତିଥି ଭାବରେ ଯୋଗଦେଇ ଏହି ପୁସ୍ତକ ରଚନାରେ ଲେଖକଙ୍କ ନିଷ୍ଠାକୁ ପ୍ରଶଂସା କରିଥିଲେ । 'ପୌରୁଷ'ର ସମ୍ପାଦକ ଅସିତ ମହାନ୍ତି ପୁସ୍ତକ ସଂପର୍କରେ ସବିଶେଷ ସୂଚନା ଦେଇଥିବା ବେଳେ କଥାକାର ଗୌରହରି ଦାସ, ଗବେଷକ ସୁରେନ୍ଦ୍ର ମହାରଣା, ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ର, ପ୍ରବୀର ପଟ୍ଟନାୟକ ଏବଂ ଲେଖକଙ୍କ ପତ୍ନୀ ବେଦବତୀ ମହାନ୍ତି ପ୍ରମୁଖ ଶ୍ରୀ ମହାନ୍ତିଙ୍କ ବ୍ୟକ୍ତିତ୍ୱର ବିଭିନ୍ନ ଦିଗ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ସଭାରେ ମହାବୋଧି ସୋସାଇଟି, ଓଡ଼ିଶା ଶାଖାର ସଂପାଦକ ସୌରେନ୍ଦ୍ର ମହାପାତ୍ର, 'ସମ୍ବାଦ'ର ମୁଖ୍ୟ ମହାପ୍ରବନ୍ଧକ (ବାର୍ତ୍ତା) ଅରବିନ୍ଦ ଦାସ, ଶିକ୍ଷାବିତ୍ ବଦ୍ରିନାଥ ପଟ୍ଟନାୟକ, ବାସ୍ତୁବିତ୍ ମନୋଜ ଲେଙ୍କା ଏବଂ ଲେଖକଙ୍କ ପରିବାରର ସଦସ୍ୟ ଉପସ୍ଥିତ ଥିଲେ ।

## ଚାଷୀ ପ୍ରସଙ୍ଗରେ ବିଜେପି ନାଟକବାଜି କରୁଛି : ବିଜେଡି

ଭୁବନେଶ୍ୱର ,୧୬/୧୧ (ନି.ପ୍ର): ଓଡିଶା ଚାଷୀଙ୍କ ସହ ଜଡିତ ବିଭିନ୍ନ ପ୍ରସଙ୍ଗରେ ରାଜ୍ୟବାସୀ ବିଜେପିର ନାଟକବାଜି, ମିଥ୍ୟା ପ୍ରଚାର ଏବଂ ନକଲି କାରବାରକୁ ଦେଖୁଥିବା କହିଛନ୍ତି ବିଜେଡି ମୁଖପାତ୍ର ଶ୍ରୀମତୀ ଶ୍ରୀମୟୀ ମିଶ୍ର । ଶ୍ରୀମତୀ ମିଶ୍ର କହିଛନ୍ତି ଗତକାଲି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ପଦମପୁରରେ ତାଙ୍କ ଅଭିଭାଷଣରେ ଅଭିଯୋଗ କରିଥିଲେ ଯେ ଓଡ଼ିଶା ସରକାର କାହିଁକି ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା କାର୍ଯ୍ୟକାରୀରେ ବୀମା କମ୍ପାନୀ ଭାବରେ ଏଚଡିଏଫସିକୁ ମନୋନୀତ କରିଛନ୍ତି ? ବୋଧହୁଏ ସେ ଜାଣି ନାହାଁନ୍ତି ଯେ ଉତରପ୍ରଦେଶ, ମଧ୍ୟପ୍ରଦେଶ, ହିମାଚଳ ପ୍ରଦେଶ, କର୍ଣ୍ଣାଟକ, ଆସାମ, ତ୍ରିପୁରା ଏବଂ ମହାରାଷ୍ଟ୍ର ଭଳି ନିଜ ଦଳ-ବିଜେପି ଶାସିତ ରାଜ୍ୟ ମଧ ପ୍ରଧାନ ମନ୍ତ୍ରୀ ଫସଲ ବୀମା ଯୋଜନା ପାଇଁ ଏକ କାର୍ଯ୍ୟକାରୀ କମ୍ପାନୀ ଭାବରେ ଏଚଡିଏଫସିକୁ ବାଛିଛନ୍ତି । ପିଏମଏଫବିୱାଇ ପାଇଁ ବୀମା ଏଜେନ୍ସିଗୁଡିକ କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଜାତୀୟ ଟେଣ୍ଡର ଜରିଆରେ ମନୋନୀତ ହୋଇଛନ୍ତି ଏବଂ କେନ୍ଦ୍ର ସରକାରଙ୍କ ଦ୍ୱାରା ତାଲିକାଭୁକ୍ତ ହୋଇଛନ୍ତି । ରାଜ୍ୟଗୁଡିକ କେବଳ ତାଲିକାଭୁକ୍ତ ବୀମା କମ୍ପାନୀଗୁଡିକ ମଧ୍ୟରେ ଟେଣ୍ଡର କରିଥାନ୍ତି । ପିଏମବିଏସୱାଇ ହେଉଛି ଏକ କେନ୍ଦ୍ରୀୟ ଯୋଜନା । ଯଦି କେନ୍ଦ୍ର ମନ୍ତ୍ରୀଙ୍କର କୃଷକମାନଙ୍କ ପାଇଁ ପ୍ରକୃତ ଚିନ୍ତା ଅଛି ତେବେ ସେ ମିଥ୍ୟା ପ୍ରଚାର କରିବା ପରିବର୍ତେ ଓଡିଶାର କୃଷକମାନଙ୍କୁ ନ୍ୟାୟ ଦେବାପାଇଁ ତାଙ୍କ ସହଯୋଗୀ କେନ୍ଦ୍ର କୃଷି ମନ୍ତ୍ରୀଙ୍କ ସହ କଥା ହେବା ଉଚିତ । ବାସ୍ତବରେ ଆମର ମାନ୍ୟବର ମୁଖ୍ୟମନ୍ତ୍ରୀ ଏବଂ ମନ୍ତ୍ରୀ ବାରମ୍ବାର କେନ୍ଦ୍ର ସରକାରଙ୍କ ନିକଟରେ ଏହି ପ୍ରସଙ୍ଗ ଉଠାଇ ଆସୁଛନ୍ତି ।

## ରାଜ୍ୟ ଲଜିଷ୍ଟିକ୍ କାର୍ଯ୍ୟ ଯୋଜନାକୁ ରାଜ୍ୟ କ୍ଷମତା ସଂପନ୍ନ କମିଟି ବୈଠକର ଅନୁମୋଦନ

ଭୁବନେଶ୍ୱର ,୧୬/୧୧ (ନି.ପ୍ର): ରାଜ୍ୟରେ ଅଧିକ ଶିଳ୍ପାୟନ ବିକାଶ ଦିଗରେ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପଭାବେ ରାଜ୍ୟ ଲଜିଷ୍ଟିକ୍ କାର୍ଯ୍ୟ ଯୋଜନାକୁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ଷମତା ସଂପନ୍ନ କମିଟି ବୈଠକରେ ଅନୁମୋଦନ ଦିଆଯାଇଛି ।

ରାଜ୍ୟ ଲୋକସେବା ଭବନରୁ ଡ଼ିଜିଟାଲ୍ ମୋର୍ଡରେ ଅନୁଷ୍ଠିତ ଏହି ବୈଠକରେ ଶିଳ୍ପ ବିଭାଗ ପ୍ରମୁଖ ଶାସନ ସଚିବ ହେମନ୍ତ କୁମାର ଶର୍ମା କହିଥିଲେ ଯେ ପ୍ରକଳ୍ପ ନିର୍ଦ୍ଧାରଣ ନିମନ୍ତେ ସଂପୃକ୍ତ ବିଭାଗମାନଙ୍କରୁ ବରିଷ୍ଠ ବୈଷୟିକ ଅଧିକାରୀ ଏବଂ କଳିଙ୍ଗନଗର, ପାରାଦ୍ୱୀପ, ଝାରସୁଗୁଡା, ଓ ରାୟଗଡା ଶିଳ୍ପାଂଚଳରୁ ଶିଳ୍ପାନୁଷ୍ଠାନ ପ୍ରତିନିଧିମାନଙ୍କୁ ନେଇ ଗୋଟିଏ ବୈଷୟିକ ଟିମ୍ ଗଠନ କରାଯାଇଥିଲା । ଏହି ଟିମ୍ ପ୍ରଥମ ପର୍ଯ୍ୟାୟରେ ପ୍ରାୟ ୭୦୮.୬୭ କୋଟି ଟଙ୍କା ଆକଳନରେ ୧୮ଟି ପ୍ରକଳ୍ପ ସୁପାରିଶ କରିଛନ୍ତି ।

ସୁପାରିଶ ହୋଇଥିବା ଗୁରୁତ୍ୱପୂର୍ଣ୍ଣ ସଡ଼କ ଯୋଗାଯୋଗ, ବାହ୍ୟ ଜଳଯୋଗାଣ ଏବଂ ଭଣ୍ଡାର ଘର ନିର୍ମାଣ ଆଦି ପ୍ରକଳ୍ପକୁ ବୈଠକରେ ଅନୁମୋଦନ କରାଯାଇଥିଲା । ଅନୁମୋଦିତ ପ୍ରକଳ୍ପ ମଧ୍ୟରେ ଇଡକ୍ସୋର ୩୦୨.୯୫ କୋଟି ଟଙ୍କା ଆକଳନରେ ୧୨ ଟି ପ୍ରକଳ୍ପ, ପୂର୍ତ ବିଭାଗର ୩୮୬.୬୪ କୋଟି ଟଙ୍କା ଆକଳନରେ ୪ ଟି ପ୍ରକଳ୍ପ, ଏବଂ ଓଡ଼ିଶା ରାଜ୍ୟ ଓୟାର ହାଉସିଂ ନିଗମର ୧୯.୦୮ ଆକଳନରେ ୨ ଟି ପ୍ରକଳ୍ପ ରହିଛି । ଏହି ପ୍ରକଳ୍ପ ଗୁଡିକ ମୁଖ୍ୟତଃ କଳାହାଣ୍ଡି, ଯାଜପୁର, ମୟୁରଭଞ୍ଜ, ସୁବର୍ଣ୍ଣପୁର, ନବରଙ୍ଗପୁର, ଢେ଼ଙ୍କାନାଳ,ପୁରୀ ଆଦି ଜିଲ୍ଲାସହ ରାଜ୍ୟ ଓୟାର ହାଉସିଂ ନିଗମର ବିଭିନ୍ନ ସ୍ଥାନରେ ନିର୍ମାଣ କରାଯିବ । ପ୍ରକଳ୍ପ ପ୍ରସ୍ତାବ ଗୁଡିକୁ ବିଚାର କରି ମୁଖ୍ୟ ଶାସନ ସଚିବ ଶ୍ରୀ ମହାପାତ୍ର କହିଥିଲେ ଯେ ଏହି ପ୍ରକଳ୍ପଗୁଡିକ ଶିଳ୍ପାୟନ ଭିତ୍ତିଭୂମି ବିକାଶ ନିମନ୍ତେ ଏକାନ୍ତ ଆବଶ୍ୟକ ହୋଇଥିବାରୁ ପୁଞ୍ଜି ନିବେଶ ନିମନ୍ତେ ରାଜ୍ୟ ପାଇଁ ସ୍ୱତନ୍ତ୍ର ସହାୟତା ସ୍କିମ୍‌ର ଅନ୍ତର୍ଭୁକ୍ତ ହୋଇପାରିବ । ଏଥି ନିମନ୍ତେ ଅନୁମୋଦିତ ପ୍ରକଳ୍ପ ଗୁଡିକୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ପ୍ରଧାନ ମନ୍ତ୍ରୀ ଗତି- ଶକ୍ତି ପୋର୍ଟାଲରେ ଅପଲୋଡ୍ କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଥିଲେ ।

## କବି ସଂଗ୍ରାମ ମିଶ୍ରଙ୍କ ଗ୍ରନ୍ଥାବଳୀ ଆଦ୍ୟ ପର୍ବ ରାଜ୍ୟପାଳଙ୍କ ଦ୍ୱାରା ଉନ୍ମୋଚିତ

ଭୁବନେଶ୍ୱର ,୧୬/୧୧ (ନି.ପ୍ର): ଅବସରପ୍ରାପ୍ତ ପ୍ରଶାସକ ତଥା ବିଶିଷ୍ଟ କବି ସଂଗ୍ରାମ ମିଶ୍ରଙ୍କ ଗ୍ରନ୍ଥାବଳୀ 'ଆଦ୍ୟପର୍ବ' ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି । ରାଜଭବନରେ ଗ୍ରନ୍ଥାବଳୀ ଉନ୍ମୋଚନ କରି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ କବି ଶ୍ରୀ ମିଶ୍ରଙ୍କ ସୃଜନ ଯାତ୍ରାର ଭୂୟସୀ ପ୍ରଶଂସା କରିବା ସହ ତାଙ୍କ କବିତା ଅନୁଭୂତି ଓ ଉପଲବ୍ଧିର ସଫଳ ପ୍ରତିଫଳନ ବୋଲି ପ୍ରକାଶ କରିଥିଲେ । ଉନ୍ମୋଚନ ଉତ୍ସବରେ ପ୍ରକାଶକ ତଥା ଲେଖକ କ୍ଷୀରୋଦ ପତି ଉପସ୍ଥିତ ଥିଲେ । କବି ଶ୍ରୀ ମିଶ୍ର ନିଜର ସାହିତ୍ୟ ସାଧନା ସମ୍ପର୍କରେ ରାଜ୍ୟପାଳଙ୍କୁ ଅବଗତ କରାଇଥିଲେ ।

## ଟିଉସନ ଯାଇ ଫେରିଲେନି ଛାତ୍ର



ଖଇରା,୧୬/୧୧ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକ ପଳସା ପଞ୍ଚାୟତ ଅଧୀନ ନଛିପୁର(ଚାରିଘେରିଆ) ଗ୍ରାମର ନିଳକଣ୍ଠ ପାଳକଙ୍କ ପୁଅ ଶୁଭମ ପାଳକ(୧୬) ବୁଧବାର ସକାଳେ ଟିଉସନ ଯାଇ ଘରକୁ ଫେରିନଥିବା ନେଇ ପିତା ନିଳକଣ୍ଠ ଖଇରା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ନବମ ଶ୍ରେଣୀରେ ପଢୁଥିବା ପୁଅ ସକାଳେ ଟିଉସନ ଯାଇ ଆଉ ଘରକୁ ଫେରିନାହିଁ। ସାହିପଡିଶା ବନ୍ଧୁବାନ୍ଧବଙ୍କ ଘରେ ଖୋଜାଖୋଜି ପରେ ମଧ୍ୟ ଖବର ମିଳିନାହିଁ ।

## ମଧ୍ୟାହ୍ନ ଭୋଜନରେ ପିଏମ ମୋଦୀ ଫ୍ରାନ୍ସ ରାଷ୍ଟ୍ରପତିଙ୍କୁ ଭେଟିଛନ୍ତି

ନୂଆଦିଲ୍ଲୀ,୧୬/୧୧ : ବାଲିରେ ଅନୁଷ୍ଠିତ ଜି-୨୦ ଶିଖର ସମ୍ମିଳନୀରେ ମଧ୍ୟାହ୍ନ ଭୋଜନ ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ବୁଧବାର ଫ୍ରାନ୍ସର ରାଷ୍ଟ୍ରପତି ଇମାନୁଏଲ ମାକ୍ରୋନଙ୍କୁ ଭେଟିଥିଲେ । ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଅନୁଯାୟୀ ପ୍ରତିରକ୍ଷା, ବାଣିଜ୍ୟ ଏବଂ ପୁଂଜି ବିନିଯୋଗ ଭଳି ବିଭିନ୍ନ କ୍ଷେତ୍ରରେ ଚାଲିଥିବା ସହଯୋଗର ସମୀକ୍ଷା କରିଛନ୍ତି । ଆର୍ଥିକ ଯୋଗଦାନର ନୂତନ କ୍ଷେତ୍ରରେ ସହଯୋଗକୁ ଆହୁରି ଦୃଢ଼ କରିବାକୁ ସେମାନେ ସ୍ୱାଗତ କରିଥିଲେ । ନେତାମାନେ ପାରସ୍ପରିକ ଆଗ୍ରହର ଆଂଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ମଧ୍ୟ ଆଲୋଚନା କରିଥିଲେ ।

# ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳିତ



ଭଦ୍ରକ, ୧୬/୧୧ (ନି.ପ୍ର): ପୂର୍ବ ପ୍ରସ୍ତୁତି ଅନୁଯାୟୀ ଆଜି ଜିଲ୍ଲା ସଂସ୍କୃତି ଭବନରେ ଭଦ୍ରକ ଜିଲ୍ଲାସ୍ତରୀୟ ଜାତୀୟ ପ୍ରେସ୍ ଦିବସ ପାଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଏହି କର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରାଷ୍ଟ୍ର ଗଠନରେ ସାମ୍ବାଦିକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ବନ୍ଧରେ ଆଲୋକପାତ କରିବା ସହିତ ଜିଲ୍ଲା ପ୍ରଶାସନ ସହିତ ଜିଲ୍ଲାର ସମସ୍ତ ସାମ୍ବାଦିକମାନଙ୍କ ସହଯୋଗର ପ୍ରଶଂସା କରିଥିଲେ । ସୁଶାସନ ଓ ସୁସ୍ଥ ସମାଜ ପାଇଁ ଯାହା ବି ପଦକ୍ଷେପ ନେବାର ଆବଶ୍ୟକତା ଅଛି କି କୌଣସି ଠାରେ କିଛି ବି ଅନିୟମିତତା ଲକ୍ଷ୍ୟ କରୁଛନ୍ତି ଗଣମାଧ୍ୟମ ଜରିଆରେ ହେଉ କି ପ୍ରତ୍ୟକ୍ଷଭାବେ ମଧ୍ୟ ପ୍ରଶାସନକୁ ଜଣାଇ ପାରିବେ ବୋଲି ଜିଲ୍ଲାପାଳ ଉପସ୍ଥିତ ସାମ୍ବାଦିକମାନଙ୍କୁ ଜଣାଇଥିଲେ । ଦିବସ ପାଳନ ନେଇ ସମସ୍ତ ସାମ୍ବାଦିକମାନଙ୍କୁ ଶୁଭେଚ୍ଛା ଓ ଶୁଭକାମନା ଜଣାଇଥିଲେ । ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ଓଡ଼ିଆ ବିଭାଗର ପ୍ରାଧ୍ୟାପକ କ୍ଷୀରୋଦ କୁମାର ସାମଲ ସାହିତ୍ୟ ଓ ସମ୍ବାଦ କିପରି ଓତଃପ୍ରୋତ ଭାବେ ଜଡ଼ିତ ଏବଂ ଉଭୟ କିପରି ସମାଜର ରାଷ୍ଟ୍ରର ହିତ ସାଧନ କରିଥାନ୍ତି ବକ୍ତବ୍ୟ ଆଧାରରେ ପୁଙ୍ଖାନୁପୁଙ୍ଖ ଭାବେ ବୁଝାଇ, ଅବାଧ, ମୁକ୍ତ, ନିରପେକ୍ଷ ସାମ୍ବାଦିକତାର ଆବଶ୍ୟକତା ଓ ଏଥିପାଇଁ ଥିବା ବାଧକ, ସାମ୍ବାଦିକ ସୁରକ୍ଷା ସମସ୍ୟା ଆଦି ସମ୍ବନ୍ଧରେ ମଧ୍ୟ ଉଲ୍ଲେଖ କରିଥିଲେ । ସାମ୍ବାଦିକମାନଙ୍କ ମଧ୍ୟରେ ରାଜେନ୍ଦ୍ର କୁମାର ଜେନା, ଦୁର୍ଗା ଶଙ୍କର ବିଶ୍ୱାଳ, ପ୍ରତାପ କୁମାର ଦାସ, ଗୌରହରି ନାୟକ, ଆର.ବି.ଚାରୁଦତ୍ତ ନାୟକ, ପ୍ରମୋଦ କୁମାର ରାୟ, ରୂପକ ବିହାରୀ ରାୟ,ଦିଲ୍ଲୀପ କୁମାର ଖୁଣ୍ଟିଆ ପ୍ରମୁଖ ଆଲୋଚ୍ୟ ବିଷୟ ସମ୍ବନ୍ଧରେ ବକ୍ତବ୍ୟ ରଖିବା ସହିତ ନିରପେକ୍ଷ ସାମ୍ବାଦିକତା ପାଇଁ ଆବଶ୍ୟକ ପ୍ରଶାସନିକ ସହଯୋଗ, ସାମ୍ବାଦିକ ସୁରକ୍ଷା ଜନିତ ସମସ୍ୟା, ସାମ୍ବାଦିକମାନଙ୍କ ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ସରକାରୀ ସହାୟତା ନେଇ ପଦକ୍ଷେପ ନିଆଯିବାର ଆବଶ୍ୟକତା ସମ୍ବନ୍ଧରେ ଦୃଷ୍ଟି ଆକର୍ଷଣ କରିଥିଲେ । ଅନ୍ୟ ଦିବସ ପାଳନ ଅବସରରେ ସରକାରଙ୍କ ତରଫରୁ ଖବରକାଗଜମାନଙ୍କରେ ଶୁଭେଚ୍ଛା ବାର୍ତ୍ତା ଦିଆଯାଉଥିଲା ଭଳି ଜାତୀୟ ପ୍ରେସ୍ ଦିବସ ପାଳନ ପାଇଁ ସେହିଭଳି ଶୁଭେଚ୍ଛା ବାର୍ତ୍ତା ଦିଆ ନଯିବା ଜାତୀୟ ପ୍ରେସ୍ ଦିବସ ପାଳନ ପ୍ରତି ସରକାରଙ୍କ ଆଭିମୁଖ୍ୟ ଉତ୍ସାହ ଜନକ ଅନୁଭୂତି ହେଉନାହିଁ ବୋଲି ସାମ୍ବାଦିକମାନେ ପ୍ରକାଶ କରିଥିଲେ । ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରମେଶ ଚନ୍ଦ୍ର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ତାଙ୍କ ସଭାପତିତ୍ୱରେ ଏହି ଦିବସ ପାଳନ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ।

# ଖଇରାରେ ଜାତୀୟ ପ୍ରେସ୍ ଦିବସ : ଗୁଣାତ୍ମକ ଖବର ପରିବେଷଣରେ ଜ୍ଞାନ ଆହରଣ ଜରୁରୀ

ଖଇରା,୧୬/୧୧ (ନି.ପ୍ର): ବାଲେଶ୍ୱର ଜିଲ୍ଲା ଖଇରା ସାମ୍ବଦିକ ସଂଘ ଆନୁକୂଲ୍ୟରେ ସାମ୍ବାଦିକ ପ୍ରକୋଷ୍ଠରେ ଜାତୀୟ ପ୍ରେସ ଦିବସ ପାଳିତ ହୋଇ ଯାଇଛି । ସ୍ଥାୟୀ ସଭାପତି ଉତ୍କଳ ବନ୍ଧୁ ପଣ୍ଡାଙ୍କ ପୌରହିତ୍ୟରେ ଆୟୋଜିତ ସଭାରେ ଖଇରା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଉମେଶ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି, ଗୋପାଳପୁର ମହାବିଦ୍ୟାଳୟର ଅଧ୍ୟାପକ ଡଃ ଅଭୟ କୁମାର ମହାନ୍ତି ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଗୁଣାତ୍ମକ ତଥ୍ୟ ଭିତ୍ତିକ ଖବର ପରିବେଷଣ ପାଇଁ ଖବରଦାତା ମାନେ ଜ୍ଞାନ ଆହରଣ କରିବା ଆବଶ୍ୟକ ବୋଲି କହିଥିଲେ । ବରିଷ୍ଠ ଖବରଦାତା କୈଳାସ ଦାସ ଓ ଗୟାଧର ତ୍ରିପାଠୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇ ଖବର ପରିବେଷଣ ପାଇଁ ଗଣମାଧ୍ୟମ ପ୍ରତିନିଧି ମାନେ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ । ସିମୁଳିଆ ଅଞ୍ଚଳରୁ ଆସିଥିବା ବିଶିଷ୍ଟ ଖବରଦାତା ଦେବେନ୍ଦ୍ର କୁମାର ନାୟକ ଓ ସନ୍ତୋଷ କୁମାର ନାୟକ, ସଂଗଠନ ସମ୍ପାଦକ ଛାୟାକାନ୍ତ ମହାନ୍ତି ପ୍ରମୁଖ ବର୍ତ୍ତମାନ ଖବରକାଗଜ ଓ ଚ୍ୟାନେଲ ମାଲିକ ମାନଙ୍କ ଚାପ ସତ୍ୟ ଓ ନିରପେକ୍ଷ ଖବର ପରିବେଷଣରେ ଅନ୍ତରାୟ ହେଉଛି ବୋଲି କହିଥିଲେ । ସଂଘର ଉପସଭାପତି ତପୋଧନ ବାରିକ ମଞ୍ଚ ପରିଚାଳନା କରିଥିବା ବେଳେ ସାଧାରଣ ସମ୍ପାଦକ ବଳରାମ ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ ।

# ଯୁବକଙ୍କ ଅର୍ଦ୍ଧଦଗ୍ଧ ମୃତ ଦେହ ଉଦ୍ଧାର : ହତ୍ୟା ସନ୍ଦେହ

ବସ୍ତା, ୧୬/୧୧ (ନି.ପ୍ର): ବସ୍ତାଥାନା ଅନ୍ତର୍ଗତ ୬୦ ନମ୍ବର ଜାତୀୟ ରାଜପଥ ହଳଦୀପଦା ବାଇପାସ୍ ନିକଟସ୍ଥ ଏକ ପୋଲତଳୁ ଆଜି ଜନୈକ ଅଜଣା ବ୍ୟକ୍ତିଙ୍କ ଗଳିତ ମୃତ ଦେହ ଉଦ୍ଧାର ହୋଇଛି। ମୃତ ଦେହଟି ଅଧା ପୋଡ଼ା ଅବସ୍ଥାରେ ଥିବା ଦେଖିବାକୁ ମିଳିଥିଲା । ପାରିପାର୍ଶ୍ୱିକ ଅବସ୍ଥାରୁ ଯୁବକଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି । ଏହି ପୋଲରେ ବ୍ୟବହୃତ ଏକ ନାଳୁଆ ମୁହଁରେ ଏହି ଅର୍ଦ୍ଧଦଗ୍ଧ ମୃତଦେହ ପଡ଼ିଥିବା ଦେଖି ସ୍ଥାନୀୟ ଲୋକେ ବସ୍ତା ପୋଲିସକୁ ସୂଚନା ଦେଇଥିଲେ । ଖବର ପାଇ ବସ୍ତା ଥାନା ଆଇଆଇସି ବାରିଣି ଦାସ ସଦଳବଳେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। କିଛି ସମୟପରେ ସାଇଣ୍ଟିଫିକ ଟିମ୍ ମଧ୍ୟ ଆସି ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ତେବେ ପାରିପାର୍ଶ୍ୱିକ ଅବସ୍ଥାରୁ ଏହା ଏକ ସୁକଳ୍ପିତ ହତ୍ୟାକାଣ୍ଡ ବୋଲି ଜଣା ପଡୁଛି। ଏହି ହତ୍ୟାକାଣ୍ଡ ଅନ୍ୟତ୍ର ହୋଇଥିବା ବେଳେ ଏଠାରେ ଆଣି ମୃତଦେହକୁ ଫିଙ୍ଗା ଯାଇଥିବା ଅନୁମାନ କରାଯାଉଛି। ମୃତକଙ୍କର କୌଣସି ପରିଚୟ ମିଳିନଥିବା ବେଳେ ସେ ଜଣେ ଯୁବକ ବୋଲି ଅନୁମାନ କରାଯାଉଛି।

## ଖାଦ୍ୟ ନିରାପତ୍ତା ବିଭାଗର ଚଢ଼ଉ

ଭଦ୍ରକ, ୧୬/୧୧ (ନି.ପ୍ର): ରାଣୀତାଳ, ଚରମ୍ପା ଏବଂ ଭଦ୍ରକ ସହରରେ ଖାଦ୍ୟ ନିରାପତ୍ତା ବିଭାଗ ଦ୍ୱାରା ଆଜି ଧରପଗଡ଼ କରାଯାଇଥିଲା । ଏହି ଚଢ଼ଉ ବିଭିନ୍ନ ହୋଟେଲ, ଢ଼ାବା, ବ୍ୟାକରୀ ୟୁନିଟ୍ ମାନଙ୍କରେ କରାଯାଇଥିଲା । ଖାଦ୍ୟ ନିରାପତ୍ତା ଆଇନ୍ ୨୦୦୬ ଅବମାନନାରେ ୧୦ ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିଲା । ଖାଦ୍ୟ ନିରାପତ୍ତା ବିଭାଗର ଡ଼େଜିଗ୍ନେଟେଡ୍ ଅଧିକାରୀ ତଥା ଡ଼ି.ପି.ଏଚ୍.ଓ. ଡ଼ା ଭାରତୀ ରାଉତ, ଜିଲ୍ଲା ଖାଦ୍ୟ ନିରାପତ୍ତା ଅଧିକାରୀ ବିଭୁଦତ୍ତ ଦାସ, ଏମ୍.ଟି.ଏସ୍‌ର ଅଧିକାରୀ ସୁଶାନ୍ତ ନନ୍ଦ ଓ ଅନ୍ୟ କର୍ମଚାରୀମାନଙ୍କୁ ନେଇ ଗଠିତ ଟିମ୍ ଦ୍ୱାରା ଏହି ଚଢ଼ଉ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

## ବସ୍ତାରେ ଜାତୀୟ ପ୍ରେସ ଦିବସ ପାଳିତ

ବସ୍ତା, ୧୬/୧୧ (ନି.ପ୍ର): ବସ୍ତା ପ୍ରେସ କ୍ଲବ ପକ୍ଷରୁ ଜାତୀୟ ପ୍ରେସ ଦିବସ ପାଳିତ ହୋଇଥିଲା ।କ୍ଲବ ସଭାପତି ରାମଚନ୍ଦ୍ର ଦେବଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରେସ ଦିବସ ରେ ଅତିଥି ଭାବେ ବିଶିଷ୍ଟ ସମାଜସେବୀ ଶ୍ୟାମାପ୍ରସାଦ ବେହେରା ଜାତୀୟ ପ୍ରେସ ଦିବସର ତାତ୍ପର୍ଯ୍ୟ ସମ୍ପର୍କରେ କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାମ୍ବାଦିକ ଦୀପକ କୁମାର ପରିଡା, ପୃଥୁନାଥ ମଣ୍ଡଳ, ସେକ ଜଗୁରୁଦ୍ଦିନ, ସେକ ସାବିର, ମିର ଅଲ୍ଲୀ, ଦେବାଶିଷ ସେଠୀ, ଭରତ ଦାସ ପ୍ରମୁଖ ବକ୍ତବ୍ୟ ରଖିଥିଲେ।କାର୍ଯ୍ୟାଳୟ ସମ୍ପାଦକ ସୁଶାନ୍ତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ୨୦୨୩ ଡିସେମ୍ବର ସୁଦ୍ଧା ପଦ୍ମପୁରକୁ ....

ମୁଖ୍ୟମନ୍ତ୍ରୀଙ୍କୁ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀଙ୍କ ଅଧ୍ୟକ୍ଷତାରେ ଭେଟିଥିଲା କ୍ରିୟାନୁଷ୍ଠାନ କମିଟି। ପଦ୍ମପୁରକୁ ଜିଲ୍ଲା ଘୋଷଣା କରିବା ପାଇଁ ଦାବି କରିଥିଲେ । ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଓ ବିଜେଡି ବିଧାୟକ ସୁଶାନ୍ତ ସିଂ କମିଟିକୁ ଭେଟି ମୁଖ୍ୟମନ୍ତ୍ରୀଙ୍କୁ ଭେଟିବା ପାଇଁ ନିମନ୍ତ୍ରଣ ଦେଇଥିଲେ। ସେହି ଅନୁରୋଧ କ୍ରମେ ଆଜି କମିଟିର ସଦସ୍ୟ ମୁଖ୍ୟମନ୍ତ୍ରୀଙ୍କୁ ଭେଟିଥିଲେ। ଏହାକୁ ନେଇ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ କହିଛନ୍ତି ଯେ କ୍ରିୟାନ୍ୱୟନ କମିଟିକୁ ମୁଖ୍ୟମନ୍ତ୍ରୀ ଆଲୋଚନା ପାଇଁ ଆମନ୍ତ୍ରଣ କରିଥିଲେ । ମୁଖ୍ୟମନ୍ତ୍ରୀ ସେମାନଙ୍କ ସହ ସକାରାତ୍ମକ ଆଲୋଚନା କଲେ। ପଦ୍ମପୁର ଉପଖଣ୍ଡକୁ ଜିଲା ଘୋଷଣା କରିବା ପାଇଁ ଆମେ ପ୍ରତିଶୃତିବଦ୍ଧ ।

## ପୌରାଧକ୍ଷାଙ୍କ ରୌଦ୍ରରୂପ....

ମୋବାଇଲ୍ ଟାୱାର ସ୍ଥାପନ ପାଇଁ ୱାର୍ଡବାସୀ ଅନୁରୋଧ କରିଥିଲେ । ଅନୁମତି ପାଇଁ କାଉନସିଲର ମଧ୍ୟ ଦସ୍ତଖତ କରିଥିଲେ । ଏପଟେ ପୌରଧକ୍ଷା କହିଛନ୍ତି, ମୋବାଇଲ୍ ଟାୱାରକୁ ସ୍ଥାନୀୟ ଲୋକ ବିରୋଧ କରୁଥିଲେ । ଫିଲ୍ଡ ଭେରିଫିକସନ୍ ପରେ ଏଠାରେ ମୋବାଇଲ୍ ଟାୱାର କରିବାକୁ ମନା କରାଯାଇଥିଲା । ଏହାସତ୍ତ୍ୱେ ଏନଓସି ଦେଇଥିଲେ ନିର୍ବାହୀ ଅଧିକାରୀ । ଏହାରି ଭିତରେ ନିର୍ବାହୀ ଅଧିକାରୀ ଅଶୋକ ରାଉତଙ୍କୁ ବଦଳି କରାଯାଇଛି । ତେବେ ଭାଇରାଲ ହୋଇଥିବା ଏହି ଭିଡିଓକୁ ନେଇ ଜୋରଦାର ଚର୍ଚ୍ଚା ହେଉଛି ।

## ରାଷ୍ଟ୍ର ଗଠନରେ ଗଣମାଧ୍ୟମର....

ସଭାପତି ଅଭିଭାଷଣରେ ସମ୍ବାଦପତ୍ର ହେଉ ବା ବୈଦ୍ୟୁତିକ ଗଣମାଧ୍ୟମ ହେଉ, ଏହାର ପ୍ରଚ୍ଛଦ ପଟରେ ଦିନରାତି କାମ କରୁଥିବା ଗଣମାଧ୍ୟମ ପ୍ରତିନିଧି ଓ ସମସ୍ତ କର୍ମଚାରୀମାନଙ୍କର ଅବଦାନ ସର୍ବଦା ଗୁରୁତ୍ୱପୂର୍ଣ୍ଣ ବୋଲି ପ୍ରକାଶ କରିବା ସହ ୪ର୍ଥ ସ୍ତମ୍ଭ ମଜବୁତ ହେଲେ ଗଣତନ୍ତ୍ର ଆହୁରି ସୁଦୃଢ଼ ହେବ ବୋଲି ପ୍ରକାଶ କରିଥିଲେ । ଏହି ଦିବସ ପାଳନ ଅବସରରେ ବିଭିନ୍ନ ପ୍ରକାର ସମ୍ବାଦପତ୍ର ସଂଗ୍ରହ କରି ଏହାକୁ ଏକ ନିଶା ଭାବେ ଗ୍ରହଣ କରିଥିବା ଯାଜପୁର ଜିଲ୍ଲା ଅରଙ୍ଗାବାଦ ଗ୍ରାମ ସ୍ଥିତ ଦୋଳଗୋବିନ୍ଦ ନ୍ୟୁଜପେପର ମ୍ୟୁଜିୟମ ଆଣ୍ଡ ରିସର୍ଚ୍ଚ ସେଣ୍ଟରର ପ୍ରତିଷ୍ଠାତା ତଥା ସମ୍ବାଦପତ୍ର ସଂଗ୍ରହରେ ଗିନିସ୍ ୱାର୍ଲଡ୍ ରେକର୍ଡର ଅଧିକାରୀ ଶଶାଙ୍କ ଶେଖର ଦାଶଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ଯୋଜନାର....

କରିବାର ସମୟ। ପାଠ ସହିତ ଖେଳକୁଦ, ନାଚଗୀତ – ସବୁ କ୍ଷେତ୍ରରେ ଉତ୍କର୍ଷ ହାସଲ କରି ନିଜ ପାଇଁ ପରିଚୟ ସୃଷ୍ଟି କରିବାକୁ ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ସମୟ ସହ ତାଳ ଦେଇ ଆଗକୁ ବଢିବାକୁ ହେବ ଓ ପରିବର୍ତ୍ତନକୁ ଗ୍ରହଣ କରିବାକୁ ହେବ। ତୃତୀୟରେ ପିଲାମାନଙ୍କୁ ଦାୟିତ୍ୱବୋଧତା ସଂପର୍କରେ ବୁଝାଇ କହିଥିଲେ ଯେ ତୁମମାନଙ୍କ ଜୀବନ ଗଢିତୋଳିବାରେ ଯେଉଁ ମାନଙ୍କ ଅବଦାନ ରହିଛି, ଯଥା- ଶିକ୍ଷକ, ପରିବାର, ଗୁରୁ ,ନିଜ ଗାଁ ଓ ସ୍କୁଲ – ସେମାନଙ୍କ ପ୍ରତି ନିଜର ଦାୟିତ୍ୱ ଓ ସମ୍ମାନକୁ କେବେ ହେଲେ ଭୁଲ ନାହଁ । ଏହି ଅବସରରେ ମୁଖ୍ୟମନ୍ତ୍ରୀ ବିଭିନ୍ନ କ୍ଷେତ୍ରରେ କୃତୀତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ପ୍ରଦାନ କରିବା ସହିତ ଏକ କଫି ଟେବୁଲ ପୁସ୍ତକ, ମାଗାଜିନ ଓ ମୋ ସ୍କୁଲ ନ୍ୟୁଜ ଲେଟର ଉନ୍ମୋଚନ କରିଥିଲେ ।

## ବରଗଡ ଜିଲ୍ଲାକୁ କେତେ ଟଙ୍କା....

୧୨ ତାରିଖ ରାତିରେ ବିଜେଡି ଏକ ମିଛ ପ୍ରେସ୍ ରିଲିଜ୍ ରେ ପଦ୍ମପୁର ଜିଲ୍ଲା ଗଠନ ଦାବି ପ୍ରତି ପୂର୍ଣ୍ଣ ସମର୍ଥନ ରହିଥିବା ଦର୍ଶାଇଥିଲା। ଯାହାକୁ ତାଙ୍କ ଦଳର ବିଧାୟକ ହିଁ ଖଣ୍ଡନ କରିଥିଲେ। ଶ୍ରୀ ହରିଚନ୍ଦନ କହିଛନ୍ତି, ଆଜି ବୁଦ୍ଧୀଜୀବୀମାନେ ଦଳ ମତ ନିର୍ବିଶେଷରେ ଏହାକୁ ନେଇ ଏକାଠୀ ହେବା ପରେ ବିଜେଡି ସଭାପତି କହୁଛନ୍ତି ନିର୍ବାଚନୀ ଇସ୍ତାହାରରେ ପଦ୍ମପୁରକୁ ଜିଲ୍ଲା ମାନ୍ୟତା ଦେବେ। ମୁଖ୍ୟମନ୍ତ୍ରୀଙ୍କ ଘୋଷଣା ଓ ପ୍ରତିଶ୍ରୁତି ପାଣିର ଗାର ସଦୃଶ ହୋଇଛି ।

# ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ ଦିବସ



ଖୋର୍ଦ୍ଧା,୧୬/୧୧ (ନି.ପ୍ର): ଖୋର୍ଦ୍ଧା ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ ଦିବସ ସକାଳ ୧୦ ଟା ସମୟରେ ଜିଲାପାଳଙ୍କ ସଭା ଗୃହରେ ପାଳନ କରାଯାଇଥିଲା। ଉକ୍ତ ପ୍ରେସ ଡେ, ଖୋର୍ଦ୍ଧା ଜିଲ୍ଲାପାଳ ଶ୍ରୀଯୁକ୍ତ କେ. ସୁଦର୍ଶନ ଚକ୍ରବର୍ତ୍ତୀ ସଭାପତି, ଅତିରିକ୍ତ ଜିଲ୍ଲାପାଳ ଶ୍ରୀଯୁକ୍ତ ମନୋଜ କୁମାର ପାଢୀ ମୁଖ୍ୟ ବକ୍ତା, ଖୋର୍ଦ୍ଧା ବୁଦ୍ଧି ଯିବି ଔତିହାସିକ ଶ୍ରୀଯୁକ୍ତ ନାରାୟେଣ ରାଓ ମୁଖ୍ୟ ଅତିଥି ରୂପେ ମଞ୍ଚାଷୀନ ହୋଇ ଥିଲେ। ଏହି ସଭାକୁ ଖୋର୍ଦ୍ଧା କିଛି ବୁଦ୍ଧିଜୀବୀ ବରିଷ୍ଠ ନାଗରିକ ଶ୍ରୀଯୁକ୍ତ ଭୀମସେନ ପ୍ରଧାନ, ଶ୍ରୀଯୁକ୍ତ ସତ୍ୟବାଦୀ ବଳୀୟାରାସିହିଁ, ଓ ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ହରିଚନ୍ଦନ ଓ ଖୋର୍ଦ୍ଧା ଜିଲ୍ଲା ସମସ୍ତ ସାମ୍ବାଦିକ ପ୍ରିଣ୍ଟ ଓ ବୈଦ୍ୟୁକ ମିଡଆ ଯୋଗ ଦେଇଥିଲେ। ସଭା ପରିଚାଳନା କରିଥିଲେ ଖୋର୍ଦ୍ଧା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଜିତେନ୍ଦ୍ର କୁମାର ଜେନା। ଏହି ମହାଶୟ ଉକ୍ତ ଦିବସ ଉପରେ ସମ୍ୟକ ସୂଚନା ଦେଇଥିଲେ। ପ୍ରଥମେ ଖୋର୍ଦ୍ଧା ଜିଲ୍ଲା ବରିଷ୍ଠ ସାମ୍ବାଦିକ ଶ୍ରୀଯୁକ୍ତ ଈଶ୍ୱର ଚନ୍ଦ୍ର ମଙ୍ଗରାଜ (ପୂର୍ବତନ ସ୍ୱାସ୍ଥ୍ୟ ସେବା, ଶିକ୍ଷା, ଚିକିତ୍ସା ପର୍ଯ୍ୟବେକ୍ଷକ) ତାଙ୍କ ଭାଷଣରେ ସାମ୍ବାଦିକ, ସମ୍ବାଦପତ୍ର ଭାରତ ଓ ଓଡ଼ିଶା ଉପରେ କହିଥିଲେ ।

# ‘ଆୟୁଷ’ ବିଦ୍ୟାଳୟ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ଅନୁଷ୍ଠିତ

ନୀଳଗିରି,୧୬/୧୧ (ନି.ପ୍ର): ଆୟୁଷ ମନ୍ତ୍ରାଳୟ ଓ ରାଜ୍ୟ ସରକାରଙ୍କ ଆୟୁଷ ବିଭାଗ ପକ୍ଷରୁ “ଆୟୁଷ” କାର୍ଯ୍ୟକ୍ରମ ନୀଳଗିରରି ବ୍ଲକରେ ମାଟିଆଳି ଗ୍ରା.ପ.ର ମାଟିଆଳି ସରକାରୀ ହାଇସ୍କୁଲ ପରିସରରେ ଅନୁଷ୍ଠିତ ହୋଇଯାଇଛି । ବାଲେଶ୍ୱର ଜିଲ୍ଲାର ହୋମିଓପାଥିକ ମୁଖ୍ୟ ଡା. ଜୟଶ୍ରୀ ନନ୍ଦ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟ ଅତିଥି ଭାବେ ମାଟିଆଳି ହାଇସ୍କୁଲ ର ପ୍ରଧାନଶିକ୍ଷକ ମାନସ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମକୁ ପରିଚାଳନା କରିଥିବା ବେଳେ ଛାତ୍ରଛାତ୍ରୀମାନଙ୍କୁ ସ୍ୱାସ୍ଥ୍ୟ ବିଷୟରେ ଆଲୋକପାତ କରିଥିଲେ । ଖେଳ ଶିକ୍ଷକ ମନୋଜ ଦେ ଛାତ୍ରଛାତ୍ରୀମାନଙ୍କୁ ଯୋଗାଭ୍ୟାସ କରିଥିଲେ । ଏହି ଅବସରରେ ଡା. ସ୍ୱରୂପ ପଟ୍ଟନାୟକ ଡା. ଅରୁଣାମାଳା ଦାସ, ଡା. ଜାଗୃତି ନାୟକ, ଡା. ସମୀର ଛୋଟରାଇ ବିଦ୍ୟାର୍ଥୀମାନଙ୍କରର ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହ ମାଗଣାରେ ଔଷଧ ବଂଟନ କରିଥିଲେ । ଶେଷରେ ପ୍ରଧାନଶିକ୍ଷକ ମାନସ କୁମାର ପାଣିଗ୍ରାହୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଗଡ଼ଜାତ ମାଟି ନୀଳଗିରିକୁ ପ୍ରଣାମ ଜଣାଉଛି : ମନ୍ତ୍ରୀ ଅଶ୍ୱିନୀ ପାତ୍ର

ନୀଳଗିରି,୧୬/୧୧ (ନି.ପ୍ର): ମିତ୍ରପୁରରେ ଚାଲିଥିବା ଜଗଦ୍ଧାତ୍ରୀ ମହୋତ୍ସବରର ୩ୟ ସନ୍ଧ୍ୟାରେ ଓଡ଼ିଶା ସରକାରଙ୍କ ଅବକାରୀ, କଳା ସଂସ୍କୃତି ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ କରି ୩ୟ ସନ୍ଧ୍ୟାରେ ମହୋତ୍ସବ କାର୍ଯ୍ୟକ୍ରମକୁ ଶୁଭାରମ୍ଭ କରିଥିଲେ । ମାନ୍ୟବର ମନ୍ତ୍ରୀ ଶ୍ରୀଯୁକ୍ତ ପାତ୍ର ନୀଳଗିରରି ମାଟି ସଂଗ୍ରାମର ମାଟି । ନୀଳଗିରି ମାଟି ଗଡ଼ଜାତର ମାଟି ବୋଲି ସର୍ବପ୍ରଥମେ ମାଟିକୁ ପ୍ରଣାମ କରିଥିଲେ । ଏଭଳି ବୀରତ୍ୱ ବାଟିରେ ମା’ଜଗଦ୍ଧାତ୍ରୀଙ୍କ ନାମରେ ଯେଉଁ ମହୋତ୍ସବ ପାଳନ କରାଯାଉଛି, ସେଥିପାଇଁ କର୍ମକର୍ତ୍ତା, ଆୟୋଜକମାନଙ୍କୁ ଧନ୍ୟବାଦ ଦେଇଥିଲେ । ମାନ୍ୟବର ମନ୍ତ୍ରୀ ୰ବନମାଳୀ ଦାସଙ୍କ ଜୀବନ କାହାଣି ଉପରେ ସମ୍ୟକ ସୂଚନା ଦେବା ସହ ତାଙ୍କ ଉଦ୍ଦେଶ୍ୟରେ ଭୂମିଷ୍ଠ ପ୍ରଣାମ କରିଥିଲେ । ମୁଖ୍ୟବକ୍ତା ଭାବେ ନୀଳଗିରି ର ପୂର୍ବତନ ଲୋକପ୍ରିୟ ବିଧାୟକ ଶ୍ରୀଯୁକ୍ତ ପ୍ରଦୀପ୍ତ ପଣ୍ଡା ଯୋଗ ଦେଇ ମହୋତ୍ସବ ହିଁ ସୃଷ୍ଟି କରିଥାଏ ଏକତାର ଭାଇଚାରା, ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତଙ୍କୁ ଗୋଟିଏ ସୂତାରେ ବାନ୍ଧି ରଖିଥାଏ ବୋଲି ନିଜ ବକ୍ତବ୍ୟରେ ଶାଣିତ କରିଥିଲେ । ମିତ୍ରପୁର ଅଂଚଳର ପାଖାପାଖି ୫ ରୁ ୬ ଗୋଟି ପଂଚାୟତର ଲୋକମାନେ ପଥର ଓ ପତର ଉପରେ ନିର୍ଭରଶୀଳ ହୋଇ ଆସୁଥିବା ବେଳେ ଏବେ ଏଠାରେ ଖଣି ଖାଦାନ ସଂପୂର୍ଣ୍ଣ ବନ୍ଦ ରହିବା ଯୋଗୁଁ ଜୀବନ ଜୀବିକା ଉପରେ ପ୍ରତିବନ୍ଧକ ସାଜିଅଛି । ଆଦିବାସୀମାନଙ୍କର ଜୀବନ ଜୀବିକା ଉପରେ ଗୁରୁତ୍ୱ ଦେବା ପାଇଁ ମାନ୍ୟବର ମନ୍ତ୍ରୀକୁ ନିଜ ବକ୍ତ୍ୟରେ ଅନୁରୋଧ କରିଥିଲେ । ସମ୍ମାନୀତ ଅତିଥି ଭାବେ ନୀଳଗିରିର ବିଜେଡି ନେତା ସନ୍ତୋଷ ଖଟୁଆ ମଂଚାସୀନ ରହି ନିରବଚ୍ଛିନ୍ନ ଭାବେ ମହୋତ୍ସବ କମିଟିର ଆୟୋଜକମାନେ ଯେଉଁ ଭଳି ଭାବେ ଅତି ଆଡ଼ମ୍ବର ପୂର୍ଣ୍ଣ ରୂପରେ ପାଳନ କରୁଅଛନ୍ତି, ସେମାନେ ଭୂୟସୀ ପ୍ରଶଂସା କରିବା ସହିତ ସରକାରୀ ସ୍ତରରେ ସହାୟତା ପାଇଁ ମାନ୍ୟବର ମନ୍ତ୍ରୀଙ୍କୁ ଅନୁରୋଧ କରିଥିଲେ । ଅନ୍ୟତମ ସମ୍ମାନୀତ ଅତିଥି ଭାବେ ସମାଜସେବୀ ଅଂଜଳୀ ପଣ୍ଡା ମଂଚାସୀନ ରହି ବିଭିନ୍ନ ଗଳ୍ପ ମାଧ୍ୟମରେ ଯୁବପୀଢ଼ୀଙ୍କୁ ଦିଗ୍‌ଦର୍ଶନ ଦେବା ସହ ମହୋତ୍ସବର ଉନ୍ନତି କାମନା କରିଥିଲେ । ବାଲେଶ୍ୱର ଜିଲ୍ଲା ଯୁବ ବିଜେଡି ସଭାପତି ତାପସ କୁମାର ପରିଡ଼ା ଯୋଗ ଦେଇ ମହୋତ୍ସବ ପାଳନର ଆଭିମୁଖ୍ୟ ବିଷୟରେ ଆଲୋକପାତ କରିବା ସହ ମହୋତ୍ସବ କମିଟିରର ସମସ୍ତ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ । ଜିଲ୍ଲା ପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିବା ବେଳେ କମିଟିର ସଭାପତି କାର୍ତ୍ତିକ ଚନ୍ଦ୍ର ପାତ୍ର, ସଂପାଦକ ବାସୁଦେବ ସାହୁ ମଂଚାସୀନ ଥିଲେ ।

# ଷ୍ଟେଟ୍ ବ୍ୟାଙ୍କ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟରେ ଡିଜିଟାଲ ଜୀବନ ପ୍ରମାଣପତ୍ର ଶିବିର




ଭୁବନେଶ୍ୱର,୧୬/୧୧ (ନି.ପ୍ର): ଭାରତୀୟ ଷ୍ଟେଟ ବ୍ୟାଙ୍କର ଭୁବନେଶ୍ୱରସ୍ଥିତ ମୁଖ୍ୟ କାର୍ଯ୍ୟାଳୟ ଠାରେ ଏକ ଡିଜିଟାଲ ଜୀବନ ପ୍ରମାଣପତ୍ର ପଞ୍ଜିକରଣ ଶିବିର ଆୟୋଜିତ ହୋଇଯାଇଛି । ପେନସନଭୋଗୀଙ୍କ ଦ୍ୱାରା ଜୀବନ ପ୍ରମାଣ ଆପ୍ ଦ୍ୱାରା ଫେସ ଅଥେଣ୍ଟିକେସନ ଟେକ୍ନୋଲୋଜି ବ୍ୟବହାର କରାଯାଇ ଜୀବନ ପ୍ରମାଣପତ୍ର ବା ଲାଇଫ ସାର୍ଟିଫିକେଟ ଦାଖଲ କରାଯାଇଥିଲା । ପେନସନ ଏବଂ ପେନସନଭୋଗୀ କଲ୍ୟାଣ ବିଭାଗ ଏବଂ ଏସବିଆଇ ସିପିପିସି ଭୁବନେଶ୍ୱର ସହଭାଗିତାରେ ଏହି କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଭାରତ ସରକାରଙ୍କ ଅନୁସଚିବ ଶ୍ରୀ ବିଶାଲ କୁମାର, ୟୁଆଇଡିଏଆଇର ଅଧିକାରୀଗଣ, ଭାରତୀୟ ଷ୍ଟେଟ ବ୍ୟାଙ୍କର ଡିଜିଟାଲ ଏବଂ ଟ୍ରାଞ୍ଜାକ୍ସନ ବ୍ୟାଙ୍କିଙ୍ଗ ବିଭାଗ ଡିଜିଏମ ଶ୍ରୀ ଅମରେନ୍ଦ୍ର କୁମାର ଉପସ୍ଥିତ ଥିଲେ । ପେନସନଭୋଗୀଙ୍କୁ ଜୀବନ ପ୍ରମାଣପତ୍ର ଦାଖଲ ସୁବିଧା ପ୍ରଦାନ କରିବା ଲାଗି ଭାରତ ସରକାରଙ୍କ ପକ୍ଷରୁ ଏହି ନୂଆ ପ୍ରୟାସ ଆରମ୍ଭ କରାଯାଇଛି । ପେନସନଭୋଗୀମାନେ ଜୀବନ ପ୍ରମାଣ ପୋର୍ଟାଲ ଜରିଆରେ ଡିଜିଟାଲ ମାଧ୍ୟମରେ ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ । ଫେସ ଅଥେଣ୍ଟିକେସନ ପ୍ରଯୁକ୍ତି ବ୍ୟବହାର କରି ମଧ୍ୟ ପେନସନଭୋଗୀମାନେ ଜୀବନ ପ୍ରମାଣପତ୍ର ଦାଖଲ କରିପାରିବେ । ଏହାଛଡ଼ା ଆଣ୍ଡ୍ରଏଡ୍ ଅପରେଟିଂ ସିଷ୍ଟମ ଥିବା ସ୍ମାର୍ଟ ଫୋନରେ ଜୀବନ ପ୍ରମାଣ ମୋବାଇଲ ଏପ୍ଲିକେସନ ମାଧ୍ୟମରେ ଡିଜିଟାଲ ଲାଇଫ ସାର୍ଟିଫିକେଟ ଦାଖଲ କରାଯାଇପାରିବ । ଉପରୋକ୍ତ ଯୋଜନା ସମ୍ପର୍କରେ ବ୍ୟାପକ ପ୍ରଚାରପ୍ରସାର କରିବା ଲାଗି ଭାରତ ସରକାରଙ୍କ ପେନସନ ଏବଂ ପେନସନଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ କେନ୍ଦ୍ର ସରକାରୀ ପେନସନଭୋଗୀଙ୍କ ପାଇଁ ରାଷ୍ଟ୍ରବ୍ୟାପୀ ଡିଜିଟାଲ ଜୀବନ ପ୍ରମାଣପତ୍ର ପ୍ରୋତ୍ସାହନ ଅଭିଯାନ ଆରମ୍ଭ କରାଯାଇଛି । ପେନସନ ଏବଂ ପେନସନଭୋଗୀ କଲ୍ୟାଣ ବିଭାଗ ପକ୍ଷରୁ ଦେଶର ୩୭ଟି ଏବଂ ଓଡ଼ିଶାର ୩ଟି ସହରରେ ଡିଜିଟାଲ ଲାଇଫ ସାର୍ଟିଫିକେଟ ଦାଖଲ ଶିବିର ଆୟୋଜନ କରାଯାଉଛି । ଭୁବନେଶ୍ୱର, କଟକ ଏବଂ ବାଲେଶ୍ୱର ଠାରେ ଏହି ସଚେତନତା ଶିବିର ଆୟୋଜିତ ହେଉଛି । ବାଲେଶ୍ୱର ଠାରେ ଏହି କାର୍ଯ୍ୟକ୍ରମ ଆସନ୍ତାକାଲି ଆୟୋଜିତ ହେଉଥିବା ବେଳେ କଟକରେ ଆଗାମୀ ୧୯ ତାରିଖରେ ଆୟୋଜିତ ହେଉଛି । ସହଜ ଜୀବନ ଧାରଣକୁ ସୁନିଶ୍ଚିତ କରିବା ଲାଗି ଭାରତ ସରକାର ଏହି ପଦକ୍ଷେପ ଗ୍ରହଣ କରିଛନ୍ତି । ଭୁବନେଶ୍ୱର ଠାରେ ଆୟୋଜିତ ଡିଜିଟାଲ ଜୀବନ ପ୍ରମାଣପତ୍ର ଦାଖଲ ଶିବିରରେ ଭାରତୀୟ ଷ୍ଟେଟବ୍ୟାଙ୍କର ଅଧିକାରୀ ଓ ପେନସନଭୋଗୀମାନେ ଉପସ୍ଥିତ ଥିଲେ ।

# ବାରିପଦାରେ ଜିଲ୍ଲା ସ୍ତରୀୟ ଜାତୀୟ ପ୍ରେସ ଦିବସ ପାଳିତ




ବାରିପଦା, ୧୬/୧୧ (ନି.ପ୍ର): ଆଜି ଅପରାହ୍ନ ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥିତ ଫେସିଲିଟେସନ ସେଣ୍ଟର ଠାରେ ଜାତୀୟ ପ୍ରେସ ଦିବସ -୨୦୨୨ ମୟୁରଭଞ୍ଜ ଜିଲ୍ଲପାଳ ଶ୍ରୀଯୁକ୍ତ ବିନୀତ ଭରଦ୍ୱାଜଙ୍କ ଅଧ୍ୟକ୍ଷତା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ଚଳିତ ବର୍ଷର ଆଲୋଚନା ର ଶୀର୍ଷକ ରାଷ୍ଟ୍ର ନିର୍ମାଣ ରେ ଗଣମାଧ୍ୟମ ର ଭୂମିକା ଉପରେ ଆଲୋଚନା ହୋଇଥିଲା । ଏହି ପରିପ୍ରକ୍ଷୀରେ ଜିଲ୍ଲାପାଳ କହିଥିଲେ ଯେ ସାମ୍ପ୍ରତିକ ପରିସ୍ଥିତି ରେ ଗଣମାଧ୍ୟମ ସମାଜ ରେ ଏକ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ନିର୍ବାହ କରୁଛି । ଏହାର ଅନୁପସ୍ଥିତି ରେ ପ୍ରଗତି ଅସମ୍ଭବ ଗଣତନ୍ତ୍ର ର ଚତୁର୍ଥ ସ୍ତମ୍ଭ କୁହାଯାଉଥିବା ଏହି ସ୍ତମ୍ଭ ପ୍ରକୃତ ରେ ସୁଦୃଢ଼ ସ୍ତମ୍ଭ । କାରଣ ବର୍ତ୍ତମାନ ଗଣ ମାଧ୍ୟମ ର ପରିସର ଯେଉଁଭଳି ବ୍ୟାପକ ହୋଇଛି ସେଥିରେ ସାମ୍ବାଦିକତା କ୍ଷେତ୍ର ରେ ବାହ୍ୟ ଚାପ ଅପେକ୍ଷା ଆତ୍ମ ନିୟନ୍ତ୍ରଣ ର ଅଧିକ ଆବଶ୍ୟକତା ଅଛି ବୋଲି ବ୍ୟକ୍ତ କରିବା ସହ ପ୍ରଶାସନ ସପକ୍ଷରେ ପ୍ରକାଶିତ ସମ୍ବାଦ ଅପେକ୍ଷା ବିପକ୍ଷରେ ପ୍ରକାଶିତ ସମ୍ବାଦ ଉପରେ ବେଶୀ ଗୁରୁତ୍ୱ ଦିଅନ୍ତି ବୋଲି ସ୍ପଷ୍ଟ କରିଥିଲେ। ସେହିପରି ଅତିରିକ୍ତ ଜିଲ୍ଲପାଳ ଶ୍ରୀଯୁକ୍ତ ରୁଦ୍ର ନାରାୟଣ ମହାନ୍ତି କହିଥିଲେ କି ରାଷ୍ଟ୍ର ନିର୍ମାଣ ରେ ସମ୍ବାଦିକତା ର ଭୂମିକା ଅତ୍ୟନ୍ତ ଗୁରୁତ୍ୱ ପୂର୍ଣ୍ଣ । ସେଥିପାଇଁ ଗଣମାଧ୍ୟମ ର ପ୍ରତିନିଧି ମାନେ ଏକ ଜନ ମଙ୍ଗଳ ରାଷ୍ଟ୍ର ରେ ସର୍ବଦା ସତ୍ୟନିଷ୍ଠ ସମ୍ବାଦ ପରିବେଷଣ କରିବା ପାଇଁ ଯତ୍ନବାନ ହେବା ସହିତ ଆମ ଗଣତନ୍ତ୍ର କୁ ସୁଦୃଢ଼ କରି ପ୍ରେସ ର ମର୍ଯ୍ୟାଦାକୁ ଅକ୍ଷୁର୍ଣ୍ଣ ରଖିବା ପାଇଁ ପରାମର୍ଶ ଦେଇଥିଲେ । ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଶ୍ରୀ ଦୌଲତ ଚନ୍ଦ୍ରକାର ତାଙ୍କ ବକ୍ତବ୍ୟ ରେ ଗଣମାଧ୍ୟମ କୁ ପ୍ରଗତି ର ଉତ୍ସ ବୋଲି ଅଭିହିତ କରିଥିଲେ ।

ଗୁରୁବାର, ନଭେମ୍ବର ୧୭, ୨୦୨୨

# ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

## ଧର୍ମେନ୍ଦ୍ର ପ୍ରଧାନଙ୍କ ଚିଠିର କୌଣସି ଭିତ୍ତି ନାହିଁ: ବିଜେଡି

ଭୁବନେଶ୍ୱର,୧୬/୧୧ (ନି.ପ୍ର): ଓଡିଶାର ଲୋକମାନେ ବିଜେପିର ଚାଷୀ ବିରୋଧୀ ମନୋଭାବ ଦେଖୁଛନ୍ତି। ଓଡିଶାର ଚାଷୀଙ୍କ ପ୍ରକୃତ ଫସଲ ବୀମା ପ୍ରାପ୍ୟ ଦୀର୍ଘ ସମୟ ଧରି ଅଟକି ରହିଥିଲା । ଓଡିଶାର ମୁଖ୍ୟମନ୍ତ୍ରୀ ଏବଂ ସମବାୟମନ୍ତ୍ରୀଙ୍କ ନିୟମିତ ଯୋଗାଯୋଗ ସତ୍ୱେ କେନ୍ଦ୍ର ଚାଷୀଙ୍କ ଫସଲ୍ ବୀମା ଅଟକାଇଥିଲେ ବୋଲି କହିଛନ୍ତି ବିଜେଡି ସାଂସଦ ଡକ୍ଟର ସସ୍ମିତ ପାତ୍ର । କେନ୍ଦ୍ରମନ୍ତ୍ରୀ ଶ୍ରୀ ତୋମାରଙ୍କୁ ଧର୍ମେନ୍ଦ୍ର ପ୍ରଧାନଙ୍କ ଚିଠି ଲେଖାର ଜବାବ ଦେଇ ଡକ୍ଟର ପାତ୍ର କହିଛନ୍ତି ଯେ ଚାଷୀଙ୍କ ଚାପ ଏବଂ ଓଡିଶାର ମୁଖ୍ୟମନ୍ତ୍ରୀଙ୍କ ନିରନ୍ତର ଯୋଗାଯୋଗ ପରେ ଫସଲ ବୀମା ଅର୍ଥ ମଞ୍ଜୁର କରାଯାଇଛି । ଓଡିଶାର ଫସଲ ବୀମାକୁ ଅଟକାଇବା ନେଇ ବିଜେପି ପ୍ରତି କୃଷକଙ୍କ କ୍ରୋଧ ଦେଖିବାକୁ ମିଳିଛି।ସେହିପରି ୨୦୧୯ ରେ ବିଜେପି କାଳିଆ ଯୋଜନାକୁ ରୋକିବାକୁ ଚେଷ୍ଟା କରିଥିଲା ଯାହା କୃଷକ ସହାୟତା ପାଇଁ ଥିଲା । ଓଡିଶାର ମୁଖ୍ୟମନ୍ତ୍ରୀ ଭୁବନେଶ୍ୱରର ମୁଖ୍ୟ ନିର୍ବାଚନ ଅଧିକାରୀ କାର୍ଯ୍ୟାଳୟକୁ ଯାଇ ବ୍ୟକ୍ତିଗତ ଭାବେ ଏଥିରେ ହସ୍ତକ୍ଷେପ କରି ଏ ବିଷୟରେ ବୁଝାଇଥିଲେ । ଶେଷରେ ଏହି ଯୋଜନା ସଂକ୍ରାନ୍ତରେ ସ୍ପଷ୍ଟ ହୋଇଥିଲା । ବିଜୁ ଜନତା ଦଳ କୃଷକ ପ୍ରସଙ୍ଗରେ ରାଜନୀତି କରିବାକୁ ବିଶ୍ୱାସ କରେ ନାହିଁ । ରାଜନୀତି କରିବାକୁ ଆହୁରି ଅନେକ ପ୍ରସଙ୍ଗ ଅଛି ବୋଲି ଡକ୍ଟର ପାତ୍ର କହିଛନ୍ତି । ଏହି ଯୋଜନାଟି ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଭାବରେ ନାମିତ ହୋଇଛି । ତେଣୁ ଫସଲ ବୀମା ଅର୍ଥ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାରଙ୍କୁ ପ୍ରଦାନ କରିବାକୁ ପଡିବ । କିନ୍ତୁ ଏତେ ମାସ ଧରି କେନ୍ଦ୍ର ଏହାକୁ ବିଳମ୍ବ କରି ଚାଲିଥିଲା । ତଥାକଥିତ ଏଚଡିଏଫସି କମ୍ପାନୀ କେନ୍ଦ୍ର ଦ୍ୱାରା ତାଲିକାଭୁକ୍ତ ହୋଇଥିଲା । ଯଦି ଏହି କମ୍ପାନୀ ଏତେ ଦୁର୍ନୀତିଗ୍ରସ୍ତ ତେବେ କେନ୍ଦ୍ର କିପରି ଏକ କମ୍ପାନୀକୁ ତାଲିକାଭୁକ୍ତ କଲା ? ଏହି କମ୍ପାନୀ କିପରି ଉତରପ୍ରଦେଶ, ମଧ୍ୟପ୍ରଦେଶ, ହିମାଚଳ ପ୍ରଦେଶ, କର୍ଣ୍ଣାଟକ, ଆସାମ, ତ୍ରିପୁରା ଏବଂ ମହାରାଷ୍ଟ୍ର ଭଳି ବିଜେପି ଶାସିତ ରାଜ୍ୟଗୁଡିକରେ କାର୍ଯ୍ୟ କରୁଛି ବୋଲି ଡକ୍ଟର ପାତ୍ର ପ୍ରଶ୍ନ କରିଛନ୍ତି । ଏକ ସ୍ୱଚ୍ଛ କେନ୍ଦ୍ର ସରକାରୀ କାର୍ଯ୍ୟକ୍ରମ ଚଳାଇବାରେ ସେମାନେ ବିଫଳ ହୋଇଛନ୍ତି କି ନାହିଁ ତାହା ବର୍ତ୍ତମାନ କେନ୍ଦ୍ର ସ୍ୱୀକାର କରିବା ଉଚିତ । ଓଡିଶାର କୃଷକମାନଙ୍କୁ ବିଭ୍ରାନ୍ତ କରିବାକୁ ଚେଷ୍ଟା କରିବାର ଏହା ହେଉଛି ଅନ୍ୟ ଏକ ଉତ୍କୃଷ୍ଟ ଉଦାହରଣ, ଏହା ହେଉଛି ଫସଲ୍ ବୀମା ଦେୟକୁ ଅଟକାଇଥିବା କେନ୍ଦ୍ର ।

## ଚାଷୀଙ୍କ ଇନପୁଟ୍ ସବସିଡିକୁ ବିରୋଧ ବିଜେପିକୁ ମହଙ୍ଗା ହେବ

ଭୁବନେଶ୍ୱର,୧୬/୧୧ (ନି.ପ୍ର): ବିଜେପିର ସାମ୍ବାଦିକ ସମ୍ମିଳନୀ ପୁଣିଥରେ ଓଡିଶା ବିଜେପିର ଚାଷୀ ବିରୋଧୀ ମନୋଭାବକୁ ପଦାରେ ପକାଇଛି । ଚାଷୀମାନେ ଏହାର ଉଚିତ ଜବାବ ଦେବେ ବୋଲି କହିଛନ୍ତି ବିଜେଡି ପ୍ରବକ୍ତା ଗୌତମବୁଦ୍ଧ ଦାସ । ଶ୍ରୀ ଦାସ କହିଛନ୍ତି ଯେ ଯେପରି ସେମାନେ ଚାଷୀଙ୍କ ଫସଲ ବୀମା ଦେୟକୁ ଅଟକାଇ ଥିଲେ, ଏବେ ଏଭଳି ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଇନପୁଟ ସବସିଡି ରୋକିବାକୁ ଚେଷ୍ଟା କରୁଛନ୍ତି, ଯାହା ଗତକାଲି ଓଡିଶାର ଚାଷୀଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ଘୋଷଣା କରାଯାଇଥିଲା । ଓଡିଶାର ଚାଷୀଙ୍କୁ ସହାୟତା କରିବାପାଇଁ ମୁଖ୍ୟମନ୍ତ୍ରୀଙ୍କ ଇନପୁଟ୍ ସବସିଡି ଭଳି ଏକ ମହତ୍ୱପୂର୍ଣ ପଦକ୍ଷେପକୁ ପ୍ରଶଂସା କରିବା ପରିବର୍ତ୍ତେ ବିଜେପି ଏହାକୁ ଚକିତ, ଦୁର୍ଭାଗ୍ୟଜନକ ଏବଂ ଦୁଃଖଦାୟକ ବୋଲି କହିଛି। ବିଜେପି ଏବେ କଟା ଘା'ରେ ଲୁଣ ଛିଂଚୁଛି । ଗୋଟିଏ ହାତରେ ସେମାନେ ଫସଲ ବୀମାକୁ ଅଟକାଉଥିବାବେଳେ ଏବେ ଅନ୍ୟ ହାତରେ ଇନପୁଟ୍ ସବସିଡି ବନ୍ଦ କରିବାକୁ ଚେଷ୍ଟା କରୁଛନ୍ତି । ଏହା ବିଜେପିର ଚାଷୀ ତଥା ଚାଷ ବିରୋଧୀ ନୀତିକୁ ପଦାରେ ପକାଇ ଦେଇଛି । ଓଡିଶାର ଚାଷୀ ବିଶେଷକରି ପଦମପୁରର ଚାଷୀମାନେ ସେମାନଙ୍କର ଫସଲ ବୀମାକୁ ଅଟକାଇଥିବାରୁ ବିଜେପି ଉପରେ ରାଗିଥିଲେ ଏବଂ ବର୍ତ୍ତମାନ ନବୀନ ପଟ୍ଟନାୟକ ସେମାନଙ୍କୁ ଦେଉଥିବା ଇନପୁଟ୍ ସବସିଡିକୁ ସମାଲୋଚନା କରୁଥିବା ବିଜେପିକୁ ଚାଷୀମାନେ ଏହାର ଉଚିତ ଜବାବ ଦେବେ ବୋଲି ଶ୍ରୀ ଦାସ କହିଛନ୍ତି ।

## ବିପ୍ଲବୀ ପ୍ରାଣନାଥଙ୍କ ତ୍ୟାଗ ଓ ସଂଘର୍ଷ ଯୁଗେ ଯୁଗେ ଯୁବ ସମାଜକୁ ଅନୁପ୍ରାଣିତ କରିବ

ଭୁବନେଶ୍ୱର, ୧୬/୧୧ (ନି.ପ୍ର): ବିଶିଷ୍ଟ ସାମ୍ୟବାଦୀ ନେତା, ଶିକ୍ଷା ସଂଗଠକ, ସୁସାହିତ୍ୟିକ, ପୂର୍ବତନ ବିଧାୟକ ବିପ୍ଲବୀ ପ୍ରାଣନାଥ ପଟ୍ଟନାୟକଙ୍କ ୧୧୭ତମ ଜୟନ୍ତୀ ଆଜି ପ୍ରତ୍ୟୁଷରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଭୁବନେଶ୍ୱର ଖାରବେଳନଗରସ୍ଥିତ ତାଙ୍କ ପ୍ରତିମୂର୍ତ୍ତି ସ୍ଥଳୀରେ ଭକ୍ତିମୟ ପରିବେଶରେ ଅନୁଷ୍ଠିତ ହୋଇ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷଙ୍କ ଦ୍ୱାରା ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବକ୍ତାମାନେ ସ୍ୱର୍ଗତ ପ୍ରାଣନାଥ ପଟ୍ଟନାୟକଙ୍କ ସମଗ୍ର ଜୀବନ ତ୍ୟାଗ ଓ ବିପ୍ଳବର ଜୀବନ ଥିଲା । ନିଜେ ଜଣେ ସମାଜ ସଂସ୍କାରକ ଭାବେ ରାଜ୍ୟର ସମାଜ ବ୍ୟବସ୍ଥାରେ ଥିବା କୁସଂସ୍କାର ଦୂରୀକରଣ ପାଇଁ ଉଦ୍ୟମ କରିବା ସହ ସ୍ୱାଧୀନତା ସଂଗ୍ରାମରେ ସାମିଲ୍ ହୋଇ ବହୁବାର କାରାବରଣ କରିଥିଲେ ଓ ଦୀର୍ଘବର୍ଷ କାରାଗାରରେ ରହିବାରେ ସେ ଓଡ଼ିଶାରେ ପ୍ରଥମ ରାଜନୈତିକ ବନ୍ଦୀ ଥିଲେ । ତାଙ୍କ ଉଦ୍ୟମରେ ଜଟଣୀର ପ୍ରାଣନାଥ ହାଇସ୍କୁଲ୍ ଓ ଖୋର୍ଦ୍ଧାର ପ୍ରାଣନାଥ ମହାବିଦ୍ୟାଳୟ ସହ ବହୁଗୁଡ଼ିଏ ଶିକ୍ଷାନୁଷ୍ଠାନ ତାଙ୍କ ପ୍ରତ୍ୟକ୍ଷ ଉଦ୍ୟମରେ ପ୍ରତିଷ୍ଠିତ ହୋଇ ଶିକ୍ଷା ବିକାଶରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିପାରିଥିଲା । ଜଣେ ସାହିତ୍ୟିକ ଭାବରେ ତାଙ୍କର ବିଭିନ୍ନ ଲେଖା ସମାଜରେ ଏକ ନୂତନ ଆଲୋଡନ ସୃଷ୍ଟି କରିଥିଲା । କଂଗ୍ରେସ ଦଳ ପରିତ୍ୟାଗ କରି କମ୍ୟୁନିଷ୍ଟ ଆନ୍ଦୋଳନରେ ସେ ଯୋଗଦେଇ ଏକ ନୂତନ ପରମ୍ପରା ସୃଷ୍ଟି କରିଥିଲେ । ତାଙ୍କ ଜୀବନାଦର୍ଶ ଯୁଗେଯୁଗେ ଯୁବ ଓ ଛାତ୍ର ସମାଜକୁ ଅନୁପ୍ରାଣିତ କରିବ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ । ଏହି କାର୍ଯ୍ୟକ୍ରମରେ ଅଧାପକ ରମେଶ ଚନ୍ଦ୍ର ପାତାଳସିଂହ, ଦିଲ୍ଲୀପ ଦାଶଶର୍ମା, ଗିରିଜା ମହାପାତ୍ର, ସଂଜୟ ପରିଡ଼ା, ଉଇ ଫର ଭୁବନେଶ୍ୱର କର୍ମକର୍ତା ଓ ସଭ୍ୟବୃନ୍ଦ, ମଞ୍ଜରୀଦେବୀ ପବ୍ଲିକ୍ ସ୍କୁଲ୍ ଓ ନର୍ସିଂ କଲେଜର ଛାତ୍ରଛାତ୍ରୀ ଓ କର୍ମକର୍ତା, ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ସଂଗଠନର କର୍ମକର୍ତ୍ତା ଯୋଗଦେଇଥିଲେ ।

## କେରଳ ବିଧାନସଭାର ୫ ଜଣିଆ ସଦସ୍ୟ ମଣ୍ଡଳୀଙ୍କ ବିଧାନସଭା ପରିଦର୍ଶନ

ଭୁବନେଶ୍ୱର, ୧୬/୧୧ (ନି.ପ୍ର): କେରଳ ବିଧାନସଭାର ସରକାରୀ ଭାଷା ସଂପର୍କିତ କମିଟି ବୁଧବାର ଓଡ଼ିଶା ବିଧାନସଭା ପରିଦର୍ଶନ କରି ଓଡ଼ିଶା ବିଧାନସଭା ଏବଂ ସରକାରୀ ସ୍ତରରେ ମାତୃଭାଷାର ବ୍ୟବହାର ବାବଦରେ ବିସ୍ତୃତ ଆଲୋଚନା କରିଛନ୍ତି । ଓଡ଼ିଶା ବିଧାନସଭାର ୫୪ ନମ୍ବର ପ୍ରକୋଷ୍ଠରେ ଆୟୋଜିତ ଏକ ବୈଠକରେ କେରଳ ବିଧାନସଭାର ଏହି ୫ ଜଣିଆ ସଦସ୍ୟ ମଣ୍ଡଳୀଙ୍କୁ ଓଡ଼ିଆ ଭାଷାକୁ ସରକାରୀ ସ୍ତରରେ ବ୍ୟବହାର ପାଇଁ ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଉପରେ ରାଜ୍ୟ ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ସୂଚନା ପ୍ରଦାନ କରିଥିଲେ । ସାଧାରଣ ପ୍ରଶାସନ ବିଭାଗର ସ୍ୱତନ୍ତ୍ର ଶାସନ ସଚିବ ଡ. ହିମାଂଶୁ ଭୂଷଣ ପଣ୍ଡା ଏ ସଂପର୍କିତ ସରକାରୀ ନିର୍ଦ୍ଦେଶାବଳୀ ସଂପର୍କରେ ଆଲୋକପାତ କରିଥିଲେ। ସେହିଭଳି କେରଳ ରାଜ୍ୟ ସରକାରଙ୍କ ପକ୍ଷରୁ ମାଲାୟାଲମ୍ ଭାଷାକୁ ସରକାରୀ ଭାଷା ଭାବେ ବ୍ୟବହାର ନିମନ୍ତେ ନିଆଯାଇଥିବା ପଦକ୍ଷେପ ସଂପର୍କରେ ପ୍ରତିନିଧି ମଣ୍ଡଳୀର ସଦସ୍ୟମାନେ ସୂଚନା ଦେଇଥିଲେ। ପରେ ସଦସ୍ୟ ମଣ୍ଡଳୀ ଓଡ଼ିଶା ବିଧାନସଭା ଗୃହ ଓ ଅନ୍ୟାନ୍ୟ ବିଭାଗ ପରିଦର୍ଶନ କରିଥିଲେ। ଓଡ଼ିଶା ବିଧାନସଭା ପକ୍ଷରୁ ସଚିବ ଦାଶରଥୀ ଶତପଥୀ କମିଟିକୁ ସ୍ୱାଗତ କରିଥିବାବେଳେ ସ୍ୱତନ୍ତ୍ର କର୍ତବ୍ୟରତ ଅଧିକାରୀ ତଥା ନିର୍ଦ୍ଦେଶକ (ଗବେଷଣା) କୃପାସିନ୍ଧୁ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଆଲୋଚନା ଅବସରରେ ଓଡ଼ିଆ ଭାଷା ପ୍ରତିଷ୍ଠାନର କାର୍ଯ୍ୟକ୍ରମ ସଂଯୋଜକ, ବିଧାନସଭାର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ ।

## ଭଂଜପୁର ଜଗଦ୍ଧାତ୍ରୀ ମେଳାରେ ପୁରସ୍କୃତ ହେଲେ କୃତି ପ୍ରତିଯୋଗୀ



ବାରିପଦା,୧୬/୧୧ (ନି.ପ୍ର): ଭଂଜପୁର ଜଗଦ୍ଧାତ୍ରୀ ମେଳଓର ୯ମ ସନ୍ଧ୍ୟାରେ କୁଇଜ ଓ ଗୀତ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀ ମାନଙ୍କୁ ମଂଚରେ ପୁରସ୍କୃତ କରାଯାଇଛି । ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଜିଲ୍ଲାପାଳ ବିନୀତ ଭରଦ୍ୱାଜ କୃତୀ ପ୍ରତିଯୋଗୀ ମାନଙ୍କୁ ପୁରସ୍କୃତ କରିବା ସହ ମେଳାର ଉତରୋତର ଉନ୍ନତି କାମନା କରିଥିଲେ । ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ ଆରକ୍ଷୀ ଅଧିକ୍ଷକ ରିଷିକେଶ ଦ୍ୟାନଦେଓ ଖିଲାରୀ ଶାନ୍ତିଶୃଙ୍ଖଳା ସହ ମେଳାକୁ ପରିଚାଳନା କରୁଥିବାରୁ କମିଟିର ଉଦ୍ୟମକୁ ପ୍ରଶଂସା କରିଥିଲେ । କାର୍ଯ୍ୟକାରୀ କମିଟି ଅଧକ୍ଷ ନଗରପାଳ କୃଷ୍ଣଓନନ୍ଦ ମହାନ୍ତିଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ପୂର୍ବତନ ମନ୍ତ୍ରୀ, ମାନ୍ୟବର ବାଙ୍ଗିରିପୋଷି ବିଧାୟକ ତଥା ପୂଜା କମିଟି ଅଧକ୍ଷ ସୁଦାମ ମାରାଣ୍ଡି, ପୂର୍ବତନ ଉପ ବାଚସ୍ପତି ଓ ମେଳା କମିଟିର ଅଧକ୍ଷ ସାନନ୍ଦ ମାରାଣ୍ଡି, ସାଧାରଣ ସମ୍ପାଦକ ଦର୍ପନାରାୟଣ ପାଲ ପ୍ରମୁଖ ଉପସ୍ଥିତ ରହି କୃତୀ ପ୍ରତିଯୋଗୀ ମାନଙ୍କୁ ଉତ୍ସାହିତ କରିଥିଲେ । ପ୍ରଥମ ସ୍ଥାନ ଅଧିକାର କରିଥିବା ଜୁନିଅର ଗ୍ରୁପ କୁଇଜରେ ଆୟୁଷ ସାମଲ, ସିନିଅରରେ ଦିବ୍ୟ ରଂଜନ ବେହେରା, ସବ ଜୁନିଅର ଗୀତରେ ପ୍ରିୟାଂଶି ହୋତା, ଜୁନିଅରରେ ଧ୍ରୁବଜ୍ୟୋତି କର, ସିନିଅରରେ ମନୀଷା ମହାରଣା ସମେତ ମୋଟ ୧୫ ଜଣଙ୍କୁ ପୁରସ୍କୃତ କରାଯାଇଛି । ଏହି ଅବସରରେ ଜିଲ୍ଲାପାଳ ଓ ଆରକ୍ଷୀ ଅଧିକ୍ଷକଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଥିଲା । ମଂଚରେ ବଂଶୀ ବାଦନ କରି ଦର୍ଶକଙ୍କ ମନ ମୋହିଥିବା ପୂର୍ତ ବିଭାଗ ନିର୍ବାହୀ ଯନ୍ତ୍ରୀ ନନ୍ଦ ଦୁଲାଲ ଘଡେଇଙ୍କୁ ମଧ୍ୟ ସମ୍ମାନିତ କରାଯାଇଛି । ସୋମନାଥ ସିଂହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ଜାତୀୟ ପତାକାକୁ ନୀଳଗିରିରି ବ୍ଲକରେ ଅସମ୍ମାନ

ନୀଳଗିରି,୧୬/୧୧ (ନି.ପ୍ର): ଦୀର୍ଘ ୩ ମାସ ଧରି ନୀଳଗିରି ବ୍ଲକ କାର୍ଯ୍ୟାଳୟ ପରିସରରେ ଥିବା ଏକ ପଣସ ଗଛରେ ଏକ ଜାତୀୟ ପତାକା ବନ୍ଧା ହୋଇଥିବା ନେଇ ଏହା ଜାତୀୟ ପତାକାକୁ ସଂପୂର୍ଣ୍ଣ ରୂପେ ଅବମାନନା କରାଯାଇଥିବାର ଚର୍ଚ୍ଚା ଚାଲିଛି । ପ୍ରତିଦିନ ଶହ ଶହ ନିର୍ବାଚିତ ପ୍ରତିନିଧି, ସାଧାରଣ ଜନତା, ସମସ୍ତ ପଦାଧିକାରୀ ଅଫିସରମାନେ କାର୍ଯ୍ୟାଳୟକୁ ଆସୁଥିବା ବେଳେ ଗଛରେ ବନ୍ଧା ହୋଇଥିବା ଜାତୀୟ ପତାକାକୁ କିପରି କାହାର ନଜରର ପଡୁ ନାହିଁ ତାହା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି । ବ୍ଲକ କାର୍ଯ୍ୟାଳୟକୁ ବାଲେଶ୍ୱର ଜିଲ୍ଲାପାଳ, ପି.ଡି., ଜିଲ୍ଲାର ପ୍ରମୁଖ ଅଧିକାରୀମାନେ ଏଠାକୁ ଆସୁଥିବା ବେଳେ ବ୍ଲକର ବି.ଡି.ଓଙ୍କ ନଜର ଉକ୍ତ ଜାତୀୟ ପତାକା କୁ ଦେଖି ପାରୁ ନାହାନ୍ତି ନା ଦେଖିକି ଜାତୀୟ ପତାକାକୁ ଅସମ୍ମାନ କରୁଛନ୍ତି ତାହା ବୁଦ୍ଧିଜୀବୀ ମହଲରେ ତଦନ୍ତ ପାଇଁ ଦାବୀ ହେଉଛି । ଉକ୍ତ ଘଟଣାକୁ ଜିଲ୍ଲାପାଳ ଦୃଷ୍ଟି ଦେବାକୁ ସାଧାରଣରେ ଦାବୀ ହେଉଛି ।

## ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଧନ୍ୟବାଦ ଜଣାଇଲେ ସମୀର ମହାନ୍ତି

ଭୁବନେଶ୍ୱର, ୧୬/୧୧ (ନି.ପ୍ର): ପ୍ରଧାନମନ୍ତ୍ରୀ ଇଣ୍ଡୋନେସିଆର ବାଲି ଠାରେ ଓଡ଼ିଶାର କଟକ ବାଲିଯାତ୍ରାକୁ ଭୂୟସୀ ପ୍ରଶଂସା କରିଥିଲେ। ଯାହା ଭାରତବାସୀଙ୍କୁ ବିଶେଷ ଭାବରେ ପ୍ରତ୍ୟେକ ଓଡ଼ିଆଙ୍କୁ ଗର୍ବିତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଓଡିଆଙ୍କ ପ୍ରତି ଭଲଭାଇବା ଓ ଓଡିଆଙ୍କୁ ଗୁରୁତ୍ୱ ଦେଉଥିବାରୁ ରାଜ୍ୟ ସଭାପତି ସମୀର ମହାନ୍ତି ଧନ୍ୟବାଦ ଜ୍ଞାପନ କରିଛନ୍ତି। ସୂଚନାଥାଉ କି, ଦେଶ ଦେଶ ମଧ୍ୟରେ ସମ୍ପର୍କ ସୁଦୃଢ଼ କରିବାର ସମସ୍ତ କୌଶଳ ପ୍ରୟୋଗ କରୁଛନ୍ତି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି। ମୋଦି ଇଣ୍ଡୋନେସିଆ ଗସ୍ତରେ ଯାଇ ଓଡିଶାର ଐତିହ୍ୟ ଓ ପରମ୍ପରାର କଥା ବର୍ଣ୍ଣନା କରିଛନ୍ତି। କାର୍ତ୍ତିକ ମାସରେ ଓଡ଼ିଆମାନେ କିପରି ଇତିହାସକକୁ ମନେ ପକାଇ ବୋଇତ ବନ୍ଦାଣ କରନ୍ତି ଏହି କଥା ଇଣ୍ଡୋନେସିଆରେ ମୋଦିଜୀ କହିଥିଲେ। ଓଡିଆ ପୁଅ ବାଲି, ବୋର୍ଣ୍ଣିଓ, ଯାଭା, ସୁମାତ୍ରା ଭଳି ଦ୍ୱିପକୁ ଯାତ୍ରା କରି ଆମ ଦେଶକୁ ସମୃଦ୍ଧ କରୁଥିବା କଥା ଇଣ୍ଡୋନେସିଆର ବାଲି ସହରରେ ଯାଇ ବାଲିଯାତ୍ରା ପ୍ରସଙ୍ଗରେ କହିଥିବାରୁ ଦୁଇ ଦେଶ ମଧ୍ୟରେ ସୁଦୃଢ଼ ସମ୍ପର୍କ ଆଣିବାରେ ସହାୟକ ହେବ। ଏନେଇ ପ୍ରଧାନମନ୍ତ୍ରୀଙ୍କୁ ଶ୍ରୀ ମହାନ୍ତି ଧନ୍ୟବାଦ ଓ କୃତଜ୍ଞତା ଜଣାଇଛନ୍ତି।

## ନାଟ୍ୟକାର ଆନନ୍ଦ ଶଙ୍କର ଦାସଙ୍କୁ ଶ୍ରଦ୍ଧାଞ୍ଜଳି



ବାରିପଦା, ୧୬/୧୧ (ନି.ପ୍ର): ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ ନାଟ୍ୟକାର ସ୍ୱର୍ଗତ ଆନନ୍ଦ ଶଙ୍କର ଦାସଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ ଜିଲ୍ଲାର ଅଗ୍ରଣୀ ଅନୁଷ୍ଠାନ ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚ ତରଫରୁ ମୁର୍ଗାକ୍ଷବାଡି ସ୍ଥିତ ବିଜ୍ଞାନ ଭବନ ପରିସରରେ ବିନମ୍ର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ସ୍ୱର୍ଗତ ଦାସଙ୍କ ପନ୍ଦର ତମ ଶ୍ରାଦ୍ଧବାର୍ଷିକୀ ଅବସରରେ ଉତ୍କଳମଣି ଗୋପବନ୍ଧୁ ଶିକ୍ଷକ ଶିକ୍ଷା ମହାବିଦ୍ୟାଳୟ, ବାରିପଦା ର ସହକାରୀ ପ୍ରଫେସର ଡ଼ଃ ସରୋଜ ନାୟକ, ଜିଲ୍ଲା ବିଜ୍ଞାନ ପରିଦର୍ଶକ ଜ୍ଞାନ ରଞ୍ଜନ ଆଚାର୍ଯ୍ୟ, ଶିକ୍ଷକ ବଳରାମ ମହାନ୍ତ, ମୟୂରଭଞ୍ଜ ସାହିତ୍ୟ ଏକାଡେମୀ ର ପୃଷ୍ଠପୋଷକ ସଦସ୍ୟ କବି ଅମିତାଭ ମିଶ୍ର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଆନନ୍ଦ ଶଙ୍କରଙ୍କ ଲିଖିତ ନାଟକ ଗୁଡିକ ଓଡ଼ିଆ ଜନ ମାନସରେ ଉଜ୍ଜୀବିତ ହୋଇ ରହିଛି ବୋଲି ମତବ୍ୟକ୍ତ କରିଥିଲେ । ତାଙ୍କ ଲିଖିତ କପଟପାଶା, ସମାଧି, ଲୁହା ଶିକୁଳି ପ୍ରଭୃତି ନାଟକ ସଫଳତା ର ଶିଖର ଛୁଇଁଥିଲା । ଆଜିର ଯୁବ ନାଟ୍ୟକାରଙ୍କ ପାଇଁ ସେ ପ୍ରେରଣାର ଉତ୍ସ ବୋଲି ମତ ପ୍ରକାଶ ପାଇଥିଲା ।

## ନୀଳଗିରିରେ ଜାତୀୟ ପ୍ରେସ ଦିବସ ପାଳିତ

ନୀଳଗିରି,୧୬/୧୧ (ନି.ପ୍ର): ପ୍ରତିବର୍ଷ ନଭେମ୍ବର ମାସ ୧୬ ତାରିଖରେ ଜାତୀୟ ପ୍ରେସ ଦିବସ ରୂପେ ପାଳନ କରାଯାଇ ଆସୁଥିବା ବେଳେ ନୀଳଗିରିରେ ଉତ୍କଳ ସାମ୍ବାଦିକ ସଂଘ ପକ୍ଷରୁ ନୀଳଗିରି ହାଟଛକ ସ୍ଥିତ ଜଗନ୍ନାଥ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଅଛି । ନୀଳଗିରି ଶାଖାର ସଂଘ ସଭାପତି ସାମ୍ବାଦିକ ବ୍ରଜ କିଶୋର ପାଣିଙ୍କ ଅଧ୍ୟକ୍ଷତାରେ ହୋଇଥିବା ବେଳେ ଅତିଥିଭାବେ ନୀଳଗିରିର ପୂର୍ବତନ ବିଧାୟକ ଚିତରଂଜନ ଷଡ଼ଙ୍ଗୀ, ବ୍ଲକ ଅଧକ୍ଷା ଶୁଭଲକ୍ଷ୍ମୀ ମାଝୀ, ଏନ.ଏ.ସି. ଅଧକ୍ଷଣ ଅମ୍ବିକା ଦାସ, ମଦନମୋହନ ମାଝୀ, ଉତ୍କଳ ସାମ୍ବାଦିକ ସଂଘର ବାଲେଶ୍ୱର ଜିଲ୍ଲା ସଭାପତି ଲୋକନାଥ ଦଳାଇ ମଂଚାସୀନ ରହି ସାମ୍ବାଦୀକମାନଙ୍କର ଜୀବନ ଜିବିକା, ସାମ୍ବାଦିକମାନଙ୍କର କର୍ତବ୍ୟ ଉପରେ ନିଜ ନିଜର ବକ୍ତବ୍ୟ ରଖିଥିଲେ । ସାମ୍ବାଦିକ ମାନଙ୍କର କଲମମୁନରେ ହିଁ ସମାଜର ଅନେକ ପରିବର୍ତନ ଆସିଥାଏ ବୋଲି ଅତିଥିମାନେ ଦିଗଦର୍ଶନ ଦେଇଥିଲେ। ସମସ୍ତ ଅତିଥିମାନଙ୍କୁ ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଏହି ଅବସରରେ ସାମ୍ବାଦିକ ଅଶେଷ କୁମାର ସ, ବିଜୟ ଲେଙ୍କା, ଜଗନ୍ନାଥ ପାତ୍ର, ପ୍ରଶାନ୍ତ ବିଶ୍ୱାଳ,ଗଣେଶ ଜେନା, ଜଗନ୍ନାଥ ଦାସ, ପ୍ରିୟନାଥ ବେହେରା, ଭଗବାନ ମହଲ, ବିଜୟ ପ୍ରଧାନ, କପିଳ ସାମଲ, ପ୍ରଫୁଲ୍ଲ ମହାନ୍ତି, ବିଶ୍ୱମ୍ବର ଦାସ, ଖଗେନ୍ଦ୍ର ପ୍ରମାଣିକ ସମେତ ସମସ୍ତ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ।

## ଜାତୀୟ ପ୍ରେସ ଦିବସରେ ଜୟଦେବ ଭବନରେ ରାଜ୍ୟସ୍ତରୀୟ ସମ୍ବାଦପତ୍ର ପ୍ରଦର୍ଶନୀ ଅନୁଷ୍ଠିତ

ଭୁବନେଶ୍ୱର, ୧୬/୧୧ (ନି.ପ୍ର): ରାଜ୍ୟ ସୂଚନା ଓ ଲୋକ ସଂପର୍କ ବିଭାଗ ତରଫରୁ ବୁଧବାର ଜାତୀୟ ପ୍ରେସ୍ ଦିବସ ପାଳନ ଅବସରରେ ସ୍ଥାନୀୟ ଜୟଦେବ ଭବନଠାରେ ଏକ ସମ୍ବାଦପତ୍ର ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀକୁ ରାଜ୍ୟ ଗ୍ରାମ୍ୟ ଉନ୍ନୟନ, ସୂଚନା ଓ ଲୋକ ସମ୍ପର୍କ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉଦ୍ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଭାଗର ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀ ଏବଂ ଓଡିଶା ପର୍ଯ୍ୟଟନ ଉନ୍ନୟନ ନିଗମର ଅଧକ୍ଷ ଡ. ଲେନିନ୍ ମହାନ୍ତି ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ । ପ୍ରଦର୍ଶନୀ ଉଦଘାଟନ ଓ ଏହାକୁ ପରିଦର୍ଶନ କରି ପ୍ରମୁଖ ଶାସନ ଶ୍ରୀ ସିଂ କହିଲେ ଯେ, ଏହି ପ୍ରଦର୍ଶନୀରେ ବହୁ ପୁରାତନ ତଥା ବିରଳ ସମ୍ବାଦପତ୍ରଗୁଡିକ ସ୍ଥାନ ପାଇଛି, ଯାହାର ଭବିଷ୍ୟତରେ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏହାର ସଂରକ୍ଷଣକରିବା ପାଇଁ ଡିଜିଟାଇଜେସନ ଆବଶ୍ୟକ । ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ପ୍ରମୁଖ ଶାସନ ଶ୍ରୀ ସିଂ ନିର୍ଦ୍ଦେଶ ଦେଇଥିଲେ । ଏଥି ସହିତ ପ୍ରଦର୍ଶନୀରେ ସ୍ଥାନିତ ସମ୍ବାଦପତ୍ର ଓ ପତ୍ରପତ୍ରିକା ଅତ୍ୟନ୍ତ ଆକର୍ଷଣୀୟ ଓ ସୂଚନା ଧର୍ମୀ ହୋଇଥିବାରୁ ଏହାକୁ ସବୁଦିନ ଯେପରି ଜନସାଧାରଣ ଦେଖିବାର ସୁଯୋଗ ପାଇପାରିବେ, ସେଥିପାଇଁ ଏକ ସ୍ଥାୟୀ ଗ୍ୟାଲେରୀ ବ୍ୟବସ୍ଥା କରିବାକୁ କହିଥିଲେ । ସେହିପରି ଓଡିଶାରେ ସମ୍ବାଦପତ୍ରର କ୍ରମ ବିକାଶ ଉପରେ ଏକ ସୂଚନା ଫଳକ ବ୍ୟବସ୍ଥା କରିବା ଉପରେ ମଧ୍ୟ ଶ୍ରୀ ସିଂ ଗୁରୁତ୍ୱ ଦେଇଥିଲେ ।

## ଖାଦ୍ୟ କମିଶନ୍ ଅଧକ୍ଷଙ୍କ ସମୀକ୍ଷା ବୈଠକ




ଭଦ୍ରକ,୧୬/୧୧ (ନି.ପ୍ର): ଖାଦ୍ୟ କମିଶନ୍ ର ଅଧକ୍ଷ ପ୍ରମୋଦ କୁମାର ମେର୍କାପ୍ ଆଜି ଭଦ୍ରକ ଜିଲ୍ଲା ଗସ୍ତରେ ଆସି ଧାମନଗର ବ୍ଲକ୍‌ର ଗୋଟିଏ ଧାନ କିଣା କେନ୍ଦ୍ର ଓ ଚାନ୍ଦବାଲି ବ୍ଲକ୍‌ର ଗୋଟିଏ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ କରିବା ସହିତ ଅପରାହ୍ନରେ ସଦ୍‌ଭାବନା ସଭାଗୃହରେ ସଂପୃକ୍ତ ବିଭାଗୀୟ କାର୍ଯ୍ୟକ୍ରମ ନେଇ ସମୀକ୍ଷା କରିଥିଲେ । ଖାଦ୍ୟ କମିଶନ୍‌ର ମେମ୍ବର ସେକ୍ରେଟେରୀ ଶିବାନୀ ମହାନ୍ତି, ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ଭଦ୍ରକ ଜିଲ୍ଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରତାପ ପ୍ରିତୀମୟ ଯୋଗଦେଇଥିଲେ । ଅଧକ୍ଷ ଶ୍ରୀଯୁକ୍ତ ମେର୍କାପ୍ ଖାଦ୍ୟ ନିରାପତ୍ତା ଆଇନ୍‌ର ବିଭିନ୍ନ ଧାରା ଅନୁଯାୟୀ ତୃଣମୂଳସ୍ତରରେ କାର୍ଯ୍ୟକାରୀତା ସମ୍ବନ୍ଧରେ ସମୀକ୍ଷା କରିବା ସହିତ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା, ସାମାଜିକ ସୁରକ୍ଷା ଯୋଜନାରେ ଭତ୍ତା ପ୍ରଦାନ, ପୋଷଣ ଅଭିଯାନ, ରେସନ ସାମଗ୍ରୀ ବିତରଣ ଆଦି ସମ୍ବନ୍ଧରେ ତଥ୍ୟ ଭିତ୍ତିକ ସମୀକ୍ଷା କରିଥିଲେ । ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନେ ଏହି ବୈଠକରେ ଉପସ୍ଥିତ ରହି ଅଧକ୍ଷଙ୍କ ନିର୍ଦ୍ଦେଶମତେ ତଥ୍ୟ ଉପସ୍ଥାପନ କରିଥିଲେ। ଧାମନଗର ବ୍ଲକର କୋଠାରସ୍ଥିତ ମା ଶରଦା ଦେବୀ ମହିଳା ସ୍ୱୟଂ ସହାୟିକାଙ୍କ ଦ୍ୱାରା ଧାନ କ୍ରୟ କେନ୍ଦ୍ର ଓ ଚାନ୍ଦବାଲି ଅଞ୍ଚଳର ସରକାରୀ ପ୍ରାଥମିକ ବିଦ୍ୟାଳୟ କୋଇଲେଖା ପରିସରରେ ଥିବା ଅଙ୍ଗନବାଡ଼ି କେନ୍ଦ୍ରକୁ ଗସ୍ତକରି ଅଧକ୍ଷ ଶ୍ରୀଯୁକ୍ତ ମେର୍କାପ୍ ସ୍ଥିତାବସ୍ଥା ତଦାରଖ କରିଥିଲେ । ସମୀକ୍ଷା ବୈଠକରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ ସାମାଜିକ ସୁରକ୍ଷା ଯୋଜନାରେ କେନ୍ଦ୍ରୀୟ ଏନ୍.ଏସ୍.ପି ଯୋଜନାରେ ୫୨,୪୬୯ ଓ ମଧୁବାବୁ ପେନସନ୍ ଯୋଜନାରେ ୮୯୦୦୧ ସମୁଦାୟ ୧,୪୧,୪୭୦ ଜଣ ଭତ୍ତା ପାଉଥିବା ସୂଚନା ଦିଆଯାଇଥିଲା । ଜାତୀୟ ପରିବାର ମଙ୍ଗଳ ଯୋଜନାରେ ୪୫୬ ଜଣ ହିତାଧିକାରୀଙ୍କୁ ୨୦ ହଜାର ଟଙ୍କା ଲେଖାଏଁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ସେହିଭଳି ଡ଼ି.ଏସ୍.ଡ଼ବ୍ଲ୍ୟୁ.ଓ ଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ଅନୁଯାୟୀ ଜିଲ୍ଲାରେ ଥିବା ସମୁଦାୟ ୨୪୩୫ ଅଙ୍ଗନବାଡ଼ି ମଧ୍ୟରୁ ୧୩୭୫ଟି ନିଜସ୍ୱ କୋଠାରେ କାର୍ଯ୍ୟକାରୀ ହେଉଛି ଏବଂ ୨୩୫୭ଟି ଅଙ୍ଗନବାଡ଼ୀରେ କିଚେନ୍ କିମ୍ବା ନ୍ୟୁଟ୍ରି ଗାର୍ଡ଼େନ ଅଛି । ଆଇ.ସି.ଡ଼ି.ଏସ୍. ବିଭାଗ ମାର୍ଗଦର୍ଶିକା ଅନୁପାଳନ ପୂର୍ବକ ଶିଶୁମାନଙ୍କୁ ନିୟମିତ ପରୀକ୍ଷା କରାଯାଇ ଅପପୁଷ୍ଟି ଶିଶୁମାନଙ୍କ ଏନ୍.ଆର୍.ସି.କୁ ରେଫର୍ କରାଯାଉଛି । ସେହିପରି ମଧ୍ୟାହ୍ନ ଭୋଜନ ଯୋଜନାରେ ଜିଲ୍ଲାରେ ୭ଟି ବ୍ଲକ୍ ଓ ୨ଟି ମ୍ୟୁନିସିପାଲିଟିର ସମୁଦାୟ ୧୬୭୪ଟି ସ୍କୁଲର ୧,୭୧,୦୩୭ ପିଲାଙ୍କୁ ମଧ୍ୟାହ୍ନ ଭୋଜନ ଦିଆଯାଇଛି । ୧-୧୦-୨୨ ରୁ ପ୍ରଥମରୁ ୫ମ ପିଲାଙ୍କ ପାଇଁ ଟ. ୫.୯୦ପ ଓ ଅପର ପ୍ରାଇମେରୀ ୬ଷ୍ଠ ରୁ ୮ ପିଲାଙ୍କ ପାଇଁ ଟ. ୮.୮୨ପ ମଧ୍ୟାହ୍ନ ଭୋଜନ ବାବଦ ବ୍ୟୟ କରାଯାଉଛି । ଯୋଗାଣ ବିଭାଗ ଦ୍ୱାରା ୧୬-୧୧-୨୨ ସୁଦ୍ଧା ୩,୨୭,୦୩୦ ରେସନ୍‌କାର୍ଡ଼ ଜରିଆରେ ୧୧,୩୭,୦୯୨ ଲୋକଙ୍କୁ ସାଧାରଣ ବଣ୍ଟନ ବ୍ୟବସ୍ଥାରେ ଖାଉଟି ସାମଗ୍ରୀ ଯୋଗାଇ ଦିଆଯାଉଥିବାର ଜିଲ୍ଲା ଯୋଗାଣ ବିଭାଗ ତରଫରୁ ସୂଚନା ପ୍ରଦାନ କରାଯାଇଥିଲା ।

## ଉତ୍ତର ବାଲେଶ୍ୱର ପ୍ରେସ୍ କ୍ଲବ ପକ୍ଷରୁ ଜାତୀୟ ପ୍ରେସ୍ ଦିବସ ପାଳିତ



ଜଳେଶ୍ୱର,୧୬/୧୧ (ନି.ପ୍ର): ଉତ୍ତର ବାଲେଶ୍ୱର ପ୍ରେସ୍ କ୍ଲବ ପକ୍ଷରୁ ଭଂଜ କଲୋନୀଠାରେ ଜାତୀୟ ପ୍ରେସ୍ ଦିବସ ପାଳିତ ହୋଇ ଯାଇଛି । ଆୟୋଜିତ ସଭାରେ ବରିଷ୍ଠ ସାମ୍ବାଦିକ ଅବନୀ ଚାନ୍ଦ ଅଧ୍ୟକ୍ଷତା କରି ସାମ୍ବାଦିକ ମାନେ ନିରପେକ୍ଷ ଖବର ପରିବେଷଣ କରିବା ସହିତ ଖବର ପଛର ଖବର ସଂଗ୍ରହ ଲାଗି ଆହ୍ୱାନ ଦେଇଥିଲେ । ମୁଖ୍ୟ ଅତିଥିଭାବେ ଅଧ୍ୟାପକ ସୁକାନ୍ତ ଗିରି ଯୋଗ ଦେଇ ସାମ୍ବାଦିକ ମାନଙ୍କ ବହୁବିଧ ସମସ୍ୟା ସଂପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅରୁଣ ବେଜ, ରିଆଜ ଖାଁ, କମଳ ଚକ୍ରବର୍ତ୍ତୀ, ସୁକୁମାର ରଣା, ଝରଣା ସିଂ ପ୍ରମୁଖ ବକ୍ତବ୍ୟ ରଖିଥିବା ବେଳେ ଅନ୍ୟ ରାଜ୍ୟ ସରକାରଙ୍କ ଭଳି ସାମ୍ବାଦିକ ମାନଙ୍କୁ ଭତ୍ତା ପ୍ରଦାନ କରିବାକୁ ଦାବି କରିଥିଲେ। ଫାଲଗୁନୀ ପାଣିଗ୍ରାହୀ, ରବିନ୍ଦ୍ର ସେନାପତି, ସୁଶାନ୍ତ ପ୍ରଧାନ, ଅମର ଆଚାର୍ଯ୍ୟ, ଦୀନବନ୍ଧୁ ପ୍ରଧାନ, ଅଶୋକ ଦାସ, ମନୋଜ ଭୂୟାଁ, ରବିନାରାୟଣ ପାତ୍ର, ଅଜୟ ଚକ୍ରବର୍ତ୍ତୀ, ତପନ ନାୟକ, ବିନୟ ପ୍ରଧାନ, ଗୌରୀ ଶଂକର ମହାନ୍ତି, ଦୁର୍ଗାଶଂକର ଗିରି, ତପୋଇ ଖଟୁଆ, ନିମାଇଁ ଘୋଷ, ଅଶ୍ୱିନୀ ନାଥ, ଗୌରଗୋପାଳ ସେନ୍, ଆଶିଷ ଗିରି, ରାଜେଶ ପ୍ରଧାନ, ଗୋପବଂଧୁ ସାହୁ ପ୍ରମୁଖ ଉପସ୍ଥିତ ରହି ସେମାନଙ୍କ ସୁଚିନ୍ତିତ ମତବ୍ୟକ୍ତ କରିଥିଲେ । ସଂଗଠନର ସଂପାଦକ ପତିତପାବନ ପ୍ରଧାନ ଉଦ୍ଦେଶ୍ୟ ଜ୍ଞାପନ ଓ ଧନ୍ୟବାଦ ପ୍ରଦାନ କରିଥିଲେ । ଏଥିରେ ଜଳେଶ୍ୱରର ବହୁ ଜନସାଧାରଣ ଯୋଗ ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No-(06782) 263704,267078, Fax-(06782) 267078

❒ Managing & Executive Editor : Srustidhar Parida
❒ Editor: Sairindhree Sahoo